52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075


# ଦୈନିକଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004/83 | Vol. : 45/ Issue : 115 | Brahmapur | Monday 08 June 2026 | ବର୍ଷ: ୪୫/ ଅଙ୍କ: ୧୧୫ | ସୋମବାର ୮ ଜୁନ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦


# ୨୦୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର



ଭୁବନେଶ୍ୱର, ୭।୬: ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶା ସରକାରଙ୍କ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଜଟଣୀ ନିର୍ବାଚନ ମଣ୍ଡଳୀର କୁମାର ବସ୍ତ ଲୋକନାଥ ବିଦ୍ୟାଳୟ ପ୍ରାଙ୍ଗଣରୁ ରାଜ୍ୟର ୨୦୪ ବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୧୮୮ଟିର କରାଯାଇଥିଲା ଭିତିପ୍ରସ୍ତର ସ୍ଥାପନ। ପ୍ରତି ପଞ୍ଚାୟତରେ ପର୍ଯ୍ୟାୟକ୍ରମେ ସ୍ଥାପନ ହେବ ଏହି ଗୋଦାବରିସ ଆଦର୍ଶ ବିଦ୍ୟାଳୟ । ପ୍ରତି ବିଦ୍ୟାଳୟ ପାଇଁ ୫ ଏକର ଜାଗା ୫ରୁ ୭ କୋଟି ବ୍ୟୟ ବରାଦ ପାଇଁ ହୋଇଛି ଧାର୍ଯ୍ୟ ।

ଏହି ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ । ଛାତ୍ରଛାତ୍ରୀଙ୍କ ମୂଳଦୁଆ ସୁଦୃଢ କରିବାରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏଥିରେ ବାଲବାଟିକାରୁ ଆରମ୍ଭ କରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ବ୍ୟବସ୍ଥା ରହିବ। ଅଭିଜ୍ଞ ଶିକ୍ଷକ ସହ ସ୍ମାର୍ଟ କ୍ଲାସରୁ, ଲବରୋଟୋରି, ଖେଳ ପଡିଆ, ଇତ୍ୟାଦିର ସୁବିଧା ରହିବ । କାର୍ଯ୍ୟକ୍ରମରେ ରାଜସ୍ବ, ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ପୂର୍ତ୍ତ ଅବକାରୀ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଜିଲ୍ଲାପାଳ ଅମ୍ରିତ ରତୁରାଜ, ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତିଶଙ୍କର ସାହୁ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟ ପରିଚାଳନାରେ ସହଯୋଗ କରିଥିଲେ ।

# ୪ ଦିନରେ ମୌସୁମୀ ଓଡ଼ିଶା ଛୁଇଁବ

ଭୁବନେଶ୍ୱର: ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗକୁ ଅଗ୍ରସର ହେଉଛି । ଜୁନ୍ ୭ ତାରିଖ ସୁଦ୍ଧା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରର ଆଉ କିଛି ଅଞ୍ଚଳ, ସମଗ୍ର ଉତ୍ତର-ପୂର୍ବ ବଙ୍ଗୋପସାଗର, ଉତ୍ତର-ପଶ୍ଚିମ ବଙ୍ଗୋପସାଗରର ଆଉ କିଛି ଅଞ୍ଚଳ, ସମଗ୍ର ନାଗାଲାଣ୍ଡ, ମଣିପୁର ଓ ମିଜୋରାମ ଏବଂ ତ୍ରିପୁରା, ଆସାମ ଓ ଅରୁଣାଚଳ ପ୍ରଦେଶର କେତେକ ଅଞ୍ଚଳକୁ ଅଗ୍ରସର ହୋଇଛି । ଆଗାମୀ ୩ରୁ ୪ ଦିନ ମଧ୍ୟରେ କେନ୍ଦ୍ରୀୟ ଆରବ ସାଗରର ଆଉ କିଛି ଅଞ୍ଚଳ, ମହାରାଷ୍ଟ୍ର, କର୍ଣ୍ଣାଟକ, ତେଲେଙ୍ଗାନାର କେତେକ ଅଞ୍ଚଳ, ଆନ୍ଧ୍ରପ୍ରଦେଶର ଆଉ କିଛି ଅଞ୍ଚଳ, ତାମିଲନାଡୁର ଅବଶିଷ୍ଟ ଅଞ୍ଚଳ ଏବଂ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର, ପଶ୍ଚିମ-କେନ୍ଦ୍ରୀୟ ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗରର ଆଉ କିଛି ଅଞ୍ଚଳ, ଛତିଶଗଡ଼ ଓ ଓଡ଼ିଶାର କେତେକ ଅଞ୍ଚଳ, ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଅବଶିଷ୍ଟ ଅଞ୍ଚଳ ଏବଂ ଉପ-ହିମାଳୟ ପଶ୍ଚିମବଙ୍ଗ ଓ ସିକ୍କିମର କେତେକ ଅଞ୍ଚଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ପାଣିପାଗ ଅନୁକୂଳ ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆଉ ୩ ଦିନ ଗରମ ଓ ଗୁଳୁଗୁଳି ପାଗ ଲାଗି ରହିବ । ୧୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ଅପରାହ୍ଣ କିମ୍ବା ସନ୍ଧ୍ୟା ସମୟରେ କାଳବୈଶାଖୀ ବର୍ଷା ହୋଇପାରେ ।

ରବିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହିତ ଘଣ୍ଟାପ୍ରତି ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି । ଏସବୁ ଜିଲ୍ଲାକୁ କାଳବୈଶାଖୀ ନେଇ ଅରେଞ୍ଜ ଆଲର୍ଟ ଦିଆ ଯାଇଛି । ସେହିଭଳି କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବଜ୍ରପାତ ଏବଂ ଘଣ୍ଟାପ୍ରତି ୪୦-୫୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି । ଏସବୁ ଜିଲ୍ଲାକୁ ଦିଆଯାଇଛି ୟେଲୋ ଆଲର୍ଟ । ସୋମବାର ବୌଦ୍ଧ, ବଲାଙ୍ଗିର ଓ କଳାହାଣ୍ଡି ଜିଲ୍ଲାର କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜନିତ ଉଷ୍ମ ରାତ୍ରି ସ୍ଥିତି ଅନୁଭୂତ ହୋଇପାରେ । ବାଲେଶ୍ବର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ବୌଦ୍ଧ, ବଲାଙ୍ଗିର, କଳାହାଣ୍ଡି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗରମ ଏବଂ ଗୁଳୁଗୁଳି ନେଇ ୟେଲୋ ଆଲର୍ଟ ଦିଆଯାଇଛି । ପାଣିପାଗ ବିଭାଗ ଅନୁସାରେ, ଜୁନ୍ ୭ ଓ ୮ ତାରିଖରେ ଉତ୍ତର ଓଡ଼ିଶା ଉପକୂଳ ସମୁଦ୍ର ଅଶାନ୍ତ ରହିବ । ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବା ସମ୍ଭାବନା ରହିଛି । ସମୁଦ୍ର ଅଶାନ୍ତ ରହୁଥିବାରୁ ଏହି ସମୟରେ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି ।

### ବ୍ରହ୍ମପୁର କନଷ୍ଟେବଲ ନିଆଁରେ ପୋଡ଼ି ହେବା ଘଟଣାରେ ନୂଆମୋଡ

# ସ୍ତ୍ରୀ ଓ ଶାଳକ ପେଟ୍ରୋଲ ଢାଳି ଲଗାଇଥିଲେ ନିଆଁ !

## ଗୁରୁତର କନଷ୍ଟେବଲ ଆଶୁତୋଷ ମୃଦାଙ୍ଗିଆ କଲେ ଅଭିଯୋଗ

ବ୍ରହ୍ମପୁର୦୭/୦୬: ବ୍ରହ୍ମପୁର କନଷ୍ଟେବଲ ନିଆଁରେ ପୋଡ଼ି ଗୁରୁତର ହେବା ଘଟଣା ଏବେ ନୂଆମୋଡ଼ ନେଇଛି। ଅନ୍ୟକେହି ନୁହେଁ ଖୋଦ ତାଙ୍କ ସ୍ତ୍ରୀ ଏବଂ ଶାଳକ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା କହିଛନ୍ତି କନଷ୍ଟେବଲ ଆଶୁତୋଷ ମୃଦାଙ୍ଗିଆ। ଆଶୁତୋଷଙ୍କ ପତ୍ନୀ ଓ ଶଳା ତାଙ୍କୁ ପେଟ୍ରୋଲ୍ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ କରିଥିବା ନେଇ ସାଂଘାତିକ ଅଭିଯୋଗ ଆଣିଛନ୍ତି ଖୋଦ ଆଶୁତୋଷ । ପୂର୍ବରୁ ଆଶୁତୋଷଙ୍କ ଭଉଣୀ ନିବେଦିତାଙ୍କ ଏନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଟାଉନ୍ ଥାନା ପୁଲିସ କେସ୍ ନଂ ୨୪୭/୨୬ରେ ଏକ ମାମଲା ରୁଜୁ କରିଥିବା ବେଳେ ଘଟଣାର ତଦନ୍ତ କରାଯାଉଛି ବୋଲି ବ୍ରହ୍ମପୁର ଏସ୍‌ପି ଡା. ଶରବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ଗତକାଲି ଗୁରୁତର



ଅବସ୍ଥାରେ ଆଶୁତୋଷଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତରୀ ଦଳ ତାଙ୍କ ପ୍ରାଥମିକ ଚିକିତ୍ସା କରିଥିଲେ । ତାଙ୍କ ଶରୀରର ୭୫ ଭାଗ ପୋଡ଼ି ଯାଇଥିବା ଏମ୍‌କେସିଜି ଅଧୀକ୍ଷକ ପ୍ରଫେସର ଡା. ସୁଦୀପା ଦାଶ କହିଛନ୍ତି। ଗତକାଲି ରାତିରେ ବ୍ରହ୍ମପୁର ଏସ୍‌ପି ଏମକେସିଜି ଯାଇ ଆହତଙ୍କୁ ଭେଟିଥିବା ବେଳେ ପୁଲିସ ଘଟଣାର ସବୁ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି। ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ କିଛି ସାମଗ୍ରୀ ଜବତ କରିଛନ୍ତି।

ସୂଚନା ଅନୁଯାୟୀ, ଆଶୁତୋଷ ଓଏମ୍‌ଭିଡିରେ କନେଷ୍ଟବଳ ଥିବା ବେଳେ ତାଙ୍କ ପତ୍ନୀ ବି ଜଣେ କନେଷ୍ଟବଳ। ଏ ଘଟଣାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଗୁରୁତର ଆଶୁତୋଷଙ୍କ ମାଆ ଏମ୍‌କେସିଜିରେ ପହଞ୍ଚି ପୁଅକୁ ତା' ପତ୍ନୀ ଓ ସମ୍ପର୍କୀୟ ପେଟ୍ରୋଲ୍ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ କରିଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ନିବେଦନ କରିଛନ୍ତି। ଆଶୁତୋଷ ୨୦୨୫ ଫେବୃଆରିରେ ସନ୍ଧ୍ୟା ନାୟକଙ୍କୁ ପ୍ରେମ ବିବାହ କରିଥିଲେ । ବିଜିପୁର ପୁଲିସ କ୍ବାର୍ଟର୍ସରେ ସେମାନେ ରହୁଥିଲେ ଯୌତୁକ ନିର୍ଯାତନା ସହ ହତ୍ୟା ଉଦ୍ୟମ ଅଭିଯୋଗରେ ମହିଳା ଥାନା ପୁଲିସ କେସ୍ ନଂ ୪୯/୨୬ ରେ ପୂର୍ବରୁ ଆଶୁତୋଷଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ପରେ ସେ ଜାମିନରେ ମୁକୁଳିଥିଲେ। ଗତକାଲି ଆଶୁତୋଷ କନେଷ୍ଟବଳ ସନ୍ଧ୍ୟା ନାୟକଙ୍କ କ୍ୱାର୍ଟର୍ସକୁ ଯାଇଥିଲେ। ସେଠାରୁ ଆଶୁତୋଷ ହୁତୁହୁତ୍ ଜଳି ଦୌଡ଼ୁଥିବା ଦେଖିବା ପରେ ଗୁରୁତର ଅବସ୍ଥାରେ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ସେ ଏମ୍‌କେସିଜିର ଆଇସିୟୁରେ ଚିକିତ୍ସାଧୀନ ଥିବା ଜଣାଯାଇଛି ।

# ଦିଲ୍ଲୀ ଗସ୍ତ ସାରି ଓଡ଼ିଶା ଫେରିଲେ ନବୀନ

ଭୁବନେଶ୍ୱର ୦୭।୦୬ : ଦିଲ୍ଲୀ ଗସ୍ତ ସାରି ଫେରିଲେ ନବୀନ ପଟ୍ଟନାୟକ । ୬ ଦିନିଆ ଦିଲ୍ଲୀ ଗସ୍ତ ସାରି ଓଡ଼ିଶା ଫେରିଲେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ବିମାନବନ୍ଦରରେ ଦଳୀୟ କର୍ମୀଙ୍କ ପକ୍ଷରୁ କରାଯାଇଛି ଜୋରଦାର ସ୍ୱାଗତ ।

ଖବର ଅନୁଯାୟୀ, ଗତ ଦୁଇ ତାରିଖରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦିଲ୍ଲୀ ଯାଇଥିଲେ। ୬ ଦିନ ପରେ ରବିବାର ଦିନ ମଧ୍ୟାହ୍ନ ସମୟରେ ଭୁବନେଶ୍ୱର ଫେରିଛନ୍ତି ନବୀନ । ଏହା ତାଙ୍କର ରୁଟିନ ଭିଜିଟ ଥିଲା। ଏକ ଘରୋଇ କାର୍ଯ୍ୟକ୍ରମରେ ସେ ଦିଲ୍ଲୀ ଯାଇଥିଲେ ବୋଲି ସୂଚନା ଦେଇଛନ୍ତି ବିଜେଡି ବରିଷ୍ଠ ଉପସଭାପତି ଦେବୀ ମିଶ୍ର । ଏପଟେ ନବୀନ ପଟ୍ଟନାୟକଙ୍କୁ ବିମାନ ବନ୍ଦରରେ ସ୍ୱାଗତ କରିବା ପାଇଁ ଦଳୀୟ ନେତା ଉପସ୍ଥିତ ଥିଲେ।ବିମାନବନ୍ଦର ପରିସରରେ କର୍ମୀଙ୍କ ପକ୍ଷରୁ ଜୋରଦାର ସ୍ୱାଗତ କରାଯାଇଛି ।

# ବାପା-ଝିଅଙ୍କୁ ମଡାଇଦେଲା ଟ୍ରକ୍

ସୋର ୭।୬: ଏମିତି ବି ଆସେ ମୃତ୍ୟୁ । ଡକା ଡକି ହୋଇ ଚାଲିଗଲେ ବାପ-ଝିଅ । ବାଇକ୍‌ରେ ଯାଉଥିଲେ । ହଠାତ୍ ଆସି ଧକ୍କା ଦେଲା ଟ୍ରକ୍ । ବାଇକ୍କୁ ଚାପିଦେଇ ଚାଲିଗଲା ଦ୍ରୁତଗାମୀ ଟ୍ରକ୍ । ଚକ ତଳେ ଚାଲିଗଲା ଉଭୟ ବାପ-ଝିଅଙ୍କ ଜୀବନ । ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱର ଠାରେ ଘଟିଛି ଦୁର୍ଘଟଣା । ବାଇକ୍ ପଛରୁ ଟ୍ରକ ଧକ୍କା ଦେଲା ଘଟଣା ସ୍ଥଳରେ ଚାଲିଗଲା ବାପା ଝିଅଙ୍କ ଜୀବନ ସୂଚନାଯୋଗ୍ୟ ଯେ, ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱର ଠାରେ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ରହଣିଆ ଗ୍ରାମର ମନୋଜ ଦାସ ଓ ତାଙ୍କ ୭ ବର୍ଷୀୟ ଝିଅ ସହ ବାଲେଶ୍ୱର ପଟୁ ବାଇକ୍ ଯୋଗେ ଫେରୁଥିଲେ । ଏହି ସମୟରେ ତାଙ୍କ ବାଇକ୍କୁ ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କା ଦେଇ ଚାଲିଯାଇଥିଲା । ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ହିଁ ବାପ-ଝିଅଙ୍କ ଜୀବନ ଚାଲିଯାଇଛି । ଦୁର୍ଘଟଣା ପରେ ବାଲେଶ୍ୱର-ଭୁବନେଶ୍ୱର ରାଜପଥ କିଛି ସମୟ ବନ୍ଦ ରହିଥିଲା ସୋର ପୋଲି ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କ ମୃତଦେହ ଉଦ୍ଧାର କରି ସୋର ଡାକ୍ତରଖାନା ପଠାଇଥିବା ବେଳେ ଦୁର୍ଘଟଣା ଘଟାଇଥିବା ଟ୍ରକ୍କୁ ଜବତ କରିଥିଲା ।

### ରାଜ୍ୟ ସଚିବାଳୟରୁ ଫାଇଲ୍ ଗାଏବ ପ୍ରସଙ୍ଗ

# ସରକାରଙ୍କୁ ଘେରିଲା ବିଜେଡି, ତଥ୍ୟ ମାଗିଲା ବିଜେପି

ଭୁବନେଶ୍ୱର, ୭।୬: ରାଜ୍ୟ ସଚିବାଳୟରୁ ଦୁଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ କମିସନଙ୍କ ଫାଇଲ୍ ଗାଏବ ହେବା ଘଟଣାକୁ ନେଇ ଏବେ ରାଜ୍ୟ ରାଜନୀତି ସରଗରମ ହୋଇଛି । ଏହି ପ୍ରସଙ୍ଗରେ ଶାସକ ବିଜେପି ଏବଂ ବିରୋଧୀ ବିଜେଡି ମଧ୍ୟରେ ବାକ୍‌ଯୁଦ୍ଧ ଚରମସୀମାରେ ପହଞ୍ଚିଛି । ଏକ ସାମ୍ବାଦିକ ସମ୍ମିଳନୀ କରି ବିରୋଧୀ ବିଜେଡି ସରକାରଙ୍କୁ ତୀବ୍ର ସମାଲୋଚନା କରିଛି । ବିଜେଡି ନେତାମାନେ ପ୍ରଶ୍ନ ଉଠାଇଛନ୍ତି ଯେ, ଯଦି ସର୍ବୋଚ୍ଚ ପ୍ରଶାସନିକ କେନ୍ଦ୍ର ତଥା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପରି ସ୍ଥାନ ସୁରକ୍ଷିତ ନୁହେଁ, ତେବେ ରାଜ୍ୟରେ ସାଧାରଣ ଜନତାଙ୍କ ସୁରକ୍ଷା କେଉଁଠି ବିଜେଡି ଅଭିଯୋଗ କରିଛି ଯେ ଫାଇଲ୍




ହଜିବା କଥା କେବଳ ଏକ ବାହାନା, ବାସ୍ତବରେ କୌଣସି ବଡ଼ ସତ୍ୟକୁ ଲୁଚାଇବା ପାଇଁ ଜାଣିଶୁଣି ଏହାକୁ ଗାଏବ କରାଯାଇଛି । ବିଭାଗୀୟ ମନ୍ତ୍ରୀ ଏହି ଘଟଣାକୁ ସ୍ୱୀକାର କରିଥିବାରୁ ବିଜେଡି ବିଧାୟକ ତାଙ୍କୁ ଧନ୍ୟବାଦ ଦେବା ସହ ସରକାରଙ୍କ ସ୍ପଷ୍ଟୀକରଣ ଦାବି କରିଛନ୍ତି । ଅପରପକ୍ଷରେ, ବିଜେଡିର ଏହି ସାମ୍ବାଦିକ ସମ୍ମିଳନୀ ଉପରେ କଡ଼ା ପ୍ରତିକ୍ରିୟା ରଖିଛି ବିଜେପି । ବିଜେପି ବିଧାୟକ କହିଛନ୍ତି ଯେ ବିରୋଧୀ ଦଳ କେବଳ ରାଜନୀତି କରିବା ପାଇଁ ଏଭଳି ମନଗଢ଼ା ଅଭିଯୋଗ ଆଣୁଛନ୍ତି । ଯଦି ବିରୋଧୀଙ୍କ ପାଖରେ ଫାଇଲ ଗାଏବ ସମ୍ପର୍କରେ ପୂର୍ବରୁ କୌଣସି ସୂଚନା ଥିଲା, ତେବେ ସେମାନେ ପୋଲିସ କିମ୍ବା ପ୍ରଶାସନକୁ କାହିଁକି ଜଣାଇଲେ ନାହିଁ । ବିଜେପି ଆହୁରି ମଧ୍ୟ କହିଛି ଯେ କୌଣସି ଘଟଣାର ତଦନ୍ତ ସରିବା ପୂର୍ବରୁ ନିଜେ ନିଷ୍କର୍ଷ ବାହାର କରିବା ଏବଂ ଅନୁମାନ ଆଧାରରେ ଲୋକଙ୍କୁ ଭ୍ରମିତ କରିବା ଠିକ୍ ନୁହେଁ । ବର୍ତ୍ତମାନର ସରକାର ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ପାରଦର୍ଶୀ ତଦନ୍ତରେ ବିଶ୍ୱାସ କରନ୍ତି । ଯଦି ବିରୋଧୀଙ୍କ ପାଖରେ କିଛି ନିଶ୍ଚିତ ତଥ୍ୟ ବା ପ୍ରମାଣ ଅଛି, ତେବେ ସେମାନେ ତାହା ସରକାରଙ୍କୁ ହସ୍ତାନ୍ତର କରନ୍ତୁ । ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ସତ୍ୟ ସାମ୍ନାକୁ ଆସିବ ବୋଲି ଶାସକ ଦଳ ଦୃଢ଼ୋକ୍ତି ପ୍ରକାଶ କରିଛି । ଏହି ଫାଇଲ୍ ଗାଏବ ବିବାଦ ଆଗାମୀ ଦିନରେ ରାଜ୍ୟ ରାଜନୀତିକୁ ଆହୁରି ଉଷ୍ମ କରିବ ବୋଲି ମନେହେଉଛି ।

### ସହରରେ ଫେଲ୍ ସରକାରଙ୍କ ଜଳ ଜୀବନ ମିଶନ

# ପାନୀୟ ଜଳ ପାଇଁ ସଂଘର୍ଷ କରୁଛନ୍ତି ୨୦ ପରିବାର

ସମ୍ବଲପୁର, ୭।୬ : ଆଧାର ଅଛି ଭୋଟର କାର୍ଡ ବି ଅଛି । ମହାନଗର ଅଞ୍ଚଳରେ ଜେଣତେଣ ପ୍ରକାରେ ମୁଣ୍ଡ ଗୁଞ୍ଜିବାକୁ ଜାଗା ବି ମିଳିଛି । କିଏ ପିଏମ ଆବାସ ଯୋଜନାରେ ଘର ଖଣ୍ଡେ ହେଉ ତ କିଏ ପୁଣି ଝାଟିମାଟି ଘର କରି ଆଶ୍ରୟ ନେଇଛନ୍ତି । ପାଣି ପିଇବାକୁ ହେଲେ କାଖରେ ଗରା ଧରି ଉହଡହ ଖରାରେ ମହାନଦୀକୁ ଯିବାକୁ ପଡେ । ସହରାଞ୍ଚଳରେ ରହି ମଧ ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ ୨୦ ପରିବାର । ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ସମ୍ବଲପୁର ସହରର ଦୁର୍ଗାପାଲି ନିକଟ ତଳିପଡ଼ାରେ । ଏଠାରେ ଦୀର୍ଘ ବର୍ଷ ହେଲା ୨୦ ରୁ ଅଧିକ ଗରିବ ଶ୍ରେଣୀର ପରିବାର ପିଇବା ପାଣି ଓ ରାସ୍ତା ପାଇଁ ସଂଘର୍ଷ କରି ଆସୁଛନ୍ତି । ସ୍ଥାନୀୟ ବାସିନ୍ଦା ବୋଇତ ପାତ୍ର କୁହନ୍ତି ''ଦୀର୍ଘ ୨୫ ବର୍ଷ ହେଲା ଏଠି ରହୁଛୁ। ଆମର ଏଠାରେ ପାଣି ଓ ରାସ୍ତା ସମସ୍ୟା ଲାଗି ରହିଛି ।ପିଇବା ପାଣି ପାଇଁ ଆମକୁ ମହାନଦୀକୁ ଯିବାକୁ ପଡୁଛି । ସେହି ପାଣିକୁ ଆମେ ନିତ୍ୟ ବ୍ୟବହାର୍ଯ୍ୟ କାମରେ ଲଗାଉଛୁ । ଗାଁରେ ବରଂ ସବୁ ସୁବିଧା ଅଛି । ଏଠି ଆମେ ସହରରେ ରହି ମଧ କିଛି ସୁବିଧା ପାଉନାହୁଁ । ଭୋଟ ଆସିଲେ ନେତା ମନ୍ତ୍ରୀ ଆସି ଆମକୁ ଭୋଟ ମାଗୁଛନ୍ତି, ଭୋଟ ସରିଗଲେ ଭୁଲି ଯାଉଛନ୍ତି''। ସମ୍ବଲପୁର ମହାନଗର ନିଗମ ଗୁଡ଼େଶ୍ୱର ମନ୍ଦିର ପଛପଟେ ଥିବା ଝରାପଡ଼ା ଅଞ୍ଚଳଟି ୧୫ ନମ୍ବର ୱାର୍ଡରେ ରହିଛି। ସମ୍ବଲପୁର ମହାନଗର ନିଗମର ନୂତନ କାର୍ଯ୍ୟାଳୟରୁ ୨ କିମି ଦୂରତା ମଧ ହେବ ନାହିଁ । ଏଠାରେ ପ୍ରାୟତଃ ୨୦ ରୁ ୩୦ ପରିବାର ଦୀର୍ଘ ୨୫ ବର୍ଷ ଧରି ରହି ଆସୁଛନ୍ତି । ସମସ୍ତ ପରିବାର ଶ୍ରମିକ ଶ୍ରେଣୀର । ଦୀପ ତଳ ଅନ୍ଧାର ଭଳି ସମସ୍ତ ସରକାରୀ ସୁବିଧା ଏଠାରେ ଅପହଞ୍ଚ । ଅଞ୍ଚଳବାସୀଙ୍କ ପାଇଁ ଏକ ନଳକୂପର ମଧ ବ୍ୟବସ୍ଥା କରାଯାଇଛି । ହେଲେ ସେଥିରୁ କେତେବେଳେ ପାଣି ବାହାରୁଛି ତ କେତେବେଳେ ନାହିଁ । ଯେତେବେଳେ ପାଣି ବାହାରୁଛି ତାହା ଗୋଳିଆ ପାଣି ଓ ପିଇବା ଯୋଗ୍ୟ ହେଉନାହିଁ । ନା ଏମାନଙ୍କ ପାଖରେ ପିଏଚଡି ପାଇପ ପହଂଚିଛି ନା ପିଏଚଡି ଟ୍ୟାଙ୍କର ପହଁଚୁଛି । ଖରା ଦିନରେ ଏମାନଙ୍କ ପାନୀୟ ଜଳକଷ୍ଟ ନ କହିଲେ ଭଲ । ସହର ମଧ ଦେଇ ଯାଇଥିବା ମହାନଦୀ ଏମାନଙ୍କ ତୃଷ୍ଣା ମେଣ୍ଟାଏ । ଅନ୍ୟଜଣେ ଯୁବକଙ୍କ କହିବା କଥା '' ମହାନଦୀର ଗୋଳିଆ ପାଣି ହିଁ ଆମ ସାହା ଭରସା । ଖରା ହେଉକି ବର୍ଷା ଦିନ ହେଉ ଆମେ ମହାନଦୀ ପାଣିକୁ ବ୍ୟବହାର କରୁଛୁ। ଆମ ଏହି ପଡ଼ାର ମହିଳା ମାନେ ନିଜ ଛୋଟ ଛୁଆଙ୍କୁ ଧରି ନଦୀକୁ ପାଣି ଆଣିବାକୁ ଯାଆନ୍ତି। ଏହା ଆମର ନିତିଦିନିଆ କାମ । ପୁରୁଷ ମାନେ ଭାରରେ ମହାନଦୀରୁ ପାଣି ଆଣନ୍ତି ।'' ଅନ୍ୟପଟେ ଏହି ଅଞ୍ଚଳରୁ ସହରର ମୁଖ୍ୟ ସଡ଼କ ଯାଏଁ ଭଲ ରାସ୍ତା ଟିଏ ନାହିଁ ।

ଫଳରେ କୌଣସି ବ୍ୟକ୍ତି ଅସୁସ୍ଥ ହେଲେ ଘର ନିକଟକୁ ଆମ୍ବୁଲାନ୍ସ ମଧ ଆସି ପାରୁନାହିଁ। ରୋଗୀଙ୍କୁ କିଛି ଦୂର ବୋହିକି ନେବାକୁ ପଡେ । ସବୁଠାରୁ ବଡ଼ କଥା ହେଲା ଏମାନେ ଏହି ସମସ୍ୟା ନେଇ ବାରମ୍ବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ମଧ ରାସ୍ତାଘାଟ କି ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇ ପାରୁନାହିଁ । ଏହି ଅଞ୍ଚଳରେ ରହି ଆସୁଥିବା ଗୋପାଳ ପାତ୍ର କୁହନ୍ତି '' ଆମେ ପୌରାଞ୍ଚଳରେ ରହୁଥିଲେ ମଧ ଆମର କୌଣସି ସୁବିଧା ନାହିଁ। ନା ରାସ୍ତା ଅଛି ନା ପିଇବା ପାଣିର ବ୍ୟବସ୍ଥା । ମୋତେ ଏପର୍ଯ୍ୟନ୍ତ ଭତ୍ତା ମଧ ମିଳୁନାହିଁ । ଆମ ପାଖରେ ଭୋଟର କାର୍ଡ, ଆଧାର କାର୍ଡ ଅଛି । ସବୁ ନିର୍ବାଚନରେ ଭୋଟ ମଧ ଦେଉଛୁ । ନିର୍ବାଚନ ଆସିଲେ ନେତା ମାନେ ଆସି ସବୁ ସୁବିଧା କରିଦେବୁ ବୋଲି କୁହନ୍ତି ତେବେ ପରେ ଭୁଲି ଯାଆନ୍ତି ''।ସେହିପରି ଆଉ ଜଣେ ସ୍ଥାନୀୟ ମହିଳା ସୁନିତା ନାୟକ କୁହନ୍ତି ଯେ ''ବିବାହ ପରେ ଗତ ୪ ବର୍ଷ ହେଲା ମୁଁ ଏଠାରେ ରହୁଛି । ଆସିବା ପରଠୁ ପାଣି ଓ ରାସ୍ତାର ସମସ୍ୟା ଦେଖି ଆସୁଛି । ବୋଧହୁଏ ଆମେ ଗରିବ ଲୋକ ବୋଲି ସରକାର ଆମ କଥା ବୁଝୁ ନାହାନ୍ତି। ପାଣି ସମସ୍ୟା ହେଉ କି ରାସ୍ତା ସରକାରୀ ଘର ମଧ ମିଳୁନାହିଁ। ସରକାରଙ୍କୁ ଅନୁରୋଧ ଆମ ସମସ୍ୟାର ଯଥାଶୀଘ୍ର ସମାଧାନ କରନ୍ତୁ ''।ସରକାର ଗ୍ରାମାଞ୍ଚଳକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ବସୁଧା ଯୋଜନା ଓ ଜଳ ଜୀବନ ମିଶନ କାର୍ଯ୍ୟକାରୀ କରୁଛନ୍ତି । କିନ୍ତୁ ସହର ଭିତରେ ଥାଇ ପ୍ରତିଦିନ ପାଣି ପାଇଁ ଲଢେଇ କରୁଛନ୍ତି ପନ୍ଦର ନମ୍ବର ୱାର୍ଡ ବାସୀ ।

# କୀଟନାଶକ ନେଇଛି ୫୦୦ରୁ ଅଧିକ ଜୀବନ

ଜୟପୁର,୦୭।୦୬:ମାତ୍ର ଦୁଇ ବର୍ଷ । ହେଲେ ପ୍ରାଣ ହରାଇଛନ୍ତି ୫୦୦ରୁ ଅଧିକ କୃଷକ । ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ । ଏପରି ଘଟଣା ସାମ୍ନାକୁ ଆସିଛି ରାଜସ୍ଥାନରେ । ଯେଉଁଠି କୀଟନାଶକ ନେଇଛି ଶହ ଶହ କୃଷକଙ୍କ ଜୀବନ । ରାଜସ୍ଥାନ ବିଧାନସଭାରେ ଦାଖଲ ରିପୋର୍ଟରୁ ଏପରି ଚକିତ କଲା ଭଳି ତଥ୍ୟ ସାମ୍ନାକୁ ଆସିଛି ।କୃଷି ବିଭାଗର ତଥ୍ୟ ଅନୁସାରେ, ୨୦୨୪ ଜାନୁଆରୀରୁ ୨୦୨୬ ଜାନୁଆରୀ ମଧ୍ୟରେ ଚାଷ କାମ ବେଳେ କୀଟନାଶକ ସମ୍ପର୍କରେ କୃଷକମାନେ ଆସିଛନ୍ତି । ଫଳରେ ସେମାନେ ପ୍ରାଣ ହରାଇଛନ୍ତି । ବିକାନୀରରେ ସର୍ବାଧିକ ମୃତ୍ୟୁ ହୋଇଛି । ଏହାପରେ ଚୁରୁ, ହନୁମମାନଗଡ ଏବଂ ଝାଲାବାଡରେ କୃଷକ ପ୍ରାଣ ହରାଇଛନ୍ତି । ଜୋଧପୁରରେ ୩୮ ଜଣ ପ୍ରାଣ ହରାଇଛନ୍ତି । ସେହିପରି ଶ୍ରୀଗଙ୍ଗା ନଗର ଏବଂ ବ୍ୟାବରରେ ୩୧ ଜଣ ଲେଖାଏଁ କୃଷକ ମୃତ୍ୟୁ ମୁଖରେ ପଡିଛନ୍ତି ।ଏଥିପାଇଁ ସରକାର କ୍ଷତିଗ୍ରସ୍ତ ଏବଂ ପ୍ରାଣ ହରାଇଥିବା କୃଷକଙ୍କ ପରିବାରକୁ ୫.୧ କୋଟି ଟଙ୍କା ପ୍ରଦାନ କରିଛନ୍ତି । ତେବେ ଭିନ୍ନ ଭିନ୍ନ ସ୍ଥାନରେ କ୍ଷତିପୂରଣ ରାଶିରେ ଫରକ ସାମ୍ନାକୁ ଆସିଛି । ଅର୍ଥ ଏବଂ ମୃତକଙ୍କ ସଂଖ୍ୟାରେ ତାଳମେଳ ରହୁନି । ବୀକାନିରରେ କ୍ଷତିପୂରଣ ବାବଦରେ ୯୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଚୁରୁକୁ ୭୨ ଲକ୍ଷ, ଜୋଧପୁରକୁ ୫୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ତେବେ କୃଷି ବିଭାଗର ଦସ୍ତାବିଜରେ କୃଷକଙ୍କ ମୃତ୍ୟୁର ପ୍ରକୃତ ତଥ୍ୟ କୁହାଯାଇ ନାହିଁ । ଏଥିରେ ଚାଷ କାମ ବେଳେ କୀଟନାଶକ ପ୍ରୟୋଗ ସହ ଜଡିତ ମୃତ୍ୟୁ ସାମିଲ ରହିଛି । ଯାହାକୁ ଅଧିକାରୀମାନେ ବିଭାଗକୁ ପ୍ରଦାନ କରିଥିଲେ । କିଶୱନପୋଲ ବିଧାୟକ ଅମୀନ କାଗଜି କହିଛନ୍ତି ଯେ, ଚାଷ ଜମିରେ କାର୍ଯ୍ୟ କରିବା ସମୟରେ ଶହଶହ କୃଷକ ପ୍ରାଣ ହରାଇଛନ୍ତି । ସରକାର କେବଳ କ୍ଷତିପୂରଣ ଦେଇ ଦାୟିତ୍ୱରୁ ଓହରି ଯାଉଛନ୍ତି । କୀଟନାଶକ ବ୍ୟବହାର ପାଇଁ ଶକ୍ତ ଆନ୍ ଆସିବା ଜରୁରୀ । କୃଷକଙ୍କ ପାଇଁ ବ୍ୟାପକ ସୁରକ୍ଷା କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି । କୃଷକଙ୍କ ମୃତ୍ୟୁ ସହ ବିଧାନସଭାରେ ଆଉ ଏକ ଚିନ୍ତାଜନକ ବିଷୟ ସାମ୍ନାକୁ ଆସିଛି ।

ଏହି ଦୁଇ ବର୍ଷର ଅବଧିରେ ୧୮୯ଟି କୀଟନାଶକର ନମୂନା ଗୁଣବତ୍ତା ପରୀକ୍ଷାରେ ବିଫଳ ହୋଇଛି । ରାଜସ୍ଥାନରେ ମୋଟ୍ ୫୫୭୦ କୀଟନାଶକ ମଧ୍ୟରୁ ୫୫୨୧କୁ ବିଶ୍ଳେଷଣ କରାଯାଇଥିଲା । ଯେଉଁଥିରେ ୫୩୩୨ ନମୂନା ମାନଦଣ୍ଡ ପୂରଣ କରୁଥିଲା । ୧୮୯ଟି ଅତି ନିକୃଷ୍ଟ ଥିଲା । ଯାହା ପରେ ଅଧିକାରୀମାନେ ଏବାବଦରେ କମ୍ପାନୀକୁ ନୋଟିସ କରିଥିଲେ । ୧୪ଟି ଲାଇସେନ୍ସ ବାତିଲ କରିବା ସହ ୨୨ଟି ରଦ୍ଦ କରିଥିଲେ ।

# ରାଇରଙ୍ଗପୁର ନବନିର୍ମିତ ଷ୍ଟାଡିୟମର ନାମକରଣ ସ୍ୱର୍ଗତ ସୁନାରାମ ସୋରେନଙ୍କ ନାମରେ ନାମିତ କରିବାକୁ ଦାବି

## ଉପଖଣ୍ଡ ଉପଜିଲ୍ଲାପାଳଙ୍କ ଜରିଆରରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ



ରାଇରଙ୍ଗପୁର, ୭।୬ (ଆନିସ):ରାଇରଙ୍ଗପୁର ପୌରପାଳିକା ଅନ୍ତର୍ଗତ ବାରିଦାପୋଷି ୱାର୍ଡ ନଂ ୨ ଠାରେ ନବନିର୍ମିତ ହୋଇଥିବା ଷ୍ଟାଡିୟମର ନାମକରଣ ଆଦିବାସୀ ସମାଜର ମହାନ ଜନନାୟକ ତଥା ଶିକ୍ଷାବିତ୍ ସ୍ୱର୍ଗତ ସୁନାରାମ ସୋରେନଙ୍କ ସ୍ମୃତିରେ କରିବା ପାଇଁ ଜୋରଦାର ଦାବି ହୋଇଛି। ଏହି ସମ୍ପର୍କରେ 'ଆଦିବାସୀ ଏକତା ମଞ୍ଚ, ବାମନଘାଟୀ' ତରଫରୁ ଉପ-ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମଞ୍ଚର ସଦସ୍ୟ ମାନଙ୍କ କହିବା ଅନୁଯାୟୀ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଶାରେ,ବିଶେଷ କରି ମୟୂରଭଞ୍ଜ ଓ ବାମନଘାଟୀ ଅଞ୍ଚଳରେ ଆଦିବାସୀ ସମାଜର ଶିକ୍ଷା ଓ ପ୍ରଗତି ଦିଗରେ ସ୍ୱର୍ଗତ ସୁନାରାମ ସୋରେନଙ୍କ ଅବଦାନ ଅତୁଳନୀୟ। ସେ ସମାଜର ବିକାଶ ଓ ମହିଳା ଶିକ୍ଷାର ପ୍ରସାର ପାଇଁ ସାରା ଓଡ଼ିଶାରେ ଅନେକ କନ୍ୟା ଆଶ୍ରମ ପ୍ରତିଷ୍ଠା କରିଥିଲେ।

ଏହି କନ୍ୟା ଆଶ୍ରମରୁ ଶିକ୍ଷାଲାଭ କରି ଅନେକ ଛାତ୍ରଛାତ୍ରୀ ଆଜି ଦେଶର ବିଭିନ୍ନ ଉଚ୍ଚ ପଦ ପଦବୀ ରେ କାର୍ଯ୍ୟରତ ଅଛନ୍ତି। ଗୌରବର ବିଷୟ ଯେ, ଭାରତର ସର୍ବୋଚ୍ଚ ସାମ୍ବିଧାନିକ ପଦ ଅଳଂକୃତ କରିଥିବା ମାନନୀୟା ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମଧ୍ୟ ନିଜର ପ୍ରାଥମିକ ଶିକ୍ଷା ସ୍ୱର୍ଗତ ସୋରେନଙ୍କ ଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନରୁ ହିଁ ଗ୍ରହଣ କରିଥିଲେ। ସମ୍ପ୍ରତି ରାଷ୍ଟ୍ରପତିଙ୍କ ରାଇରଙ୍ଗପୁର ଗସ୍ତ ସମୟରେ ମହୁଲଡିହା ସ୍ଥିତ କନ୍ୟା ଆଶ୍ରମ ପରିସରରେ ସ୍ୱର୍ଗତ ସୋରେନଙ୍କ ଏକ ପ୍ରତିମୂର୍ତ୍ତି ମଧ୍ୟ ଉନ୍ମୋଚିତ ହୋଇସାରିଛି। ଆଦିବାସୀ ଏକତା ମଞ୍ଚର ପ୍ରତିନିଧି ଦଳ ପ୍ରକାଶ କରିଛନ୍ତି ଯେ, ଓଡ଼ିଶାର ଇତିହାସରେ ସ୍ୱର୍ଗତ ସୁନାରାମ ସୋରେନଙ୍କୁ ଉପଯୁକ୍ତ ସ୍ଥାନ ଦେବା ସହ ନବନିର୍ମିତ ରାଇରଙ୍ଗପୁର ଷ୍ଟାଡିୟମକୁ ତାଙ୍କ ନାମରେ ନାମିତ କରାଗଲେ, ଏହା ତାଙ୍କ ପ୍ରତି ଏକ ପ୍ରକୃତ ସମ୍ମାନ ହେବ। ଏହି ନିଷ୍ପତ୍ତି ଦ୍ୱାରା ସମଗ୍ର ବାମନଘାଟୀ ତଥା ମୟୂରଭଞ୍ଜ ଅଞ୍ଚଳର ଜନସାଧାରଣ ଉତ୍ସାହିତ ଓ କୃତଜ୍ଞ ରହିବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଆଦିବାସୀ ଏକତା ମଞ୍ଚର ପ୍ରମୁଖ ସଦସ୍ୟ ସୁନୀଲ ମାଝୀ, ଫାଗୁ ବାସ୍କେ, ରଞ୍ଜିତ ମୁର୍ମୁ, ନଗେନ୍ଦ୍ର ନାଥ ସୋରେନ୍,କାମରାଜ ଟୁଡୁ, ଦୀପକ କୁମାର ହାଁସଦା ଏବଂ ମନୋଜ ଦାସ/ମାଝୀ ଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ନୂତନ ରାଇରଙ୍ଗପୁର ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସାମ୍ବାଦିକ ସମ୍ମିଳନୀ

# ଅବିଳମ୍ବେ ଜିଲା ଘୋଷଣା ସହ ପୂର୍ଣ୍ଣ ରାଇରଙ୍ଗପୁର ପୋଲିସ ଜିଲ୍ଲା କାର୍ଯ୍ୟକ୍ଷମ ଦାବି



ରାଇରଙ୍ଗପୁର,୭।୬ (ଆନିସ): ନୁତନ ରାଇରଙ୍ଗପୁର ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସଭାପତି ଓ ରାଇରଙ୍ଗପୁର ଓକିଲ ସଂଘ ସଭାପତି ଶ୍ରୀ ଅକ୍ଷୟ କୁମାର ମହାନ୍ତି ଆଇନଜୀବୀ ଙ୍କ ଦ୍ୱାରା ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାର ଦ୍ୱାରା ଗତବର୍ଷ ୧୬ ଜୁଲାଇ ୨୦୨୫ ରେ ରାଇରଙ୍ଗପୁରକୁ ପୋଲିସ ଜିଲ୍ଲା ଘୋଷଣା କରାଯାଇଥିଲା, କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକାର ପୂର୍ଣରୁପେ ପୋଲିସ ଜିଲ୍ଲା ସଠିକ ଭାବରେ ଚାଲୁ କରାଯାଉ ନାହିଁ । ଗୋଟିଏ ବର୍ଷ ପରେ ବି ଜିଲ୍ଲା ଏସ.ପି ନିଯୁକ୍ତି କରାଗଲା ନାହିଁ, ଏହି ଦୁଇ ଦିନ ପୂର୍ବରେ ଆଉ ତିନି ଜଣ ଏଡିସନାଲ ଏସ.ପି ନିଯୁକ୍ତି ଖବରକାଗଜ ଓ ସରକାରୀ ପତ୍ର ଦ୍ୱାରା ଜଣାଯାଇଛି । ତେବେ ରାଇରଙ୍ଗପୁର ଅଂଚଳର ସାଧାରଣ ଜନତା ଜିଲ୍ଲା ପୋଲିସ ଅଧିକ୍ଷକ (ଏସପି ) ଙ୍କ ନିୟୁକ୍ତି ଆଶା କରୁଥିବା ବେଳେ ରାଜ୍ୟ ସରକାର ତିନି-ତିନି ଜଣ ଏଡିସନାଲ ଏସ.ପି ନିଯୁକ୍ତି ଦେଲେ ଏହା ପୂର୍ବରୁ ଜଣେ ଏଡିସନାଲ ଏସପି ଅଛନ୍ତି, ବର୍ତମାନ ଏମିତି କଣ ଆବଶ୍ୟକତା ଯେ ଏସ.ପି ବଦଳରେ ଚାରିଜଣ ଏଡିସନାଲ ଏସପି ରାଇରଙ୍ଗପୁର ପୋଲିସ ଜିଲ୍ଲା ରେ ନିଯୁକ୍ତି ଦେଲେ। ଏହାର କାରଣ କଣ ବୋଲି କହିଛନ୍ତି କ୍ରିୟାନୁଷ୍ଠାନ କମିଟି ସଦସ୍ୟ। ଏହା ବ୍ୟତୀତ ସାତ ଦିନ ଭିତରେ ଏସପି ନିଯୁକ୍ତି ଦାବୀ କରିଥିବା ବେଳେ ରାଇରଙ୍ଗପୁର ପୋଲିସ ଜିଲ୍ଲା ମଧ୍ୟ ରାଜ୍ୟ ସରକାରୀ ଘୋଷଣା କରନ୍ତୁ ବୋଲି ଦୃଢ଼ଦାବୀ ଜଣାଇଛନ୍ତି, ନଚେତ ଆଗାମୀ ଜୁଲାଇ ମାସ- ୦୧ ତାରିଖରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ବସି ଆଗାମୀ ଦିନର ରଣନୀତି ଓ କାର୍ଯ୍ୟପନ୍ଥା କଣ ହେବ ବୈଠକରେ ନିଷ୍ପତି ନିଆଯିବ ବୋଲି ସାମ୍ବାଦିକ ସମ୍ମିଳନୀ ରେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ ଓ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତିଙ୍କ ସହ ନୁନାରାମ ସୋରେନ, ପଙ୍କଜ ସୋରେନ, ଓ ସନ୍ତୋଷ କୁମାର ଗୋପ ପ୍ରମୁଖ ଙ୍କ ସହିତ ଅନେକ ସଦସ୍ୟ ଉପସ୍ଥିତ ଥିଲେ।

### ଶବ ଦାହ ଦହଗଞ୍ଜରୁ ମୁକ୍ତି ପାଇବେ ସିଂହପୁର ପଞ୍ଚାୟତବାସୀ

# ଜୋରସୋରରେ ଚାଲିଛି ଶ୍ମଶାନ ନିର୍ମାଣ କାର୍ଯ୍ୟ



ବିଂଝାରପୁର ୭/୬ (ଆନିସ): ଜଣକ ପରେ ଜଣେ ସରପଞ୍ଚ ଗାଁ ମୁଖିଆ ଦାୟିତ୍ୱ ତୁଲାଇଛନ୍ତି। ମାତ୍ର ସରକାରୀ ଅନୁଦାନ ଥିବା ସତ୍ତ୍ୱେ ସିଂହପୁର ପଞ୍ଚାୟତରେ ଗ୍ରାମ ଶ୍ମଶାନଟିଏ ନିର୍ମାଣ ହୋଇ ପାରୁନି। ପଞ୍ଚାୟତର ୧, ୫,୬,୧୧ ଓ ୧୨ ନମ୍ବର ଦଳିତ ସାହି, ସାହୁ ସାହିର ବାସିନ୍ଦା ଶବ ଦାହ ପାଇଁ ନାନାଦି ଅସୁବିଧାର ସମ୍ମୁଖିନ ହୁଅନ୍ତି । ଶ୍ମଶାନ ଅଭାବରୁ ବର୍ଷା ଦିନେ ଲୋକଙ୍କୁ ଅନ୍ତିମ ସଂସ୍କାର ପାଇଁ ଦହଗଞ୍ଜ ଭୋଗିବାକୁ ପଡେ। କୋକେଇ ଧରି ବହୁ କଷ୍ଟରେ ଲୋକେ ବିଲ ମଝିରେ ସଂସ୍କାର କାର୍ଯ୍ୟ କରିଥାନ୍ତି । ଏବର ଯୁବ ସରପଞ୍ଚ ଶଶାଙ୍କ ଶେଖର ଖିଲାର ଏହାକୁ ମର୍ମେ ମର୍ମେ ଅନୁଭବ କରୁଥିଲେ ମଧ୍ୟ ନିର୍ଦ୍ଦିଷ୍ଟ କେତେକ ବ୍ୟକ୍ତିଙ୍କ ବିରୋଧାଭାସ ଯୋଗୁଁ ଶ୍ମଶାନ ନିର୍ମାଣ ହୋଇ ପାରୁ ନଥିଲା। ଦୃଢ଼ ପ୍ରତିଜ୍ଞ ସରପଞ୍ଚ ଶେଷରେ ଗ୍ରାମବାସୀଙ୍କ ସହଯୋଗରେ ଶ୍ମଶାନ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି । ରାଜସ୍ୱ ନିରୀକ୍ଷକ ସୋମନାଥ ନାୟକ, ପୋଲିସ୍,ଗଣମାଧ୍ୟମ ପ୍ରତିନିଧି ଓ ୱାର୍ଡ ସଭ୍ୟ, ସଭ୍ୟାଙ୍କ ଉପସ୍ଥିତିରେ ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିପାଇଁ ୨ ଲକ୍ଷ ଟଙ୍କାର ଅନୁଦାନ ଶ୍ମଶାନ ପାଇଁ ପର୍ଯ୍ୟାପ୍ତ ନୁହେଁ। ତଥାପି ସରପଞ୍ଚ ଶ୍ମଶାନ ନିର୍ମାଣ ପାଇଁ ବଦ୍ଧପରିକର । ରାଜସ୍ୱ ନିରୀକ୍ଷକଙ୍କ ଠାରୁ ପ୍ରସ୍ତାବିତ ସରକାରୀ ଜାଗାରେ ଶ୍ମଶାନ ପାଇଁ ଅନୁମୋଦନ ମିଳିବା ପରେ ନିର୍ମାଣ କାର୍ଯ୍ୟ ଚାଲିଛି।

ଗ୍ରାମ ଶ୍ମଶାନ ଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ଯେଉଁଠାରେ ମୃତ ବ୍ୟକ୍ତିଙ୍କର ଶେଷ କ୍ରିୟା ସମ୍ପନ୍ନ କରାଯାଏ। ଏହା ସାଧାରଣତଃ ଗ୍ରାମର ବାହାର ଅଞ୍ଚଳରେ କିମ୍ବା ନଦୀ, ପୋଖରୀ ପାଖରେ ଥାଏ। ଶ୍ମଶାନ କେବଳ ଦାହସଂସ୍କାରର ସ୍ଥାନ ନୁହେଁ, ଏହା ମଣିଷ ଜୀବନର ଅନିତ୍ୟତାକୁ ମଧ୍ୟ ସ୍ମରଣ କରାଏ। ଗ୍ରାମବାସୀମାନେ ଏଠାରେ ସମ୍ମିଳିତ ଭାବେ ଶେଷ କାର୍ଯ୍ୟ ସମ୍ପନ୍ନ କରି ସହଯୋଗ ଓ ସାମାଜିକ ଏକତାର ପରିଚୟ ଦେଇଥାନ୍ତି। ଏକ ସୁଚିତ୍ର ଓ ସୁବ୍ୟବସ୍ଥିତ ଶ୍ମଶାନ ଗ୍ରାମର ସାମାଜିକ ଉନ୍ନତି ଓ ସଭ୍ୟତାର ପ୍ରତୀକ ବୋଲି ବୁଦ୍ଧିଜୀବି ମତ ପ୍ରକାଶ କରିବା ସହ ଏହାକୁ ବିରୋଧ କରାଯିବା ଠିକ୍ ନୁହେଁ।

### କନ୍ଧମାଳରେ ଜିଲ୍ଲାସ୍ତରୀୟ ସମନ୍ୱୟ କର୍ମଶାଳା

# ମହିଳା ସଶକ୍ତିକରଣ ଓ ଜଳ ସୁରକ୍ଷିତ ଗ୍ରାମ ପଞ୍ଚାୟତ ଗଠନ ଆହ୍ୱାନ




ଫୁଲବାଣୀ, ୭।୬ (ଆନିସ): ମହିଳା ଆର୍ଥିକ ସଶକ୍ତିକରଣ ଏବଂ ଜଳ ସୁରକ୍ଷିତ ଗ୍ରାମ ପଞ୍ଚାୟତ ଗଠନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରିଲାଏନ୍ସ ଫାଉଣ୍ଡେସନ, ବିଲ୍ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ ଓ ଗ୍ରାମ ବିକାଶର ମିଳିତ ସହଯୋଗରେ କନ୍ଧମାଳ ଜିଲ୍ଲା ପରିଷଦ ସଭାଗୃହ, ଫୁଲବାଣୀଠାରେ ଏକ ଜିଲ୍ଲାସ୍ତରୀୟ ସମନ୍ୱୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଜିଲ୍ଲା ପ୍ରଶାସନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ସଂସ୍ଥା, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଗ୍ରାମ ପଞ୍ଚାୟତ ପ୍ରତିନିଧି ଏବଂ ସମୁଦାୟର ସଦସ୍ୟମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଶୁଭାରମ୍ଭ ଅତିଥିମାନଙ୍କ ଦ୍ୱାରା ବୃକ୍ଷକୁ ଜଳ ପ୍ରଦାନ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେବା ସହ କରାଯାଇଥିଲା। ଗ୍ରାମ ବିକାଶର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଲିବି ଟି. ଜନସନ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ଗ୍ରାମାଞ୍ଚଳର ସମଗ୍ର ବିକାଶ ପାଇଁ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଗ୍ରାମ ବିକାଶର ଜିଲ୍ଲା ପରିଚାଳକ ବିଶ୍ୱଜିତ ସାହୁ କନ୍ଧମାଳ ଜିଲ୍ଲାରେ ସଂସ୍ଥାର ଯାତ୍ରା, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଓ ସମୁଦାୟ ସହ ଭାଗିଦାରୀ ଉପରେ ସଂକ୍ଷିପ୍ତ ଉପସ୍ଥାପନା କରିଥିଲେ।

କର୍ମଶାଳାରେ କନ୍ଧମାଳ ଜିଲ୍ଲାର ସିଡିଓ-କମ୍-ଇଓ, ଜିଲ୍ଲା ପରିଷଦ ଶମ୍ଭୁନାଥ ନନ୍ଦୀ, ଡିଏଫଓ ଘନଶ୍ୟାମ ମହାନ୍ତି, ଓରମାସ ସିଇଓ ଗୁଣ୍ଡିଚା ବେହେରା, ନାବାର୍ଡ ଡିଡିଏମ ଏସ. କେ. ମହାନ୍ତି, କୃଷି ବିଭାଗର ପବିତ୍ର ମୋହନ ସାହୁ, ମିଶନ ଶକ୍ତିର ଡିପିସି ରାମ ତାଣ୍ଡି, ମତ୍ସ୍ୟ ବିଭାଗର ରାମଚନ୍ଦ୍ର ବେହେରା, ପାହାଡ଼ ସଂସ୍ଥାର ନିର୍ଦ୍ଦେଶକ ପଞ୍ଚାନନ ମିଶ୍ର ଏବଂ କେଜେଏସଭିଏସର ପ୍ରତିଷ୍ଠାତା ଦୀନବନ୍ଧୁ ମହାରଣା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସରକାରୀ ଯୋଜନା, କୃଷି, ଜଳ ସଂରକ୍ଷଣ, ବନ ସୁରକ୍ଷା, ଜୀବିକା ବିକାଶ ଓ ମହିଳା ସଶକ୍ତିକରଣ ସମ୍ବନ୍ଧୀୟ ବିଷୟରେ ମତାମତ ରଖିଥିଲେ। ସିଡିଓ ନନ୍ଦୀ ଜଳ, ଜଙ୍ଗଲ ଓ ଜମିର ସୁପରିଚାଳନାରେ ମହିଳାଙ୍କ ଭୂମିକାକୁ ଗୁରୁତ୍ୱ ଦେଇ ଭବିଷ୍ୟତ ପିଢ଼ି ପାଇଁ ଜଳ ସଂରକ୍ଷଣର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଡିଏଫଓ ଘନଶ୍ୟାମ ମହାନ୍ତି ପୋଡୁ ଚାଷ ଦ୍ୱାରା ବନ ଓ ଜଳ ସମ୍ପଦ ଉପରେ ପଡୁଥିବା ପ୍ରଭାବ ସମ୍ବନ୍ଧରେ ସଚେତନ କରାଇଥିଲେ। କୃଷି ବିଭାଗ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ବୃକ୍ଷରୋପଣ ଏବଂ ସ୍ଥାୟୀ କୃଷି ପଦ୍ଧତି ଅନୁସରଣ ପାଇଁ ଆହ୍ୱାନ ଜଣାଇଥିଲା।ଓରମାସ ପକ୍ଷରୁ ଗୁଣବତ୍ତାପୂର୍ଣ୍ଣ ଉତ୍ପାଦନ, ସ୍ୱଚ୍ଛତା ଓ ବଜାର ସଂଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିବା ବେଳେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଆମ୍ବ, ପିଜୁଳି, ଲେମ୍ବୁ ଚାରା, ହଳଦୀ, ଅଦା, ଆଳୁ ଓ ପିଆଜ ଚାଷ ପାଇଁ ସରକାରୀ ସହାୟତା ସମ୍ପର୍କରେ ସୂଚନା ଦିଆଯାଇଥିଲା।

କର୍ମଶାଳାର ଏକ ପ୍ରମୁଖ ଆକର୍ଷଣ ଥିଲା ସମୁଦାୟ ପ୍ରତିନିଧି ଓ ମହିଳା ଉଦ୍ୟୋଗୀମାନଙ୍କର ଅନୁଭୂତି ବିନିମୟ। ସିଙ୍ଗାବାଲି ଗ୍ରାମ ପଞ୍ଚାୟତର ସରପଞ୍ଚ ଆନ୍ଦ୍ରିୟା ପ୍ରଧାନ ସମନ୍ୱୟ ମେଳା ମାଧ୍ୟମରେ ସରକାରୀ ବିଭାଗ ସମ୍ମୁଖରେ ଗ୍ରାମର ଦାବି ଉପସ୍ଥାପନ କରି ମିଳିଥିବା ସଫଳତା ସମ୍ପର୍କରେ କହିଥିଲେ। ଦେବକୀ ବେହେରା, ଝରଣା ସାହୁ, ପ୍ରେମାନ୍ତୀ ଦିଗାଲ, ମାମି କୁମାରୀ ନାୟକ ଓ ମେନକା ନାୟକ ସ୍ୱୟଂଶ୍ରୀ କାର୍ଯ୍ୟକ୍ରମ ମାଧ୍ୟମରେ ନିଜ ବ୍ୟବସାୟ ବିକାଶ, ଆର୍ଥିକ ସ୍ୱାବଲମ୍ବନ ଏବଂ 'ଲକ୍ଷପତି ଦିଦି' ହେବାର ଅନୁଭବ ବାଣ୍ଟିଥିଲେ।

ଜିପିସିସି ସଦସ୍ୟମାନେ ଗ୍ରାମ ସମିତି ଓ ସମନ୍ୱୟ କମିଟିର ଭୂମିକା, ସରକାରୀ ଯୋଜନାରେ ଅଧିକାର ହାସଲ ଏବଂ ସମୁଦାୟ ନେତୃତ୍ୱ ବିକାଶ ଉପରେ ନିଜର ଅନୁଭବ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମ ବିକାଶ ଦ୍ୱାରା ପରିଚାଳିତ ସୁରକ୍ଷିତ ଓ ସମ୍ମାନଜନକ ପ୍ରବାସ, ଶିଶୁଗୃହ, ଯୁବାସାଥୀ, ମହିଳା ସଶକ୍ତିକରଣ ଓ ଜଳ ସୁରକ୍ଷିତ ଗ୍ରାମ ପଞ୍ଚାୟତ ସମ୍ବନ୍ଧୀୟ କାର୍ଯ୍ୟକ୍ରମର ପ୍ରଦର୍ଶନୀ ଷ୍ଟଲ ମଧ୍ୟ ଆୟୋଜିତ ହୋଇଥିଲା।

ଶେଷରେ ସମସ୍ତ ଅଂଶଗ୍ରହଣକାରୀ ମହିଳା ସଶକ୍ତିକରଣ, ଜଳ ସଂରକ୍ଷଣ, ସ୍ଥାୟୀ ଜୀବିକା ଓ ସମନ୍ୱିତ ଗ୍ରାମୀଣ ବିକାଶ ପାଇଁ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ସଂସ୍ଥା ଏବଂ ସମୁଦାୟ ମଧ୍ୟରେ ଅଧିକ ସହଯୋଗ ବୃଦ୍ଧି କରିବାକୁ ସଂକଳ୍ପ ଗ୍ରହଣ କରିଥିଲେ।

# ପ୍ରତାପପୁରରେ ନେଚର କ୍ୟାମ୍ପ ଅନୁଷ୍ଠିତ

ସୋନପୁର/ବିନିକା, ୭।୬ (ଆନିସ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ପ୍ରତାପପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବେସରକାରୀ ସଂସ୍ଥା ଗ୍ରାମୋତ୍ଥାନର ମିଳିତ ଆନୁକୂଲ୍ୟରେ ଏକ ଦିନିଆ ନେଚର କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ଓ ପ୍ରକୃତି ପ୍ରତି ଛାତ୍ରଛାତ୍ରୀଙ୍କ ମଧ୍ୟରେ



ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମୋତ୍ଥାନର ସିଇଓ ପ୍ରତାପ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷାରେ ଯୁବପିଢ଼ିର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମୋତ୍ଥାନର ପ୍ରୋଗ୍ରାମ ମ୍ୟାନେଜର ଖିରେନ୍ଦ୍ର ରଣା, ଆନ୍ନା ଖେସ ଓ ରଶ୍ମିତା ପ୍ରଧାନ ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ନନ୍ଦ ସଭାପତିତ୍ୱ କରିବା ସହିତ ସ୍ୱାଗତ ଭାଷଣରେ ଆମ ବିଦ୍ୟାଳୟ ଚଳିତ ବର୍ଷ ଆମ ରାଜ୍ୟର ଶ୍ରେଷ୍ଠ ଇକୋକ୍ଲବ ଭାବରେ ପୁରସ୍କୃତ ହୋଇଥିବାରୁ ଖୁସିବ୍ୟକ୍ତ କରିଥିଲେ ଓ ଶ୍ରେଷ୍ଠ ଇକୋ କ୍ଲବ୍ ହିସାବରେ ଆମର କର୍ତ୍ତବ୍ୟ ବିଷୟରେ ସଚେତନ କରିଥିଲେ । ସ୍କୁଲ ଲିଡର ଅନିତା ଖେତି, ମାନସୀ ମେହେର, ତରଙ୍ଗିଣୀ ଜଗଦଲା ଓ ଜୟକୃଷ୍ଣ ରାଉତ, ଶିକ୍ଷକ ଅକ୍ଷୟ କୁମାର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଏବଂ ଶିକ୍ଷକ ଗୋପେଶ ପଣ୍ଡା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ନେଚର କ୍ୟାମ୍ପରେ ଜଳବାୟୁ ପରିବର୍ତ୍ତନ ଓ ତାପମାତ୍ରା ବୃଦ୍ଧିର କାରଣ, ଦୂଷିତ ଓ ସୁରକ୍ଷିତ ପରିବେଶ, ଭୂତଳ ଜଳସ୍ତର ହ୍ରାସର କାରଣ ଏବଂ ଅଂଶୁଘାତରୁ ସୁରକ୍ଷା ଆଦି ବିଷୟକୁ ଏକ୍ଟିଭିଟି ମଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ସ୍ୱେଚ୍ଛାସେବୀ ଶିକ୍ଷକ ଅମନ ମହାପାତ୍ରଙ୍କ ଲିଖିତ ଓ ନିର୍ଦ୍ଦେଶିତ ପଥପ୍ରାନ୍ତ ନାଟକ ''ଗଛ ଓ କାଠୁରିଆ'' ପରିବେଷିତ ହୋଇଥିଲା। ଏହା ସହ ଛାତ୍ରଛାତ୍ରୀମାନେ ''ଗଛଟିଏ ମୁଁ ଗଛଟିଏ'' ନୃତ୍ୟ ଏବଂ ''ମୁଁ କାହିଁକି ଯିବି ଗଙ୍ଗା'' ଗୀତ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲେ। ବିଦ୍ୟାଳୟର ଛାତ୍ରୀ ଶ୍ରଦ୍ଧା କାରଙ୍କର ଜନ୍ମଦିନ ପାଳନ ଅବସମରେ ଏକ ବୃକ୍ଷରୋପଣ କରାଯିବା ସହିତ ତାଙ୍କୁ ଏହାର ଯତ୍ନ ନେବାକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉତ୍ସାହର ସହିତ କ୍ୟାମ୍ପରେ ଅଂଶଗ୍ରହଣ କରିଥିଲେ। ଶେଷରେ ଏସ୍.ଏମ୍.ସି. ସଭାପତି ଲକ୍ଷ୍ମଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପରିବେଶ ସୁରକ୍ଷା ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ଓ ସଚେତନତା ବୃଦ୍ଧିରେ ଏହି ନେଚର କ୍ୟାମ୍ପ ସହାୟକ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।

# ଲାଇଫ କେୟାର ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ପକ୍ଷରୁ ମାଗଣା ଚିକିତ୍ସା ଶିବିର



କୁଚିଣ୍ଡା,୦୭।୦୬( ଆନିସ):ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ସାମ୍ବାଦିକ ଭବନ ଠରେ ସମ୍ବଲପୁର ଲାଇଫ କେୟାର ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ପରିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି।ଏହି ଶିବିର ରେ ସ୍ତ୍ରୀ ପ୍ରସୁତି ବିଭାଗ,ଅସ୍ଥି ଶଲ୍ୟ, ଶଲ୍ୟ ଚିକିତ୍ସା ଏବଂ ଭେଷଜ ଇତ୍ୟାଦି ଚିକିତ୍ସା କରାଯାଇଥିଲା। ଏଥିରେ ଆନେଥେଶିଆ ଡାକ୍ତର ପ୍ରଭାସ ଦେବତା, ସର୍ଜରୀ ଡକ୍ଟର ତପନ କର୍ମାକର, ଅର୍ଥପେଡିକ ବିଶେଷଜ୍ଞ ସୁମିତ କୌସିକ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଶିବାନୀ ବୈଦ୍ୟ ପ୍ରମୁଖ ଡାକ୍ତର ମାନେ ଚିକିତ୍ସା କରିଥିଲେ। ଏହି ଶିବିରକୁ କୃଷ୍ଣ ସୁଦାମା ପାଣିଗ୍ରାହୀ, ବିଜ୍ଞାନ ମିର୍ଦ୍ଧା, ଲିଙ୍କନ ସାହୁ ରହିଥିବାବେଳେ,ସମାଜ ସେବୀ କାର୍ତ୍ତିକ ମିସ୍ତ୍ରୀ ସହଯୋଗ କରିଥିଲେ। ଏହି ଶିବିରରେ କୁଚିଣ୍ଡା ଅଞ୍ଚଳର ଅନେକ ରୋଗୀ ଆସିଥିଲେ।

# ଓରମାସର ଆମ୍ବ ମେଳାରେ ଝଲସିଲା ଫୁଲବାଣୀ ଆମ୍ବ

ଫୁଲବାଣୀ, ୭।୬ (ଆନିସ): ଗ୍ରାମାଞ୍ଚଳର ଆମ୍ବ ଚାଷୀମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ କରିବା, ମଧ୍ୟସ୍ଥଙ୍କ ହସ୍ତକ୍ଷେପ ଦୂର କରିବା ଏବଂ ଉପଭୋକ୍ତାମାନଙ୍କୁ ୧୦୦ ପ୍ରତିଶତ ପ୍ରାକୃତିକ ଭାବେ ପାଚିଥିବା ସତେଜ ଆମ୍ବ ସୁଲଭ ମୂଲ୍ୟରେ ହାତ ପାଆନ୍ତା ରେ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଓରମାସ, କନ୍ଧମାଳ ପକ୍ଷରୁ ସ୍ଥାନୀୟ ଜିଲ୍ଲା ସ୍ୱୟଂ ସହାୟିକା ଗୋଷ୍ଠୀ କେନ୍ଦ୍ର, ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟ, ଫୁଲବାଣୀ ଠାରେ ଏକ ଆମ୍ବ ମେଳାର ଆୟୋଜନ କରାଯାଇଛି।ଏହି ଅବସର ରେ ଜିଲ୍ଲାପାଳ, କନ୍ଧମାଳ ବେଦଭୂଷଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍ଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ଶମ୍ଭୁନାଥ ନନ୍ଦୀ ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଓରମାସ, କନ୍ଧମାଳ ଗୁଣ୍ଡିଚା ବେହେରା ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଫୁଲବାଣୀ ସୌମ୍ୟ ରଞ୍ଜନ ପାତ୍ର ଉପସ୍ଥିତ ଥିଲେ। ଓରମାସ ଦ୍ୱାରା ଗଠିତ ତିନୋଟି କୃଷକ ଉତ୍ପାଦକ ସଂଗଠନ ଏହି ମେଳାରେ ଅଂଶଗ୍ରହଣ କରିଛନ୍ତି। ଏହିଏଫ୍ ପି ଓ ଅନ୍ତର୍ଗତ ଆମ୍ବ ଚାଷୀମାନେ ସେମାନଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ କିସମର ଆମ୍ବ ଯଥା ଆଖୁରସ, ତୋତାପୁରୀ, ଅମ୍ରପାଲୀ, ଦଶେରୀ, ବାଇଗଣପଲ୍ଲୀ, ଲଙ୍ଗଡ଼ା ଓ ମଲ୍ଲିକା ପ୍ରଭୃତି ମେଳାରେ ବିକ୍ରୟ କରୁଛନ୍ତି। ଏହି ମେଳା ମାଧ୍ୟମରେ ଚାଷୀମାନେ ସେମାନଙ୍କ ଉତ୍ପାଦର ନ୍ୟାୟସଙ୍ଗତ ମୂଲ୍ୟ ପାଇପାରିବେ ଏବଂ ସ୍ଥାନୀୟ ଉପଭୋକ୍ତାମାନେ ଏକ ସ୍ଥାନରେ ବିଭିନ୍ନ ଚାହିଦା ସମ୍ପନ୍ନ ଆମ୍ବ କିଣିବାର ସୁବିଧା ପାଇବେ। ଏହା ସହିତ ମଧ୍ୟସ୍ଥଙ୍କ ଭୂମିକାକୁ ହ୍ରାସ କରି ଗ୍ରାମୀଣ ଚାଷୀମାନଙ୍କ ଆୟ ବୃଦ୍ଧି ଏବଂ ଉପଭୋକ୍ତାଙ୍କୁ ସିଧାସଳଖ ଫାର୍ମରୁ ସତେଜ ଓ ପ୍ରାକୃତିକ ଭାବେ ପାଚିଥିବା ଆମ୍ବ ଯୋଗାଇବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ।

ଏହି ଆମ୍ବ ମେଳା ୦୬ ଜୁନ ୨୦୨୬ ଠାରୁ ୧୫ ଜୁନ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲାବାସୀଙ୍କୁ ଏହି ମେଳା ପରିଦର୍ଶନ କରି ସ୍ଥାନୀୟ ଚାଷୀମାନଙ୍କୁ ପ୍ରୋତ୍ସାହନ ଦେବା ସହ ଉତ୍ତମ ଗୁଣବତ୍ତାର ଆମ୍ବ କ୍ରୟ କରିବାକୁ ଓରମାସ, କନ୍ଧମାଳ ପକ୍ଷରୁ ଅନୁରୋଧ କରାଯାଇଛି।



## କୁକୁଡାଖଣ୍ଡି ବ୍ଲକରେ ବୃକ୍ଷରୋପଣ ନାଁରେ ପ୍ରହସନ!

# ପୁଣି ସରପଞ୍ଚଙ୍କୁ ଅସମ୍ମାନ, ବିଧାୟକଙ୍କ ଗସ୍ତ ସମ୍ପର୍କରେ ନଥିଲା ସୂଚନା

କୁକୁଡାଖଣ୍ଡି,୭।୬ (ଆନିସ): ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ କୋଟି କୋଟି ଟଙ୍କା ବ୍ୟୟ କରି ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଉଥିବା ବେଳେ କୁକୁଡାଖଣ୍ଡି ବ୍ଲକରେ ଏହା କେବଳ ଲୋକଦେଖାଣିରେ ସୀମିତ ରହିଥିବା ଦେଖିବାକୁ ମିଳିଛି। ଓଡ଼ିଶାରେ ବିଜେପି ସରକାର ଗଠନ ପରେ ପ୍ରଧାନମନ୍ତ୍ରୀ ଙ୍କ ମାଆଙ୍କ ସ୍ମୃତିରେ ''ମାଆ ପାଇଁ ଗଛଟିଏ'' କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଶହ ଶହ ବୃକ୍ଷ ରୋପଣ କରାଯାଇଥିଲା। କୁକୁଡାଖଣ୍ଡି ବ୍ଲକର ବିଭିନ୍ନ ପଞ୍ଚାୟତରେ ମଧ୍ୟ ବ୍ଲକ ପାଣ୍ଠି ଓ ପଞ୍ଚାୟତ ପାଣ୍ଠି ରୁ ହଜାର ହଜାର ଟଙ୍କା ଖର୍ଚ୍ଚ କରି ପ୍ରଶାସନ ଏବଂ ସାଂସଦ ମନ୍ତ୍ରୀ ବିଧାୟକ, ଦଳୀୟ ନେତା ଙ୍କ ଉପସ୍ଥିତି ରେ ବୃକ୍ଷ ରୋପଣ ହୋଇଥିଲା।କିନ୍ତୁ ଦୁଃଖର ବିଷୟ ହେଲା, ସେତେବେଳେ ବୃକ୍ଷ ରୋପଣ କରାଯାଇଥିବା ଅଧିକାଂଶ ଗଛ ବର୍ତ୍ତମାନ ସମୟରେ ଦେଖିବାକୁ ମିଳୁନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଗଛ ଲଗାଇବା ପରେ ତାହାର ସୁରକ୍ଷା, ଜଳସେଚନ ଓ



ରକ୍ଷଣାବେକ୍ଷଣ ଦିଗରେ କୌଣସି ପଦକ୍ଷେପ ନିଆଯାଇନଥିଲା। ଫଳରେ ଅଧିକାଂଶ ଚାରା ନଷ୍ଟ ହୋଇଯାଇଛି। ଏହାକୁ ନେଇ ସରକାରୀ ଅର୍ଥର ସଦୁପଯୋଗ ହୋଇଛି କି ନାହିଁ ସେନେଇ ପ୍ରଶ୍ନ ଉଠିଛି।ଏହାରି ମଧ୍ୟରେ ଶନିବାର ଦିନ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବିଜେପି ନେତା ଚିନ୍ମୟ ନନ୍ଦ ମହାରାଜ, ଜିଲ୍ଲା ସଭାପତି ସରୋଜ ସାବତ,ବ୍ଲକ ଉପାଧ୍ୟକ୍ଷ ବିଷ୍ଣୁପ୍ରିୟା ପାତ୍ର,ମଣ୍ଡଳ ସଭାପତି ଲଳିତ ମୋହନ ବିଷୋୟୀ ସହ ଅନେକ ବିଜେପି ନେତା ଙ୍କ ଉପସ୍ଥିତି ରେ କୁକୁଡାଖଣ୍ଡି ବ୍ଲକ ର ବଉଳଝୋଳି ପଞ୍ଚାୟତ ରେ ପୁଣିଥରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ସ୍ଥାନୀୟ ସରପଞ୍ଚଙ୍କୁ ଏ ସମ୍ପର୍କରେ କୌଣସି ସୂଚନା ଦିଆଯାଇନଥିବା ଦେଖିବାକୁ ମିଳିଛି। ପଞ୍ଚାୟତର ନିର୍ବାଚିତ ମୁଖ୍ୟ ପ୍ରତିନିଧି ହୋଇଥିଲେ ମଧ୍ୟ ସରପଞ୍ଚଙ୍କୁ କାର୍ଯ୍ୟକ୍ରମ ରୁ ଦୂରେଇ ରଖାଯିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ.

ଅସନ୍ତୋଷ ପ୍ରକାଶ ପାଇଛି। ବିଧାୟକ ଙ୍କ ପକ୍ଷରୁ ସରପଞ୍ଚ ଙ୍କୁ କୌଣସି ସୂଚନା ଦିଆଯାଇନଥିବା କହିଛନ୍ତି ସରପଞ୍ଚ।ସାଧାରଣ ଲୋକଙ୍କ ମତରେ, ବୃକ୍ଷରୋପଣ କେବଳ ଫଟୋ ଉଠାଇବା କିମ୍ବା ପ୍ରଚାର ପାଇଁ ନୁହେଁ, ବରଂ ଗଛକୁ ବଞ୍ଚାଇ ରଖିବା ଓ ବଡ଼ କରିବା ହିଁ ମୁଖ୍ୟ ଉଦ୍ଦେଶ୍ୟ ହେବା ଉଚିତ। ଯଦି ଗଛ ଲଗାଇବା ପରେ ତାହାର ଦାୟିତ୍ୱ କେହି ନେଉନାହାନ୍ତି, ତେବେ ସରକାରୀ ଯୋଜନାର ସଫଳତା ପ୍ରଶ୍ନବାଚୀ ସୃଷ୍ଟି କରିବା।ବର୍ତ୍ତମାନ ଦେଖିବାକୁ ବାକି ରହିଲା ଯେ, ବିଧାୟକଙ୍କ ଉପସ୍ଥିତିରେ ଲଗାଯାଇଥିବା ନୂତନ ଚାରାଗୁଡ଼ିକ କେତେ ଦିନ ପର୍ଯ୍ୟନ୍ତ ବଞ୍ଚି ରହୁଛି ଏବଂ ସେଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ କିଏ ନେଉଛି। ପରିବେଶ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ କେବଳ ଲୋକଦେଖାଣି ନୁହେଁ, ବରଂ ଦୀର୍ଘମିଆଦି ଯୋଜନା ଓ ଦାୟିତ୍ୱବୋଧ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

# ନିଷ୍ଟର ଏମବିଏ, ବିସିଏ , ଏମ.ଏସସି, ଏବଂ ଏମ.ଟେକ ଶେଷବର୍ଷ ବିଦ୍ୟାର୍ଥୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ବ୍ରହ୍ମପୁର, ୭।୬ (ଆନିସ): 'ନିଷ୍ଟ' ବିଶ୍ୱବିଦ୍ୟାଳୟ ର ଏମବିଏ, ବିସିଏ , ଏମ.ଏସସି, ଏବଂ ଏମ. ଟେକ ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ସଭାପତି ଡ.ସୁକାନ୍ତ କିଶୋର ମହାପାତ୍ର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଭାରପ୍ରାପ୍ତ କୁଳପତି ଡ.ପି.ରାଜେଶ କୁମାର, ଆସୋସିଏଟ୍ -ଡିନ୍ (ଛାତ୍ରକଲ୍ୟାଣ) ଡ.ପ୍ରୀତିରଞ୍ଜନ ସାହୁ, ସଂଯୋଜକ ପ୍ରଫେସର୍ ଅମରନାଥ ପାଢ଼ୀ, ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟଗଣ ଡ.ପ୍ରମଥ ଆଚାର୍ଯ୍ୟ, ଡ.ସୀମାଞ୍ଚଳ ପାଣିଗ୍ରାହୀ, ଡ. ସବ୍ୟସାଚୀ ରଥ, ଡ଼. ଗାୟତ୍ରୀ ପଣ୍ଡା, ଡ଼. ପ୍ରବୀଣ ପାଢୀ, ଡ଼. ଭାସ୍କର ଭୋଳ, ଡ଼. ଏମ ରାଜେନ୍ଦ୍ର କୁମାର ପ୍ରମୁଖ ଛାତ୍ରଛାତ୍ରୀଙ୍କଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଗୁଣାତ୍ମକ ଶିକ୍ଷାର ସଦୁପଯୋଗ କରିବାକୁପରାମର୍ଶ ଦେଇଥିଲେ। ଶେଷବର୍ଷରଛାତ୍ରଛାତ୍ରୀ ଗାରିମା ପାଣିଗ୍ରାହୀ, ତୁଷାର, ଅର୍ପିତା ପଣ୍ଡା, ସେମାନଙ୍କ ବିଭିନ୍ନ ଅନୁଭୂତି ବଖାଣିଥିଲେ। ଡ. ଆକାଂକ୍ଷା ପଟ୍ଟନାୟକପରିଚାଳନା କରିଥିବା ବେଳେ ପ୍ରଫେସର ଅମରନାଥ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ଆଲୁମ୍‌ନି ସଂଯୋଜକ ପ୍ରଫେସର ମିଟୁବରାଳ, ପ୍ରଫେସର ଦୁର୍ଗା ମାଧବ ପାଢୀ , ପୀତାମ୍ବର ସାହୁ, ଚିନି ନରେଶ, ଡାଂବୁରୁ ଧର ସେଠି, ଓ ସନ୍ତୋଷ କୁମାର ନାୟକ ପ୍ରମୁଖସହଯୋଗ କରିଥିଲେ ।

# ପୋଲସରାରେ ଦ୍ୱିତୀୟ ପର୍ଯ୍ୟାୟ ପୋଷଣ ପ୍ରଶିକ୍ଷଣ ଶିବିର ସମାପନ



ପୋଲସରା,୭।୬ (ଆନିସ): ପୋଲସରାରେ ଦ୍ୱିତୀୟ ପର୍ଯ୍ୟାୟ ପୋଷଣ ପ୍ରଶିକ୍ଷଣ ଶିବିର ସଫଳତା ପୂର୍ବକ ଆୟୋଜିତ ହୋଇଯାଇଛି । ପୋଲସରା ବ୍ଲକ ସିଡ଼ିପିଓ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ମାତୃଶକ୍ତି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ତ୍ରିଦିବସୀୟ କାର୍ଯ୍ୟକ୍ରମଟି ସିଡ଼ିପିଓ ତିଳୋତମା ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା । ଏଥିରେ ମୋଟ ୭ ଗୋଟି ସେକ୍ଟରରୁ ୧୦୦ ଜଣ ଅଙ୍ଗନବାଡି କର୍ମୀମାନେ ଯୋଗଦେଇଥିଲେ । ସୂଚନା ଯୋଗ୍ୟ ଯେ, ପୋଲସରା ବ୍ଲକର ୨୬ ଗୋଟି ଗ୍ରାମ ପଞ୍ଚାୟତ ସମେତ ପୌରପରିଷଦର ମୋଟ ୧୯ ଗୋଟି ଓ୍ୱାର୍ଡକୁ ମିଶାଇ ସର୍ବମୋଟ ୨୧୪ ଗୋଟି ଅଙ୍ଗନବାଡି କେନ୍ଦ୍ର ରହିଛି । ସେଥିମଧ୍ୟରୁ ପୂର୍ବରୁ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ଏହି ତାଲିମ ଶିବିରରେ ୧୧୪ ଜଣ ଅଙ୍ଗନବାଡି କର୍ମୀମାନେ ଯୋଗଦେଇ ସାରିଥିଲେ । ସରକାରଙ୍କ ନିୟମ ଅନୁଯାୟୀ ୬ ବର୍ଷରୁ କମ୍ ଶିଶୁମାନଙ୍କୁ ଆବଶ୍ୟକତା ଅନୁପାତରେ ସ୍ୱାସ୍ଥ୍ୟ ବର୍ଦ୍ଧକ ବିଭିନ୍ନ ପ୍ରକାର ପୌଷ୍ଟିକ ଖାଦ୍ୟ ସହିତ 'ପୋଷଣ ଭି, ପଢାଇ ଭି' ଅଭିଯାନ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ଅବସରରେ ସିଡ଼ିପିଓ ଉପସ୍ଥିତ ସମସ୍ତ କର୍ମୀମାନଙ୍କୁ ତାଲିମ ଗ୍ରହଣ କରିସାରିବା ପରେ ସରକାରଙ୍କ ଏହି ଅତି ମହତ୍ତ୍ୱାକାଂକ୍ଷି ଯୋଜନା କିଭଳି ଭାବେ ସଫଳ ହେବେ ସେଥିପ୍ରତି ବିଶେଷ ଭାବେ ଧ୍ୟାନ ଦେଇ ନିଷ୍ଠାର ସହିତ କର୍ତ୍ତବ୍ୟବୋଧ ପରାୟଣ ହୋଇ ନିଜ ନିଜର କ୍ଷେତ୍ରରେ କାମ କରିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀମାନଙ୍କ ଦ୍ୱାରା ନିଜ ହାତରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ପୁଷ୍ଟିକର ଖାଦ୍ୟ, ଖେଳନା ଏବଂ ଶିକ୍ଷଣୀୟ ଉପକରଣ ପ୍ରଦର୍ଶନ କରିଥିଲେ । ଅଞ୍ଚଳ ପରିଦର୍ଶିକା ସୁରଭି କୁସୁମ ଦାସ, ସବିତା ଶବର, ଜୟନ୍ତୀ ସାବତ ଓ ମୁକ୍ତାଦେବୀ ପ୍ରମୁଖ ମିଳିତଭାବେ ପରିଚାଳନା ଏବଂ ପ୍ରଶିକ୍ଷଣ ଦେଇଥିବା ବେଳେ ପୋଷଣ ବ୍ଲକ ସଂଯୋଜକ ଅବିନାଶ ଚୌଧୁରୀ ବ୍ଲକ୍ ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତିର ନିଳାଞ୍ଚଳ ସାହୁଙ୍କ ସମେତ ସଭାନେତ୍ରୀ ଜ୍ୟୋସ୍ନାରାଣୀ ମିଶ୍ର ଓ ସମ୍ପାଦିକା ରାଜଲକ୍ଷ୍ମୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଶେଷରେ ସିଡ଼ିପିଓ ମହୋଦୟା ଏହି ଯୋଜନାର ସଫଳ ରୂପାୟନର ଆଶା ପୋଷଣ କରି ଶିବିରରେ ଯୋଗଦେଇଥିବା ସମସ୍ତ ଅଙ୍ଗନବାଡି କର୍ମୀ ଏବଂ ଅନ୍ୟ ସହଯୋଗୀମାନଙ୍କୁ ଆନ୍ତରିକ ଧନ୍ୟବାଦ ଦେଇଥିଲେ।

# କାଶୀନଗରରେ ପେଟ୍ରୋଲ ଡିଜେଲର ଅଭାବ, ଖାଉଟି ହନ୍ତ ସନ୍ତ



କାଶୀନଗର,୭।୬ (ଆନିସ): ଗତ କିଛି ଦିନ ହେଲା ଗଜପତି ଜିଲ୍ଲା କାଶୀନଗର ରେ ରନ୍ଧନ ଗ୍ୟାସ, ପେଟ୍ରୋଲ ଡିଜେଲ ର ଅଭାବ ଲାଗି ରହିଛି. ମଧ୍ୟ ପ୍ରାଚ୍ୟ ଯୁଦ୍ଧ ପର ଠାରୁ ଶ୍ରୀ ସତ୍ୟ ସାଇ ଗ୍ୟାସ ଏଜେନସି, ଓ ଏହି ମାଲିକ ର ସତ୍ୟ ସାଇ ପେଟ୍ରୋଲ ବାଙ୍କ ରେ ପେଟ୍ରୋଲ ଓ ଡିଜେଲ ର ଅଭାବ ଲାଗି ରହିଛି । ଗତ ଦୁଇ ଦିନ ହେଲା ପେଟ୍ରୋଲ ଓ ଡିଜେଲ ମିଳୁନାହିଁ । ପଥ ରେ ଯାଉଥିବା ମୋଟର ଆରୋହୀ ଓ ଟ୍ରାକ୍ଟର ସହ ବସ, କାର, ପାଇଁ ତେଲର ଅଭାବ ଦେଖା ଯାଇଛି । ଲୋକେ ଟାଙ୍କି କୁ ଆସି ପୁଣି ଫେରୁଛନ୍ତି, ଏହା ପରିଚାଳନା ଗତ ସୃଷ୍ଟି ରୁ ହେଉ କିମ୍ବା ସପ୍ଲାଇ ଅଭାବ ରୁ ହେଉ ଦୁଇଦିନ ହେଲା କାଶୀନଗର ରେ କୋଳାହଳ ସୃଷ୍ଟି ହୋଇଛି । ଏସମ୍ପର୍କ ରେ ବୁଝିବାରେ ଏଠାକାର କର୍ମଚାରୀ ଟେକ ସପ୍ଲାଇ ଆସୁନାହିଁ ବୋଲି କହିଛନ୍ତି । ଆପତ୍ତି କାଳୀନ ଷ୍ଟକ କୁ ମାଲିକ ଚଢା ଦର ରେ ବିକ୍ରୀ କରି ଖାଉଟି ଙ୍କୁ କ୍ଲୋଜ ବୋର୍ଡ ଦେଖାଉଛନ୍ତି । ଏଣୁ ଯୋଗାଣ ବିଭାଗ ଓ ଜିଲ୍ଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନେବା ପଶିଣ ଦାବୀ କରିଛନ୍ତି ।

# ମା ବରାଳିନୀ ବ୍ୟବସାୟୀ ସଙ୍ଘ ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ



ଘୁ.ଉଦୟଗିରି ,୭।୬ (ଆନିସ): ଘୁ.ଉଦୟଗିରି ମା ବରାଳିନୀ ବ୍ୟବସାୟୀ ସଙ୍ଘ ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ପୂର୍ବ ରୁ ବରଳିନୀ ମାର୍କେଟକୁ ସବୁଜ ସୁନ୍ଦର କରିବାକୁ ବ୍ୟାପକ ବୃକ୍ଷ ରୋପଣ କରାଯାଇଥିବା ବେଳେ ବିଶ୍ୱ ପରିବେଶ ଦିବସରେ ଚାରା ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଡା. ପ୍ରସନ୍ନ କୁମାର ତ୍ରିପାଠୀ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ବାରିକ, ଲ୍ୟାମ୍ପ ସମବାୟ ସମିତି ସଭାପତି ଜମେଶ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ଚାରା ରୋପଣ କରିଥିଲେ। ଏହା ସହିତ ପରିବେଶ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ସଚେତନ କରାଯାଇଥିଲା। ଆଗକୁ ଏହି ଚାରା ରୋପଣ ବ୍ୟାପକ କରାଯିବା ପାଇଁ ସ୍ଥିର କରାଯାଇଛି।ଏହି କାର୍ଯ୍ୟକ୍ରମରେ ବରାଳିନୀ ମାର୍କେଟର ବ୍ୟବସାଇମାନଙ୍କ ସହିତ ସାଧାରଣ ଲୋକେ ସାମିଲ ହୋଇଥିଲେ ।

# ତ୍ରୟବାର୍ଷିକି ସମ୍ମିଳନି ମୁଣ୍ଡି ମରା ନେଇ ଜୟପୁର ଠାରେ ବୈଠକ

ଜୟପୁର,୭।୬ (ଆନିସ): ଓଡ଼ିଶା ଅମଲା ସଂଘ ର ୧୭ ତମ ତ୍ରୟୋବାର୍ଷିକି ସମ୍ମିଳନି ର ମୁଣ୍ଡି ମରା କୁ ନେଇ କୋରାପୁଟ ଜିଲ୍ଲା ଜୟପୁର ଯାଦବ ଭବନ ଠାରେ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା, କୈଳାସ ସାମନ୍ତରା ଆଞ୍ଚଳିକ ସମ୍ପାଦକ ଓଡ଼ିଶା ଅମଲା ସଂଘ ଙ୍କ ଆୟୋଜିତ ବୈଠକ ରେ ଶଶୀଭୂଷଣ ଦାଶ୍ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ଯୋଗଦାନ କରିବା ସହିତ ଓଡ଼ିଶା ଅମଲା ସଂଘ ର କାର୍ଯ୍ୟକାରିଣୀ ସଦସ୍ୟମାନେ ଯୋଗଦାନ କରିଥିଲେ, ଏଥି ପୂର୍ବରୁ ଓଡ଼ିଶା ଅମଲା ସଂଘ ର ତ୍ରୟୋବାର୍ଷିକି ସମ୍ମିଳନି କୋରାପୁଟ ଜିଲ୍ଲା ରେ କରିବା ନିମନ୍ତେ ଶ୍ରୀ ଦାଶ୍ ବାରମ୍ବାର ରାଜ୍ୟ ସଂଘ ର ଦୃଷ୍ଟି ଆକର୍ଷଣ କରିବା ସହିତ ଜୟପୁର ଠାରେ ବୈଠକ ଡାକିଥିଲେ ସାମ୍ବାଦିକ ସମ୍ମିଳନୀ କରି ସମସ୍ତ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ, ଅପର ପକ୍ଷରେ କିଛି କୁ ଚକ୍ରାନ୍ତକାରି ଅମଲା,ରାଜସ୍ୱ ଅମଲା ଓ ଜଣେ ଅବସରପ୍ରାପ୍ତ ରାଜସ୍ୱ ଅମଲା ଯେଉଁ ଭଳି ଭାବରେ କୁ ଚକ୍ରାନ୍ତ କରି ହଜାର ହଜାର ଅମଲା ଙ୍କ ଆଖିରେ ଧୂଳି ଦେଇ ପୁରି ଠାରେ ଏକ ତ୍ରୟବାର୍ଷିକି ସମ୍ମିଳନି କରିବା ସହିତ ଲୁକ୍କାୟିତ ଭାବେ କର୍ମକର୍ତ୍ତା ଚୟନ କରି ଘୋଷଣା କରି ଦେଉଥିଲେ ଏହାକୁ ସମଗ୍ର ଜିଲ୍ଲା ର ଅମଲା ମାନେ ବିରୋଧ ପ୍ରଦର୍ଶନ କରିବା ସହିତ ଆନ୍ଦୋଳନ କରି ଏହାକୁ ସ୍ଥଗିତ କରାଇଥିଲେ ଏହା ଶ୍ରୀ ଦାଶ୍ ସମସ୍ତ ଙ୍କୁ ଅବଗତ କରାଇବା ସହିତ ଉକ୍ତ ଚୟନ ପ୍ରକ୍ରିୟା ରେ ୫ ଲକ୍ଷ ଟଙ୍କା କାରବାର ହୋଇଥିବା ର ସୁଚନା ମିଳୁଥିବା ସମସ୍ତ ଙ୍କୁ ଅବଗତ କରାଇଥିଲେ, ଜଣେ ଅବସରପ୍ରାପ୍ତ ରାଜସ୍ୱ ଅମଲା ଏ ସବୁ କରାଇଥିବା ସୁଚନା ମିଳିଛି ବୋଲି ଶ୍ରୀ ଦାଶ୍ ପ୍ରକାଶ କରିଥିଲେ, ଏ ନେଇ ଉଚ୍ଚ ନ୍ୟାୟାଳୟ ଠାରେ ଏକାଧିକ ମାମଲା ରୁଜୁ ହୋଇଥିବା ଶ୍ରୀ ଦାଶ୍ ପ୍ରକାଶ କରିଥିଲେ, ତେଣୁ ସମସ୍ତ ଙ୍କ ମତାମତ କୁ ଆଧର କରି ବିଭିନ୍ନ ଜିଲ୍ଲା ର କର୍ମକର୍ତ୍ତା ଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ସମସ୍ତ ଙ୍କ ମତାମତ କୁ ଆଧର କରି ହୁଏ ତ କୋରାପୁଟ ଜିଲ୍ଲା ରେ ତ୍ରୟବାର୍ଷିକି ସମ୍ମିଳନି କରି ଅସମ୍ପୂର୍ଣ୍ଣ ରହିଥିବା ତ୍ରୟବାର୍ଷିକି ସମ୍ମିଳନି ର କୋରାପୁଟ ଜିଲ୍ଲା ରେ ଅତି ଶିଘ୍ର ମୁଣ୍ଡି ମାରିବା ନେଇ ସୁଚନା ଦେଇଥିଲେ,

# ସ୍ୱାଧୀନତାର ୭୯ ବର୍ଷ ପରେ ପୁନଃଉଦ୍ଧାର ହେବ ବିଞ୍ଝଣାପଲ୍ଲୀ ପାଳିବନ୍ଧ ନାଳ: ଜମି ଚିହ୍ନଟ ପ୍ରକ୍ରିୟା ଶେଷ



ଗଞ୍ଜାମ,୭।୬ (ଆନିସ): ଗଞ୍ଜାମ ବ୍ଲକ୍ ପାଳିବନ୍ଧ ପଞ୍ଚାୟତରେ ଥିବା ବିଞ୍ଝଣାପଲ୍ଲୀ ପାଳିବନ୍ଧ ନାଳର ପୁନଃଉଦ୍ଧାର ପାଇଁ ଦୀର୍ଘ ଦିନର ଦାବୀ ପରେ ଆଜି ପ୍ରଥମ ଥର ପାଇଁ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ ବା ସୀମା ନିର୍ଦ୍ଧାରଣ (ଡିମାର୍କେସନ) କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି। ଜାତୀୟ ରାଜପଥ ଠାରୁ ଆରମ୍ଭ ହୋଇ ପାଳିବନ୍ଧ ପର୍ଯ୍ୟନ୍ତ ଲମ୍ବିଥିବା ଏହି ଦୀର୍ଘ ୫ କିଲୋମିଟର ବିଶିଷ୍ଟ ନାଳର ସମ୍ପୂର୍ଣ୍ଣ ସୀମା ଚିହ୍ନଟ କରାଯାଇଛି। ବ୍ରହ୍ମପୁର ନିଷ୍କାସନ ଉପ-ବିଭାଗର ଏସଡିଓ ସୁଚରିତା ପଣ୍ଡା, ସହକାରୀ ଯନ୍ତ୍ରୀ ଦୀପକ କୁମାର ନାୟକ ଓ କନିଷ୍ଠ ଯନ୍ତ୍ରୀ ସୁରଜ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରକ୍ରିୟା ଚାଲିଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ଗଞ୍ଜାମ ଆରଆଇ ସୀତାରାମ ସାହୁ ଓ ଅମିନ ଲାଲକୃଷ୍ଣ ଦାସ ଉପସ୍ଥିତ ରହି ସରକାରୀ ଜମିର ମାପଚୁପ କରିଥିଲେ। ଏହି ଅବସରରେ ସ୍ଥାନୀୟ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ସୀମା ଚିହ୍ନଟ ସ୍ଥଳ ପରିଦର୍ଶନ କରି ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ ସହ ଆଲୋଚନା କରିବା ସହ ତୁରନ୍ତ ଡିପିଆର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ବିଧାୟକ ଶ୍ରୀ ନାୟକ ଏହି ନାଳର ପୁନଃଉଦ୍ଧାର ପାଇଁ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏଥିସହ ତତ୍କାଳୀନ ଜଳସେଚନ ବିଭାଗ ମୁଖ୍ୟ ଯନ୍ତ୍ରୀ ସାଗର ମହାନ୍ତି ମଧ୍ୟ ଡ୍ରେନେଜ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ସହ ଏନେଇ ଆଲୋଚନା କରିଥିଲେ ଓ ଗତ କିଛି ଦିନ ପୂର୍ବରୁ ସହକାରୀ ମୁଖ୍ୟ ଯନ୍ତ୍ରୀ ଦୀପକ ମୁର୍ମୁ ଙ୍କ ସମେତ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ପ୍ରସାଦ ପାଣିଗ୍ରାହୀ ଟିମ୍ ନାଳ ବୁଲି ଦେଖିଥିଲେ। ଜମି ମାପ ସମୟରେ ମନୋଜ ମହାପାତ୍ର, ପାଳିବନ୍ଧ ସରପଞ୍ଚ ପ୍ରତିନିଧି ବିଦ୍ୟାଧର ପ୍ରଧାନ ଏବଂ ବରିଷ୍ଠ ନାଗରିକ ପରିଷଦର ସଭାପତି ରବୀନ୍ଦ୍ର ପଣ୍ଡାଙ୍କ ସମେତ ସ୍ଥାନୀୟ ଚାଷୀମାନେ ଉପସ୍ଥିତ ରହି ପ୍ରଶାସନକୁ ସହଯୋଗ କରିଥିଲେ। ବର୍ତ୍ତମାନ ଏହି ନାଳଟି ସମ୍ପୂର୍ଣ୍ଣ ପୋତି ହୋଇ ନିଜର ସତ୍ତା ହରାଇ ବସିଥିବାରୁ ଏବଂ ସୀମା ସଙ୍କୁଚିତ ହୋଇଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଜଳାବଦ୍ଧତା ସମସ୍ୟା ସୃଷ୍ଟି ହେଉଥିଲା। ଏହି ଡ୍ରେନର ପୁନଃଉଦ୍ଧାର ହେଲେ ବିଞ୍ଝଣାପଲ୍ଲୀ, ପାଳିବନ୍ଧ, ପୁରୁଣାବନ୍ଧ ଏବଂ ଗଞ୍ଜାମ ଏନଏସି ଅନ୍ତର୍ଗତ ବରପଲ୍ଲୀ ଗ୍ରାମର ପ୍ରାୟ ୨୫୦ ଏକର ସ୍ୱର୍ଗଆଶ୍ରା ଜମି ସଠିକ୍ ଭାବେ ଜଳସେଚିତ ହୋଇପାରିବ। ଏହାସହ ଗଞ୍ଜାମ ସହରର ବର୍ଷା ଓ ବନ୍ୟା ଜଳ ସହଜରେ ନିଷ୍କାସିତ ହୋଇ କୃତ୍ରିମ ବନ୍ୟା ସମସ୍ୟାର ସ୍ଥାୟୀ ସମାଧାନ ହେବ। ସ୍ୱାଧୀନତାର ୭୯ ବର୍ଷ ପରେ ଏହି ନାଳର ପୁନଃଉଦ୍ଧାର କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବାରୁ ସ୍ଥାନୀୟ ଚାଷୀ ଓ ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

# ୨୫୧ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ



ଜୟପୁର,୭।୬ (ଆନିସ): ୨୫୧ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ପ୍ରଚାର ପ୍ରସାର ସମିତି ପ୍ରମୁଖ ନିରଞ୍ଜନ ପାଣିଗ୍ରାହି ଙ୍କ ନେତୃତ୍ୱ ରେ ବୈପାରୀଗୁଡା ବିଶ୍ୱ ହିନ୍ଦୁ ପରିଷଦ ଶାଖା ର ସଭାପତି ନିରଞ୍ଜନ ସାହୁ ସମ୍ପାଦକ ରବି ନାରାୟଣ ଖିଲ୍ଲ,ନାରାୟଣ ବାବା ,ଡମ୍ବୁରୁ ବାବା ଙ୍କ ସହଯୋଗ ରେ ବୈପାରୀଗୁଡା । ବ୍ଲକ ଅନ୍ତର୍ଗତ ଦସମନ୍ତପୁର ଶ୍ରୀ ରାମ ମନ୍ଦିର ଠାରେ ରତନ ସାହୁ ,ଗୀର୍ଲିପୁଟ ତ୍ରିନାଥ ମନ୍ଦିର ଠାରେ ମମତା ମିଶ୍ର,ମହୁଲ ପୋଡ଼ା ହନୁମାନ ମନ୍ଦିର ଠାରେ ସାଗର ବିଶ୍ୱାଳ,ଦୁର୍ଗମ ଜଙ୍ଗଲ ପର୍ବତ ତୋଟା ପୋଡ଼ା ଶ୍ରୀ ରାମ ମନ୍ଦିର ଠାରେ ନିରଞ୍ଜନ ପାଣିଗ୍ରାହୀ, ସନ୍ତୋଷ ଜେନା କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରି ,ମାଙ୍କିଡି ଗ୍ରାମକୁ ଯାଇ ଶ୍ରୀ ରାମ ମନ୍ଦିର ଠାରେ ରୁତୁମ୍ବରା ପାତ୍ର ଙ୍କୁ ସହଯୋଗ କରି ଯଜ୍ଞ ର ଉଦ୍ଦେଶ୍ୟ ,ସ୍ୱରୂପ ବିଷୟ ରେ ସୂଚନା ପ୍ରଦାନ କରି ଦୀପ ଯଜ୍ଞ ସମ୍ପୂର୍ଣ୍ଣ କରିଥିଲେ । ଏହି କାର୍ଯ୍ୟକ୍ରମ ରାତ୍ର ସମୟ ରେ ମହୁଲପୁଟ ହନୁମାନ ମନ୍ଦିର ଠାରେ ସମସ୍ତେ ଯଜ୍ଞ ପ୍ରସାଦ ଗ୍ରହଣ କରି ରାତ୍ର ୧୨.୪୫ ସମୟ ରେ ଜୟପୁର ପହଞ୍ଚିଥିଲେ । ଉକ୍ତ ସମସ୍ତ ଗ୍ରାମର କାର୍ଯ୍ୟ କ୍ରମ ରେ ବିଶ୍ୱହିନ୍ଦୁ ପରିଷଦ ର ସମସ୍ତ କାର୍ଯ୍ୟ କର୍ତ୍ତା ଓ ଗ୍ରାମ ବାସୀଙ୍କ ବିଶେଷ ଯୋଗ ଦାନ ରହି ଥିଲା ।

# ଏସ୍.ଆର ଏନ୍ ୟୁବି କେନ୍ଦୁବାଡ଼ିକୁ ମିଳିଲା ''ପ୍ରକୃତି ମିତ୍ର ପୁରସ୍କାର''୨୦୨୬

ପୋଲସରା ,୭।୬ (ଆନିସ): ପରିବେଶ ସୁରକ୍ଷାକୁ ନେଇ ''ଏକ ପେଡ୍ ମା କେ ନାମ'', ବୃକ୍ଷ ରୋପଣ, ଚାରା ବଣ୍ଟନ, ସଚେତନତା ରାଲି, ପଥପ୍ରାନ୍ତ ନାଟକ, ପ୍ଲାଷ୍ଟିକ ମୁକ୍ତ ଅଭିଯାନ, ନିଶାମୁକ୍ତ ଅଭିଯାନ, ବାଲ୍ୟ ବିବାହ ବନ୍ଦ ଶିଶୁ ଶ୍ରମିକ ବନ୍ଦ, ସ୍ୱଚ୍ଛ ଭାରତ ଅଭିଯାନ ଆଦି ଜନହିତ ଏବଂ ସମାଜ କଲ୍ୟାଣକୁ ନେଇ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକର କେନ୍ଦୁବାଡ଼ି ଗ୍ରାମ ପଞ୍ଚାୟତ ସ୍ଥିତ ଶ୍ରୀ ରାଧାକୃଷ୍ଣ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ଚଳିତ ଥର ଓଡ଼ିଶା ସରକାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ''ପ୍ରକୃତି ମିତ୍ର ପୁରସ୍କାର ୨୦୨୫-୨୬'' ପ୍ରଦାନ କରାଯାଇଛି। ଚଳିତ ମାସ ୫ ତାରିଖ ଶୁକ୍ରବାର ଦିନ ବ୍ରହ୍ମପୁର, କୋର୍ଟପେଟା ସ୍ଥିତ ଗଞ୍ଜାମ ଜିଲ୍ଲା ବନଖଣ୍ଡ କାର୍ଯ୍ୟାଳୟ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଦିଆଯାଇଛି। ବିଦ୍ୟାଳୟର ହିନ୍ଦୀ ବିଭାଗ ତଥା ''ପ୍ରକୃତି ବନ୍ଧୁ'' ପୁରସ୍କାରପ୍ରାପ୍ତ ବରିଷ୍ଠ ଶିକ୍ଷକ ହେମନ୍ତ କୁମାର ନାୟକ ଅନୁଷ୍ଠାନ ପକ୍ଷରୁ ପ୍ରତିନିଧି ଭାବେ ଯୋଗଦେଇ ଏହି ସମ୍ମାନଜନକ ପୁରସ୍କାର ସ୍ୱରୂପ ପ୍ରଶଂସା ପତ୍ର ସହ ଟ୍ରଫି ଗ୍ରହଣ କରିଥିଲେ।ସମଗ୍ର ପୋଲସରା ବ୍ଲକରେ ପ୍ରଥମ ବିଦ୍ୟାଳୟ ଭାବେ ଏହି ଶିକ୍ଷାନୁଷ୍ଠାନ ପୁରସ୍କାର ପାଇ ସମଗ୍ର ଅଞ୍ଚଳର ସମ୍ମାନ ବୃଦ୍ଧି କରିଥିବାକୁ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିପିନ ବିହାରୀ ସାହୁଙ୍କ ସମେତ ଶିକ୍ଷକ ମଣ୍ଡଳୀ, ଛାତ୍ର ଛାତ୍ରୀ, ବୁଦ୍ଧିଜୀବୀ, ସମାଜସେବୀ ଏବଂ ଅଞ୍ଚଳର ପରିବେଶବିତ ମହଲରେ ଖୁସିର ଲହରୀ ଖେଳିଯାଇଛି।ଏହି ଉତ୍ସବରେ ବ୍ରହ୍ମପୁର ଡିଏଫଓ ସନ୍ନି ଖୋକର ଓ ଭଞ୍ଜନଗର ଡିଏଫ ହିମାଂଶୁ ଶେଖର ମହାନ୍ତି, ଜିଲ୍ଲା ବିଜେଡି ସଭାପତି ସରୋଜ ସାବତ ଏବଂ ଛତ୍ରପୁର ୮ମ ବ୍ୟାଟାଲିଅନର ଉଚ୍ଚ ପଦସ୍ଥ ଅଧିକାରୀ ଗଣଙ୍କ ସମେତ ଆହୁରି ଅନେକ ସମ୍ମାନୀୟ ବ୍ୟକ୍ତିବିଶେଷ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ଦେବା ସହିତ ଅନୁଷ୍ଠାନର ଉତ୍ତରୋତ୍ତର କାମନା କରିଛନ୍ତି।



# ବୃକ୍ଷରୋପଣ ସହ ବିଶ୍ୱ ପରିବେଶ ଦିବସ ପାଳନ କଲା ଟିପିଏସ୍‌ଓଡିଏଲ୍

## ଟାଟା ସଷ୍ଟେନେବିଲିଟି ମାସ ଆରମ୍ଭ

ବ୍ରହ୍ମପୁର,୭।୬ (ଆନିସ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍ଓଡିଏଲ୍) ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଗୋପାଳପୁରସ୍ଥିତ ଜେଏନ୍ ଟାଟା ଟେକ୍ନିକାଲ୍ ଇନଷ୍ଟିଚ୍ୟୁଟ୍ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ୧୨୦ରୁ ଅଧିକ କର୍ମଚାରୀ ତଥା ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ସବୁଜ ପୃଥିବୀ ଗଠନ ଦିଗରେ କମ୍ପାନୀର ଏହି ସାମୂହିକ ଉଦ୍ଦେଶ୍ୟକୁ ଉତ୍ସାହିତ କରିଥିଲେ ।



ଏହି ଅବସରରେ ଟାଟା ସଷ୍ଟେନେବିଲିଟି ମାସ ୨୦୨୬କୁ ବିଧିବଦ୍ଧ ଭାବେ ଆରମ୍ଭ କରାଯାଇଛି, ଯାହାର ଥିମ୍ ରହିଛି– ଥିଙ୍କିଂ ଇଜ୍ ଗୁଡ୍, ଡୁଇଂ ଇଜ୍ ବେଟର୍ । ଏହି ପଦକ୍ଷେପ ମାଧ୍ୟମରେ କମ୍ପାନୀ ସାମଗ୍ରିକ ଭାବେ ପରିବେଶ ସଂରକ୍ଷଣ ଦିଗରେ କାର୍ଯ୍ୟ କରିବା ସହ କର୍ମଚାରୀମାନେ ମଧ୍ୟ ସେମାନଙ୍କ ବ୍ୟକ୍ତିଗତ ଜୀବନରେ କିପରି ସବୁଜ ପୃଥିବୀ ଗଠନର ବାର୍ତ୍ତାବାହ ସାଜିବେ ସେନେଇ ସଚେତନ କରାଇବ ।

ପ୍ରତିବର୍ଷ ଜୁନ ୫ ତାରିଖରେ ସାରା ବିଶ୍ୱ, ବିଶ୍ୱ ପରିବେଶ ଦିବସ ପାଳନ କରେ । ଚଳିତବର୍ଷ ଏହାର ବିଷୟବସ୍ତୁ ରହିଛି – ପ୍ରକୃତି ଦ୍ୱାରା ଅନୁପ୍ରାଣିତ । ଜଳବାୟୁ ପରିବର୍ତ୍ତନର ମୁକାବିଲା ନିମନ୍ତେ ଏକ ସାମଗ୍ରିକ ପ୍ରୟାସର ଆବଶ୍ୟକତାକୁ ଅନୁଭବ କରି ଟିପିଏସ୍ଓଡିଏଲ୍ ଟାଟା ସଷ୍ଟେନେବିଲିଟି ମାସ ପାଳନ କରିଆସୁଅଛି । କମ୍ପାନୀ ପକ୍ଷରୁ ଏହି ମାସରେ ପ୍ଲାଷ୍ଟିକ୍ ବ୍ୟବହାର ସମ୍ପର୍କିତ ସଚେତନତା ଅଧିବେଶନ, ବେଳାଭୂମି ସଫେଇ ଅଭିଯାନ, ବୃକ୍ଷରୋପଣ ତଥା ଅନ୍ୟାନ୍ୟ ପରିବେଶ ସଂରକ୍ଷଣ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ କରାଯିବ ।

ପରିବେଶ ସଂରକ୍ଷଣ ତଥା ସାମାଜିକ ଦାୟିତ୍ୱବୋଧ କ୍ଷେତ୍ରରେ ଟାଟା ଗ୍ରୁପ୍ ନିଜ ଦୃଢ଼ ପ୍ରତିବଦ୍ଧତା ଦେଖାଉଛି । ନିଜ କର୍ମଚାରୀ ତଥା ଉପଭୋକ୍ତା ସଂପ୍ରଦାୟଙ୍କ ମଧ୍ୟରେ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଦିଗରେ କାର୍ଯ୍ୟ କରୁଛି ।

ଟିପିଏସ୍ଓଡିଏଲର ଏହି ବୃକ୍ଷରୋପଣ ଅଭିଯାନ ବିଭିନ୍ନ ଜିଲ୍ଲାରେ ଥିବା କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ଅନୁଷ୍ଠିତ ହୋଇଛି, ଯେଉଁଥିରେ କମ୍ପାନୀର କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଛନ୍ତି ।

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

# କରଣୀ ମାତା

ଭାରତ ଭୂମି ବିଚିତ୍ରତାର ପବିତ୍ର ଭୂମି।ଏଠି କେତେକାଂଶରେ ଅବିଶ୍ବାସନୀୟ ଚମତ୍କାର ଦେଖିବାକୁ ମିଳିଯାଏ।

ରାଜସ୍ଥାନର ବିକାନୀର ମରୁସ୍ଥଳରୁ ପ୍ରାୟତଃ ୩୦କି:ମି: ଦୂର ଦକ୍ଷିଣ ଦିଗରେ ଏକ ଛୋଟକାଟିଆ ସହର ଦେଶନୋକ।ସେଇଠାରେ କରଣୀ ମାତାଙ୍କ ଭବ୍ୟ ମନ୍ଦିର ଅବସ୍ଥିତ।ଉକ୍ତ ମନ୍ଦିର ଅନେକ କାରଣରୁ ଭବ୍ୟତା ହାସଲ କରିଛି।ଲୋକଙ୍କ ମୁଖରୁ ଶୁଣାଯାଏ କରଣୀ ମାତା ଚରଣ ରାଜପୁତଙ୍କର କୂଳଦେବୀ ଅଟନ୍ତି।ମନ୍ଦିରରେ ପ୍ରାୟଃ ୫ ହଜାରରୁ ଅଧିକ ମୂଷା ଅଛନ୍ତି।କେତେକ ମୂଷା ଦେଖା ଦିଅନ୍ତି ଆଉ କେତେକ ଦେଖା ଦିଅନ୍ତି ନାହିଁ।ଦର୍ଶନାର୍ଥୀଙ୍କୁ ମନ୍ଦିର ମଧ୍ୟରେ ଦେଖି ଦେଖି ଚାଲିବାକୁ ପଡେ।ମୂଷାଗୁଡିକ ଦର୍ଶନାର୍ଥୀଙ୍କୁ ଆଦୌ ଭୟ କରନ୍ତି ନାହିଁ।ମନ୍ଦିରରେ ଧଳା ମୂଷା ଦର୍ଶନ କରିବାକୁ ଅତ୍ୟନ୍ତ ଶୁଭ ବୋଲି ଭକ୍ତଜନ ବିଶ୍ବାସ କରନ୍ତି।ମାଙ୍କ ନିକଟରେ ଯେଉଁ ପ୍ରସାଦ ଭୋଗ ଲାଗେ ତାହାକୁ ଏଠି ସେଠି ପକାଇ ଦିଆ ଯାଏ।ମୂଷାଗିଡିକ ସେସବୁ ପ୍ରସାଦ ଖାଇ ତୃପ୍ତ ହେବାପରେ ସେଇଠାରେ ବିଶ୍ରାମ କରନ୍ତି।ଏହାବ୍ୟତୀତ ବଡ଼ ବଡ଼ ପରାତରେ କ୍ଷୀର ଭରି ରଖା ହୋଇଥାଏ।ଇଚ୍ଛା ହେଲେ କେବେ କେବେ ସେମାନେ କ୍ଷୀର ବି ପିଅନ୍ତି। ସାମାନ୍ୟତ ମୂଷା ମନୁଷ୍ୟଙ୍କୁ ଦେଖିଲେ ଭୟରେ ଦଉଡି ପଳାଏ, ମାତ୍ର କରଣୀ ମାତା ମନ୍ଦିରରେ ସେମିତି କିଛି ହୁଏନାହିଁ।ଯେମିତି ଲାଗେ ମାଙ୍କର ଆଶୀର୍ବାଦ ସେମାନଙ୍କ ଉପରେ ସଦୈବ ଅଛି।ମନ୍ଦିର ବାହାରେ କି ଅନ୍ୟ କୋଉଠାରେ ଗୋଟିଏ ବି ମୂଷା ଦେଖିବାକୁ ମିଳେନାହିଁ କିନ୍ତୁ ମନ୍ଦିର ମଧ୍ୟରେ ପ୍ରବେଶ କଲେ ସଂଖ୍ୟାଧିକ ମୂଷାମାନଙ୍କୁ ଦେଖି ବଡ଼ ଆଶ୍ଚର୍ଯ୍ୟ ଲାଗେ। ମରୁସ୍ଥଳରେ ଥିବା ଏକ ମନ୍ଦିର ଯାହାର ମୁଖ୍ୟ ଦ୍ବାର ଏତେ ଭବ୍ୟ ଯେ ଆକର୍ଷିତ ହୋଇ ସେଠାରେ ପହଞ୍ଚିବାକୁ ହୁଏ।ମନ୍ଦିରରେ ପଙ୍କ୍ତି ବଦ୍ଧ ହୋଇ ଛିଡା ହେବାକୁ ପଡେନାହିଁ।ସମସ୍ତ ଭକ୍ତ ଆରାମରେ ମାଙ୍କୁ ଦର୍ଶନ କରନ୍ତି।ନବରାତ୍ର ତଥା ମାଙ୍କର କିଛି ମୁଖ୍ୟ ପର୍ବକୁ ଛାଡି ଅନ୍ୟ ଦିନ ମାନଙ୍କରେ ଭିଡ଼ ହୁଏନାହିଁ।ଭକ୍ତ ପ୍ରସାଦ ଆଦି ମା ଙ୍କ ପାଖେ ଅର୍ପଣ କରି ମୂଷାଙ୍କ ପାଇଁ ସେଇଠି ପକାଇ ଦିଅନ୍ତି।ଏହା ହିଁ ସନାତନ ଧର୍ମର ଆସ୍ଥା ଓ ହିନ୍ଦୁ ସଂସ୍କୃତିର ଅଭୁତ ସଙ୍ଗମ। ମରୁସ୍ଥଳରେ ସାଧାରଣତଃ ଜଳର ଅଭାବ ରହେ।ବୃକ୍ଷ-ଲତା ଏବଂ ଜୀବ-ଜନ୍ତୁ ସଂରକ୍ଷଣ ପାଇଁ ସେମାନେ ଜଳ ସଂରକ୍ଷଣ ଲାଗି ସଦୈବ ତତ୍ପର ରୁହନ୍ତି।ଏପରିକି ବୈଷ୍ଣବ ଧର୍ମାବଲମ୍ବୀମାନେ ନିଜ ମୁଣ୍ଡ କଟିଦେବେ ହେଲେ ଗୋଟେ ବି ବୃକ୍ଷ କାଟିବାକୁ ଦିଅନ୍ତି ନାହିଁ। ବନ୍ୟ ଜୀବ,ବୃକ୍ଷର ସଂରକ୍ଷଣ ସହିତ ଜଳ ସଂରକ୍ଷଣ ନିମନ୍ତେ ରାଜସ୍ଥାନରେ ଏକ ସ୍ଥାୟୀ ପରମ୍ପରା ଚଳିଆସିଛି।ବର୍ଷା ଦିନେ ବର୍ଷା ଜଳ ସଂଗ୍ରହ ପାଇଁ ଭୂମିଗତ ବଡ଼ ବଡ଼ ଟାଙ୍କିରେ ସଂଗ୍ରହ କରି ରଖାଯାଏ।ଯାହା ପରିବାର ପାଇଁ ଲୁଗା ଧୋଇବାଠୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହୃତ ହୋଇଥାଏ।

କରଣୀ ମାତା ପଶୁ ପକ୍ଷୀଙ୍କର ଜୀବନ ସୁରକ୍ଷିତ ନିମନ୍ତେ ଭକ୍ତ ଜନ ଙ୍କୁ ସନ୍ଦେଶ ଦେଇଥାନ୍ତି।ଅନ୍ୟ ଏକ ବିଶେଷତା ଏହା ଯେ ସେଠାରେ

ନିୟୋଜିତ ପୂଜକମାନେ ମାତାଙ୍କ ଦର୍ଶନ ନିମନ୍ତେ ହେଉ କି ଭୋଗ ଲଗେଇବାକୁ ହେଉ କେହି ବି ଦକ୍ଷିଣା ମାଗନ୍ତି ନାହିଁ।ତାଛଡା ମନ୍ଦିର ରେ ଏତେ ଗୁଡିଏ ମୂଷକ ଥିବା ସତ୍ତ୍ୱେ କେବେବି ପ୍ଲେଗ୍ ଭଳି ରୋଗ କାହାକୁ ହୋଇନାହିଁ।ଏହା ହିଁ କରଣୀ ମାତାଙ୍କର ଚମତ୍କାର।ଯେଉଁ ଠାରେ ବିଜ୍ଞାନର ତର୍କ ପ୍ରୟୋଗ ହୋଇପାରେ ନାହିଁ ସେହିପରି ଆସ୍ଥାର ଅଧୀନରେ ଶ୍ରଦ୍ଧାଳୁ ମାଙ୍କ ଚରଣରେ ମୁଣ୍ଡ ଝୁକେଇ ଦିଅନ୍ତି।

**ସୁଧାଂଶୁ ଶେଖର ଦ୍ବିବେଦୀ**
**ବିସି-୭୪,ସଲ୍ଟ ଲେକ୍,କଲକତା-୬୪**

# ମୃତ୍ୟୁ ବିନା ନୂଆ ଜନ୍ମ: ଜୀବନ ଦର୍ଶନରେ ନୂତନ ଚିନ୍ତାରେଖା

ଆଧୁନିକ ସମାଜ ଯାତ୍ରାରେ 'ମୃତ୍ୟୁ ବିନା ନୂଆ ଜନ୍ମ' ବିଷୟଟି ନୂଆ ମର୍ମ ସୃଷ୍ଟି କରୁଛି। ପୁରାତନ ଦାର୍ଶନିକ ଗ୍ରନ୍ଥରୁ ଆରମ୍ଭ କରି ଆଧୁନିକ ମନୋବିଜ୍ଞାନ ପର୍ଯ୍ୟନ୍ତସମସ୍ତେ ଏକଥା ମାନୁଛନ୍ତି ଯେ ଜୀବନରେ ବଡ଼ ପରିବର୍ତ୍ତନ ଆସିବାକୁ ହେଲେ ପ୍ରଥମେ ପୁରୁଣାକୁ 'ଶେଷ' କରିବା ଆବଶ୍ୟକ।

ବିଶେଷଜ୍ଞମାନଙ୍କ ମତ, ଏହି 'ମୃତ୍ୟୁ' କୌଣସି ଶାରିରିକ ଶେଷ ନୁହେଁ ଏହା ହେଉଛି ପୁରୁଣା ଚିନ୍ତା, ଅଭ୍ୟାସ ଓ ଭୟର ଶାନ୍ତ ଅବସାନ। ଯେତେବେଳେ ମନୁଷ୍ୟ ନିଜର ଅନୁଭବ, କ୍ଷମା, ଅପେକ୍ଷା ଓ ଅଭିମାନରୁ ମୁକ୍ତ ହୁଏ ସେତେବେଳେ ତାଙ୍କ ମଧ୍ୟରେ ଆରମ୍ଭ ହୁଏ ଏକ ନୂଆ ଜୀବନ ଯାତ୍ରା। ସାମାଜିକ ବିଶ୍ଳେଷକମାନେ କହନ୍ତି, ଆଧୁନିକ ଯୁଗର ଧ୍ରୁବ ପରିବର୍ତ୍ତନ ପରିସ୍ଥିତିରେ ଏହି ଧାରଣା ଅଧିକ ପ୍ରାସଙ୍ଗିକ। ଯେଉଁ ମନୁଷ୍ୟ ପୁରୁଣା 'ମୁଁ'କୁ ଛାଡ଼ିବାକୁ ସମର୍ଥ ସେହି ମନୁଷ୍ୟ ନୂତନ ସଫଳତା, ନୂତନ ଶକ୍ତି ଓ ନୂତନ ପରିଚୟ ସୃଷ୍ଟି କରିପାରେ। ଆଧ୍ୟାତ୍ମିକ ଆଚାର୍ଯ୍ୟମାନଙ୍କ ମତ ଆଉଟିକେ ଗଭୀର। ସେମାନଙ୍କ ମତାନୁସାରେ, ଶାସ୍ତ୍ରରେ କୁହାଯାଇଥିବା 'ପୁନର୍ଜନ୍ମ' ମନୁଷ୍ୟ ଜୀବନରେ ଦାର୍ଶନିକ ଅର୍ଥକୁ ବୁଝାଏ ଯେଉଁଠାରେ ଏକ ନୂତନ ମନ, ନୂତନ ଦୃଷ୍ଟି ଓ ନୂତନ ଚେତନାର ଉଦୟ ହୁଏ। ମଣିଷ ନିଜକୁ ଯେତେବେଳେ ପୁଣିଥରେ ଖୋଜିଥାଏ, ତାହା ହେଉଛି ତାଙ୍କର ପ୍ରକୃତ ନୂଆ ଜନ୍ମ।

ସମାଜ ବିଦ୍ୟାବିଦ୍ବାନଙ୍କ ମତ–

''ଯାହାକୁ ଆମେ ଅଳ୍ପ ଭଲପାଠ ଜାଣିନଥିବା ସତ୍ୟ, ସେହି ସତ୍ୟ ହେଉଛି ମୃତ୍ୟୁ ବିନା କୌଣସି ନୂଆ ଜନ୍ମ ସମ୍ଭବ ନୁହେଁ। ପରିବର୍ତ୍ତନର ପ୍ରତ୍ୟେକ ଅବସ୍ଥାରେ ଏକ ଛୋଟ 'ଶେଷ' ରହେ ଏବଂ ପ୍ରତ୍ୟେକ 'ଶେଷ'ରେ ଲୁଚିଥାଏ ଏକ ନୂଆ ଆରମ୍ଭ।'' ଏହି ଧାରଣା କେବଳ ଆଧ୍ୟାତ୍ମିକ ବିଶ୍ବାସ ନୁହେଁ ଏହା ଜୀବନ ବ୍ୟବହାରର ସତ୍ୟ ମଧ୍ୟ।ପୁରୁଣାକୁ ବିଦାୟ ଦେବା ଅବସାଦକୁ ଦୂର କରିବା, ଭୟକୁ ଭାଙ୍ଗିବା, ଅସଫଳତାକୁ ଭୁଲିବା ଏହା ହେବ ଅସଲି ନୂଆ ଜନ୍ମର ପଥ।

**ସିତାଂଶୁ ଶେଖର ମିଶ୍ର**
**ସୋନପୁର,ଶାନ୍ତି ନଗର**

# ବିଶ୍ୱବିଜୟୀ

ଯାହାର ଆଜ୍ଞା ଶିରୋଧାର୍ଯ୍ୟ କରି ସୃଷ୍ଟିକର୍ତ୍ତା ବ୍ରହ୍ମା ସଂସାର ରୂପୀ ହାଣ୍ଡି ମଧ୍ୟରେ କୁମ୍ଭାର ସାଜିଛନ୍ତି, ପାଳନ କର୍ତ୍ତା ବିଷ୍ଣୁ ବିଭିନ୍ନ ଅବତାର ରୂପୀ ହୋଇ ମହାସଙ୍କଟରେ ପଡୁଛନ୍ତି, ଅକର୍ମ କର୍ମଦାୟକ ଆଶୁତୋଷ ଶିବ ଖର୍ପର ଧରି ଭିକ୍ଷାଟନ କରନ୍ତି ଏବଂ ପ୍ରଚଣ୍ଡ ତେଜସ୍ବୀ ସୂର୍ଯ୍ୟ ମଧ୍ୟ ନିତ୍ୟ ନିୟମିତ ଗଗନ ମଣ୍ଡଳରେ ଉଦୟ ହୁଅନ୍ତି ଓ ଅସ୍ତ ଯାଆନ୍ତି, ସେହି କର୍ମଙ୍କୁ ନ୍ମସ୍କାର । ସେହି କର୍ମରୂପୀ ଧର୍ମହିଁ ମାନବ ଧର୍ମ । ଯାହା ଏହି ଧରାକୁ ଧରି ରଖିଛି । ମାନବ ସମାଜକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଛି । ତେବେ ଏହା ପ୍ରବଚନରେ ନୁହେଁ, ଆଚରଣ ଦ୍ବାରା ଏହାର ନିଖୁଣ ପ୍ରତିପାଦନ ଏତେ ସହଜ ନୁହେଁ। ଏଥିପାଇଁ ଆବଶ୍ୟକ ସ୍ବାର୍ଥ, କାମନା, ବାସନା ଯଥାସମ୍ଭବ ତ୍ୟାଗ ପୂର୍ବକ ସଂଯମ ଆଚରଣ । ସଂଯମଠାରୁ ବଳି ବଡ଼ ତପସ୍ୟା ବା ସାଧନା ନାହିଁ । ଯିଏ ସଂଯମୀ ସେ ମନକୁ ଜୟ କରିଥାଏ ଏବଂ ଯିଏ ମନକୁ ଜୟ କରେ ସେ ପ୍ରକୃତ ବିଶ୍ୱବିଜୟୀ । ଏହିପରି ବ୍ୟକ୍ତିତ୍ବକୁ ଶାସ୍ତ୍ରରେ ଧୀର ବୋଲି କୁହାଯାଇଛି ଏବଂ ଏହାର ସଂଜ୍ଞା ମଧ୍ୟ ନିରୂପଣ କରାଯାଇଛି ।

# ଦୁଃଖ ପରେ ସୁଖ

**ସୁନନ୍ଦା ମହାନ୍ତି**

ଡାକ୍ତର ପଚାରିଲେ ଆଛା ଆପଣ ସୁନାମୁଦି ମାଟିରେ କାହିଁ ପୋତିଲେ? ଉତ୍ତର ନଥିଲା । ମାଟି କାହିଁକି ଖାଉଛନ୍ତି? ତଥାପି କିଛି ଉତ୍ତର ଦେଉନଥିଲେ ଅଭିନ ।ପୁଅ କହୁଥିଲା ଖାଲି ସେତିକି ନୁହେଁ ଆଜ୍ଞା ଘରର ସବୁ ଜିନିଷ ପତ୍ର ପାଣିରେ ଫୋପାଡି ତାଳି ମାରନ୍ତି କେବେ କେବେ ତ ଖୁବ କାନ୍ଦନ୍ତି ପୁଣି କେବେ ହସନ୍ତି । ଡାକ୍ତର ଚିନ୍ତାଗ୍ରସ୍ତ ରହିଲେ କାରଣ ଅଭିନଙ୍କୁ ସେ ଜାଣନ୍ତି । ପ୍ରଥମ ଦୁଇବର୍ଷ କଲେଜରେ ପଢିବା ବେଳୁ ସେ ଅଭିନଙ୍କୁ ଜାଣନ୍ତି । ଏକାଠି ଅନେକ ଥର ଅଭିନଙ୍କ ସଙ୍ଗେ ମିଶି ତାଙ୍କ ଗାଁକୁ ଯାଇଛନ୍ତି । ଗାଁରେ ମାଉସୀଙ୍କ ହାତରୁ ଯିଏ ସେ ଆରିଷା ପିଠା ଖାଇଥିବ ସେ କଣ କେବେ ଭୁଲିବ! ଦୁଇବର୍ଷ ପାଠ ପଢା ଭିତରେ ଅଭିନ ଆର୍ଟ୍ସରେ ଟପ୍ପର ହେଲା ଓ ସେ ସାଇନ୍ସରେ ଟପ୍ପର ହୋଇ ଡାକ୍ତରୀ ଲାଇନକୁ ଗଲାପରେ ଅଭିନ ତା ବ୍ୟାଚର ଟପ୍ପର ଓଏସ ଲିଷ୍ଟରେ ଥିଲା । କିନ୍ତୁ ଆଜି ତାର ଏଭଳି ଅବସ୍ଥା ଦେଖି ନିଜ ଆଖିକୁ ବିଶ୍ବାସ କରିପାରୁନଥିଲେ ଡାକ୍ତର ନବନୀତ ପଟ୍ଟନାୟକ ।ହଠାତ ପଚାରିଦେଲେ ଆଛା ତୁମ ମାଆଙ୍କ ନାମ ବିନି ତ? ନାହିଁ ଆଜ୍ଞା ମୋ ମାଆଙ୍କ ନାମ ମାୟା । ମାୟା ପଟ୍ଟନାୟକ । ଚିନ୍ତିତ ହୋଇପଡିଲେ ଡାକ୍ତର ନବନୀତ କାରଣ ସେ ଭଲ କରି ଜାଣିଥିଲେ ଅଭିନ ପଟ୍ଟନାୟକ ତାଙ୍କ ଗାଁ ଝିଅ ବିନିକୁ ହିଁ କଥା ଦେଇଥିଲା ତାକୁ ବାହା ହେବ ବୋଲି । ତେବେ ମାୟା କିଏ? ସେ କେମିତି ଅଭିନ ଜୀବନରେ ଆସିଲା, ତା ପୁଅକୁ ପଚାରିନପାରି କେବଳ କହିଥିଲେ ଆଛା କହିଲ ଦେଖି, ତୁମ ଜେଜେମା କୋଉଠି? ସେ ଗାଁରେ ଆଜ୍ଞା । ଆମେ ମାଆ ମୁଁ ଓ ବାପା ଏଇ ସହରରେ ରହୁ । ଗାଁରେ ବୁଢୀମା ରହେ । ଏଥର ସଜାଡି ହୋଇ ବସିଲେ ଡାକ୍ତର ।କହିଲେ ମୁଦିଟିକୁ ମତେ ଦେଖେଇ ପାରିବ ରାଜେଶ । କୋଉ ମୁଦି ଆଜ୍ଞା? ଯୋଉ ମୁଦିଟାକୁ ତୁମ ବାପା ଥରକୁ ଥର ମାଟିରେ ପୋତି ଦିଅନ୍ତି । ପକେଟରେ ଯତ୍ନରେ ରଖିଥିବା ମୁଦିଟିକୁ କାଢ଼ି ରାଜେଶ ଡାକ୍ତରଙ୍କ ହାତକୁ ବଢ଼େଇ ଦେଲା । ଯୋଉଥିରେ ମାୟା ଲେଖାଯାଇଥିଲା । ଏତିକିରୁ ନବନୀତ ସ୍ଥିର ନିଶ୍ଚିନ୍ତ ହେଲେ ଯେ ମୁଦିଟିକୁ ଅଭିନ ଘୃଣା କରନ୍ତି ନିଶ୍ଚୟ । ତେବେ ତାଙ୍କ ସ୍ତ୍ରୀଙ୍କ ସହ ଅଭିନଙ୍କର କେମିତି ସମ୍ପର୍କ ପଚାରି ନପାରି ନବନୀତ ରାଜେଶଙ୍କୁ କହିଥିଲେ ତୁମ ବାପାଙ୍କ କେଶ ଖୁବ ଜଟିଳ । ତାଙ୍କ କେଶ ହିଷ୍ଟ୍ରି ଷ୍ଟଡି ନକଲେ ଯେତେ ଔଷଧ ଦେଲେ ମଧ୍ୟ କାମ କରିବ ନାହିଁ । ଆଛା ପୁଅ ବାପାଙ୍କ ମୁଣ୍ଡ ବିଗିଡିବାର କାରଣ କଣ ତୁମେ କିଛି କହିପାରିବ ରାଜେଶ? ଗୋଟେ ସଚୋଟ ଅଫିସରଙ୍କ ନିଜ ମାନସିକ ସ୍ଥିତି ଠିକ ନାହିଁ ମାନେ ଦୁଇଟି କାରଣ ଥାଇପାରେ ।କଣ ଆଜ୍ଞା? ପ୍ରଥମତଃ ଅସନ୍ତୁଷ୍ଟ ଚାକିରୀ । ହେଲେ ବାପା ତ ଭଲ୍ୟୁଣ୍ଟାରୀ ରିଟାୟାରମେଣ୍ଟ ନେଇସାରିଛନ୍ତି ବିଗତ ପାଞ୍ଚ ବର୍ଷ ଆଗରୁ । ହଉ ତୁମେ ଏ ଔଷଧ ନେଇ ଯାଅ । ପନ୍ଦର ଦିନ ପରେ ଆସି ମତେ ଦେଖାକର ।ପନ୍ଦର ଦିନ ପରେ ଆସିବା ଦୂର କଥା ପାଞ୍ଚ ଦିନ ପରେ ବାପାଙ୍କୁ ନେଇ ପୁଣି ଆସିଥିଲା ରାଜେଶ ହସ୍ପିଟାଲ ଓ କହିଥିଲା ବାପାଙ୍କୁ ଆଉ ବୁଝେଇ ହେଉନି ଆଜ୍ଞା ଖାଲି ମାଟି ଓ ମାଆ ଦୁଇଟି ଶବ୍ଦ କହି ମାଟି ପୁଳା ପୁଳା ଖାଉଛନ୍ତି । ଆଛା ମାଆଙ୍କୁ ସଙ୍ଗରେ ଆଣିଲନି କିଛି ତଥ୍ୟ ବୁଝିବାର ଥିଲା ତ ହଉ ମୁଁ ନିଜେ ଯିବି ମାଆଙ୍କୁ ଦେଖା କରିବାକୁ ତୁମେ ଅପେକ୍ଷା କର କାରଣ ଅଭିନ କେବଳ ତୁମ ବାପା ନୁହଁନ୍ତି ମୋର ମଧ କେବଳ ପେସେଣ୍ଟ ନୁହଁନ୍ତି ବରଂ ଭଲ ସାଙ୍ଗ ଥିଲୁ ଆମେ ଆଉ ଉଚ୍ଛମନା ଅଭିନକୁ ଦେଖି ମୋର କାହିଁକି ସନ୍ଦେହ ହେଉଛି କିଛି ଗୋଟେ ବଡ଼ କାରଣ ଅଛି ଏଥିରେ ଯୋଉଥିପାଇଁ ତାଙ୍କର ଏ ନର୍ଭସ ଅବସ୍ଥା ।

ଟିକେ ପରେ ନିଜେ ଡାକ୍ତର ନବନୀତ ବନ୍ଧୁ ଅଭିନଙ୍କ ସହ ତାଙ୍କ ପୁଅ ରାଜେଶ ସଙ୍ଗେ ଘରକୁ ଆସି ମାୟାକୁ ଭେଟି ଆଶ୍ଚର୍ଯ୍ୟ ଚକିତ ହୋଇପଡ଼ିଥିଲେ । ସ୍ବାମୀଙ୍କ ଏପରି ଅବସ୍ଥାରେ ଟିକେ ବି ବିଚଳିତ ନଥିଲେ ଉଗ୍ର ଆଧୁନିକା ମହିଳା ମାୟା ବରଂ କହିଥିଲେ ଓଏସ ପାଇଲେ କଣ ହେବ ଯାହାର ମନରୁ ଗାଁ ନିଶା ଯାଇନି ସେ କେମିତି ସୁସ୍ଥ ମସ୍ତିଷ୍କ ରହିପାରିବେ?ମାୟାଙ୍କର ଏହି ସଂକ୍ଷିପ୍ତ କଥାବାର୍ତ୍ତାରୁ କିଛି କ୍ଲୁ ପାଇଗଲେ ଡାକ୍ତର ନବନୀତ । ପୁଅ ରାଜେଶର ଦୁଃଖରେ ବିଗଳିତ ହୋଇ କହିଲେ ମୋର ମୋ ସାଙ୍ଗ ପାଇଁ କିଛି କର୍ତ୍ତବ୍ୟ ଅଛି ପୁଅ ଚାଲ ତୁମ ଗାଁକୁ ଯିବା ଅଭିନକୁ ନେଇ । ଗାଁରେ ପହଞ୍ଚ ପହଞ୍ଚ କି ପିଲା ବୁଢା ସମସ୍ତେ ଦଉଡି ଆସିଥିଲେ ଅଭିନଙ୍କୁ ଦେଖିବାକୁ । ଖାଲି ଖାଲି ନୁହେଁ, ଠିକ ସେହି ରୋଷଣୀ ବାଜା ନାଚ ଗୀତ ଭିତରେ, ଯେମିତି ଅଭିନ ଓଏସ ପାଇବା ଦିନ ବଧେଇ ଜଣେଇବାକୁ ସମସ୍ତେ ଆସିଥିଲେ । ଡାକ୍ତର ଲକ୍ଷ କରୁଥିଲେ କିଛିବି ପରିବର୍ତ୍ତନ ନଥିବା ଅଭିନ ଯେବେ ମାଆଙ୍କୁ ଦେଖିଥିଲେ ଭୋ ଭୋ କାନ୍ଦିଥିଲେ । ମାଆଙ୍କ ପାଖରେ କେହି ନଥିଲେ । ଯିଏ ଥିଲେ ସେ କିଏ ପ୍ରଶ୍ନରେ ମାଉସୀ କହିଥିଲେ ଆକୁ ଚିହ୍ନି ପାରୁନୁ ନବ? ଏ ପରା ବିନି । ଓଏସ ପାଇବା ପରେ ଅଭିନ ସିନା ମାୟାକୁ ପସନ୍ଦ କରି ବାହା ହୋଇଗଲା ହେଲେ ବିନି ଚିରକୁମାରୀ ରହି ମୋର ସୋ କରୁଛି । ବାହା ହୋଇ ଚାକିରୀ ଜାଗାକୁ ମାୟାକୁ ନେଇ ଗଲା ଯେ ଗଲା । ମୁଁ ମଝିରେ ମଝିରେ ଯାଉଥିଲି ହେଲେ ବଡ଼ଲୋକ ଘର ଝିଅ ମାୟାର ବ୍ୟବହାର ସହି ନପାରି ଫେରିଆସିଲି । ବିନିର ବାପା ମରିଗଲା ପରେ ତା ମୁହଁକୁ ଚାହିଁ ବଞ୍ଚିଛିରେ ନବ । ମୋ ପୁଅକୁ ଭଲ କରିଦେ ଧନ । ଚାନ୍ଦ ଯେତେ ଦୂରରେ ଥିଲେ ମଧ ସେ ଆକାଶର । ମୋ ପୁଅ ଭଲରେ ଥିଲେ ଭଲ ।

ଆଜି ବି ମାଉସୀ ସେମିତି ସ୍ନେହ ଶ୍ରଦ୍ଧାର ଜୀବନ୍ତ ନାରୀ ପ୍ରତିମୂର୍ତ୍ତୀଟିଏ । ବିନି ଦେବୀଙ୍କ ସାହାଯ୍ୟରେ କେତେ ପ୍ରକାର ସୁସ୍ୱାଦୁ ଭୋଜନରେ ଆପାୟିତ କରୁ କରୁ ଅଭିନର ଏ ପ୍ରକାର ପାଗେଳାମୀର କାରଣ ଯେ ମାୟା ଏକଥା ବୁଝିବାକୁ ବାକି ନଥିଲେ ମଧ ଏତେ ସବୁ ପରେ ଅଭିନର ନିର୍ବିକାର ରହିବା ଦେଖି ଡାକ୍ତର ନବନୀତ ରାଜେଶକୁ କହିଥିଲେ ତୁମେ କଲେଜକୁ ଫେରିଯାଅ ରାଜେଶ । ମୋ ସାଙ୍ଗ ଅଭିନ କେମିତି ଭଲ ହେବ ସେକଥା ମତେ ଲାଗିଲା । ତୁମେ କେବଳ ଗୋଟେ ଲଫାପା ନେଇ ତୁମ ମାଆଙ୍କୁ ଦେବ ଓ ମୋ ଛୁଟି ଦରଖାସ୍ତ ହସ୍ପିଟାଲରେ ଦେଇ ତୁମ ପାଠପଢ଼ାରେ ତୁମେ ଧ୍ୟାନ ରଖିବ । ଡାକ୍ତର ନବନୀତଙ୍କ କହିବା ଅନୁଯାୟୀ ରାଜେଶ ଲଫାପା ଓ ଛୁଟି ଦରଖାସ୍ତ ଧରି ସହରକୁ ଚାଲିଯାଇଥିଲା ।ବିନିଙ୍କ ସହିତ କଥାବାର୍ତ୍ତା ହୋଇ ନବନୀତ ଜାଣି ପାରିଥିଲେ ଓଏସ ପାଇବା ପରେ ଅଭିନ ବଦଳି ଯାଇଥିଲେ । ବିନି ପରିବର୍ତ୍ତେ ମାୟାଙ୍କୁ ହିଁ ପସନ୍ଦ କରୁଥିଲେ । କିନ୍ତୁ ମାୟା ଅଭିନଙ୍କୁ ସନ୍ଦେହ କରି ତାଙ୍କୁ ଗାଁରୁ ଦୂରେଇ ରଖୁଥିଲେ । ଏମିତିକି ମାଉସୀଙ୍କୁ ଦେଖିବାକୁ ଛାଡ଼ି ଦେଉନଥିଲେ । ତାର କାରଣ କେବଳ ମୁଁ ନବଭାଇ । ତୁମେ ଜାଣ ତୁମ ସାଙ୍ଗ ମତେ କେତେ ଭଲ ପାଉଥିଲେ କିନ୍ତୁ ବିଶ୍ୱାସ କର ନବଭାଇ ଅଭିଭାଇଙ୍କ ବାହାଘର ପରେ ମୁଁ କେବେ ବି ଚାହିଁନି ତାଙ୍କୁ ପୂର୍ବ ନଜରରେ । ମୁଁ କାହିଁକି ବାହା ହୋଇନି ତାହା ମୋ ଭାଗ୍ୟର ଲିଖନ କିନ୍ତୁ ମୋ ଯୋଗୁଁ ଅଭିଭାଇର ଜୀବନ ନଷ୍ଟ ହେଇଯାଉ ମୁଁ କେବେ ଚାହେଁନା । ହେଲେ ମାଉସୀଙ୍କର ଏଥିରେ ଦୋଷ କଣ?ଅଭିଭାଇ ଓ ମାୟା ଭାଉଜଙ୍କ ପାଇଁ ମାଉସୀଙ୍କୁ କାହିଁକି ଦଣ୍ଡ ମିଳିବ?

ଠିକ କଥା କହିଛ ବିନି କିନ୍ତୁ ତୁମକୁ ଏକ ପରୀକ୍ଷା ଦେବାକୁ ପଡିବ? କଣ ନବଭାଇ? ତୁମେ ଯଦି ପ୍ରକୃତରେ ତୁମ ଅଭିଭାଇଙ୍କୁ ଭଲ ପାଅ ତାଙ୍କ ଦେହ ସୁସ୍ଥ ହେବା ପାଇଁ ତୁମକୁ ମିଛି ମିଛିକା ଅଭିନୟ କରିବାକୁ ପଡିବ । କଥାଦିଅ । କଥାଦେଲି ନବଭାଇ କୁହ ମତେ କଣ କରିବାକୁ ପଡିବ? ତୁମକୁ ମିଛି ମିଛିକା ଅଭିର ନବବଧୂ ସାଜିବାକୁ ପଡିବ । ସ୍ତବ୍ଧ ହୋଇ ଠିଆ ହୋଇଥିଲେ ବିନି । ନବନୀତ ଏ ଭିତରେ ଅଭିନର ମନସ୍ତତ୍ତ୍ୱ ପଢୁଥାନ୍ତି ଗଭୀର ଅନୁଶୀଳନ କରି କିନ୍ତୁ ଅଭିର ଗ୍ରାମ ପ୍ରତି ଓ ମାଆଙ୍କ ପ୍ରତି ଗଭୀର ଅନୁକମ୍ପା ଥିବା ବେଳେ ହୃଦୟ ମନ୍ଦିରରେ କିଏ ବୁଝିବା କଷ୍ଟ ହେଉଥିଲା । ଯଦି ବିନି ତେବେ ଏଠି ଗାଁରେ, ବିଲ, ବଣ, ଗାଁର ଗଡିଆ ପୋଖରୀ, ମନ୍ଦିର ଦେଖି ଅଭିନର ଆଖିରେ ଯେତିକି ଚମକ ବିନିକୁ ଦେଖି ସେ ଚମକ ନଥାଏ । ଯଦି ମାୟା ତା ହୃଦୟ ମନ୍ଦିରର ରାଣୀ ତେବେ ମାୟା ଲେଖାଥିବା ମୁଦିକୁ ମାଟିରେ ପୋତିବା କାରଣ କଣ ହୋଇପାରେ !ହୁଏତ ଆଜିବି ବିନି ତା ହୃଦୟର କେଉଁ ନିବୃତ୍ତ କୋଠରୀରେ ବନ୍ଦିନୀ ବା ମାୟା ଯୋଗୁଁ ଗାଁ, ମାଆ, ତୋଟା, ବିଲ, ବଣ ଓ ଗାଁ ପୋଖରୀର ପଠାର ସ୍ପର୍ଶ ପାଇପାରୁନଥିବାରୁ ମାୟା ଉପରେ କ୍ଷୁବ୍ଧ । ଜାଣିଲେ ସିନା ସେହିଭଳି ପଥ୍ୟ ଦେବାକୁ ପଡିବ ନବନୀତକୁ । ସେପଟେ ମାୟା ଅଭିନର ବିନି ସହ ବାହାଘର ଲଫାପା ପାଇ କଣ କରୁଛି ଦେଖିବାକୁ ବାକି ରହିଲା ।

ନିର୍ଦ୍ଦିଷ୍ଟ ଦିନ ବରବେଶ କରାଇ ବେଦୀକୁ ଅଣାଗଲା ଅଭିନଙ୍କୁ । ବେଦୀରେ ବସି, ପୁରୋହିତ ମନ୍ତ୍ର ଉଚ୍ଚାରଣ ଭିତରେ ବିନିର ଓଢଣା ଖୋଲି ଚମକି ପଡି ମାୟା ବୋଲି ଡାକି ପଛକୁ ହଟି ଗଲାବେଳକୁ, ମାୟା ପହଞ୍ଚି ଧରିନେଇଥିଲା ଅଭିନଙ୍କୁ । କହୁଥିଲା ମୋର ସବୁ ଭୁଲ ଅଭିନ । ମୁଁ ମାଆଙ୍କ ପାଖରେ ରହି ତୁମକୁ ଏଇ ଗାଁରେ ଦେଖିବାକୁ ଚାହେଁ । ଅଭିନ ମୁହଁ ଉଜ୍ଜଳି ଉଠୁଥିବା ବେଳେ ବିନି ମୁହଁଟା ବିଷ ଜ୍ୱାଳାରେ ନେଳି ପଡି ଆସୁଥିଲା ।ବିନି ବିନି ଡାକି ଅଭିନଙ୍କ ସହ ମାୟା ମାଉସୀ ଓ ମାନସ୍ତତ୍ତ୍ୱବିତ ଡାକ୍ତର ନବନୀତ ଦଉଡି ଆସିବା ବେଳକୁ ବିନିର ପ୍ରାଣପକ୍ଷୀ ଉଡିଯାଇଥିଲା ତ ଟିକିଏ ଆଗରୁ ଖୋଲା ହସରେ ଅଭିନ ଫାଟି ପଡୁ ପଡୁ ଚୁପ ହୋଇଯାଇଥିଲେ ।ରାଜେଶ ଆସି ବାପାଙ୍କ ଭଲହୋଇଯିବା ଦେଖି ଯେତିକି ଖୁସି ହୋଇଥିଲା ବିନି ପିଇସୀଅପାଙ୍କ ଆବର୍ତ୍ତମାନରେ ସେତିକି ଦୁଃଖୀ ହୋଇଥିଲା । ଡାକ୍ତର ନବନୀତ ଫେରି ପଡୁ ପଡୁ ଅଭିନକୁ କହିଥିଲେ ରାଜେଶକୁ ଜୋଇଁ କରିବାରେ ତୋର ଆପତ୍ତି ନାହିଁ ତ ଅଭିନ?ଏତେ ଦୁଃଖ ପରେ ବି ଅଭିନ ହସୁଥିଲା ଖୋଲା ହସ । ନବବର୍ଷର ନୂଆ ସକାଳ ସୁରୁଜ ମୁରୁଜ ବୁଣିବା ପୂର୍ବରୁ ଅଭିନ ଡାକ୍ତର ନବନୀତକୁ ବିଦାୟ ଦେବା ପୂର୍ବରୁ ସମୁଦୀ କହି କୁଣ୍ଢେଇ ପକେଇବା ଦେଖି ସମସ୍ତେ ହସୁଥିଲେ ଖୁବ ଖୋଲା ହସ ।

**ସାକ୍ଷୀଗୋପାଳ, ପୁରୀ**

# ବିସ୍ଥାପନ

ଛୋଟ ସହରଟିଏ । ସେହି ସହରର ମିଶ୍ର ପରିବାର ରେ କାନ୍ଦବୋବାଳି ଚାଲିଛି। କାହାରି ମନ ଭଲ ନାହିଁ। ସମସ୍ତ ପୁରୁଷ ସଦସ୍ୟଙ୍କୁ ଫୁରସତ୍ ନାହିଁ। ସମ୍ଭାବ୍ୟ ସମସ୍ତ ସ୍ଥାନ ଖୋଜା ସରିଲାଣି। ଯିଏ ଯାହା କହିଲେ କରାଯାଇଛି।

ଘର ର ମହିଳା ସଦସ୍ୟ ମାନେ ମା ସମଲେଶ୍ବରୀ ଓ ଅନ୍ୟ ଠାକୁର ଠାକୁରାଣୀଙ୍କୁ କେତେ ଗୁହାରି କରିସାରିଲେଣି। ଯିଏ ଯାହା ପାରିଲେ ମାନସିକ ଭି କରିସାରିଲେଣି। କଣ ବା ଆଉ କରିପାରିବେ?

ନିଜେ ଭି ତ ଏ ସହରକୁ ନୂଆ ହୋଇ ଆସିଛନ୍ତି। ଆସିବାର ମାସଟେ ଭି ହୋଇନି। ନୂଆ ଜାଗା। ବହୁତ୍ କମ୍ ଲୋକ ଚିହ୍ନା ପରିଚିତ। ମନ ଭିତରେ ବିଭିନ୍ନ ପ୍ରକାରର ଶଙ୍କା ଉଙ୍କି ମାରୁଛି। କୁଆଡେ ଗଲେ ବଳଦ ଦୁଇଟା।

କେତେ ଶ୍ରଦ୍ଧା ରେ ତାଙ୍କ ନାମ ରଖାଯାଇଛି ହୀରା ଓ ମୋତି।ଧୋବ ଫରଫର ବଳଦ ଦୁଇଟା। ହୃଷ୍ଟ ପୃଷ୍ଟ ଶରୀର । ଦେଖିଦେଲେ ପେଟ ପୁରି ଯିବ । ଦେଖଣାହାରୀ ଘଡ଼ିଏ ନ ଦେଖିଲେ ଆଖି ଫେରାଇ ପାରେନା। ବହୁତ୍ ପରିଶ୍ରମୀ ଓ ଆଜ୍ଞାକାରୀ । ଏଇତ ଗତ ମାସରେ ଆସିବା ପାଇଁ ବିଲକୁଲ ମଙ୍ଗୁ ନଥିଲେ। ବହୁତ୍ କଷ୍ଟରେ ତାଙ୍କୁ ଅଣା ଯାଇଥିଲା।

ଶୁଣାଯାଉଛି ମହାନଦୀରେ କଣ ଗୋଟେ ବଡ଼ ବଂଧ ବଂଧା ହେବ । ସେଥିପାଇଁ ଗାଁ ଗଣ୍ଡା ସବୁ ଖାଲି କରାଯାଉଛି । ଚାରିଆଡେ କୋକୁଆ ଭୟ । ଲୋକେ ତ ପ୍ରଥମେ ରାଜି ହେଉନଥିଲେ ନିଜ ଭିଟାମାଟି ଛାଡ଼ିବା ପାଇଁ। ଯେତେ କାକୁତି ମିନତି , ହାରିଗୁହାରି,ବିରୋଧ, ଆନ୍ଦୋଳନ କିଛି କାମ ଦେଲାନି। ସରକାର ବାହାଦୂର କିଛି ଶୁଣିଲେ ନାହିଁ। ଦିନରାତି ଡ଼ାକବାଜି ଯନ୍ତ୍ର ରେ ଗାଆଁ ଗଣ୍ଡା ଛାଡି ଯିବାକୁ ତାଗିଦ୍ କରାଗଲା। ବିଭିନ୍ନ ପ୍ରକାର ଲୋଭ ଦିଆଗଲା। ତଥାପି ଭି ସେ ଅଞ୍ଚଳ ଛାଡ଼ି ନ ଯିବାରୁ ଧମକ ଦିଆଗଲା। ବାଧ୍ୟ କରାଗଲା।

ଓଃ! ନିଜର ଭିଟାମାଟି, ପୂର୍ବପୁରୁଷଙ୍କ ଘରବାଡ଼ି, ଚାଷଜମି , ପୁରୁଷ ପୁରୁଷ ଧରି ରହି ଆସିଥିବା ଗାଁ ଛାଡି ଅନ୍ୟତ୍ର ଯାଇ ବସବାସ କରିବା ଯେ କି କଷ୍ଟ । ଯେ ଭୁକ୍ତଭୋଗୀ ସେ ହିଁ କେବଳ ଜାଣିଛି।

ନିଜ ପାଖପଡୋଶୀ , ବନ୍ଧୁବାନ୍ଧବଙ୍କୁ ଛାଡ଼ି ଘରର ଯାବତୀୟ ଜିନିଷପତ୍ର ମୁଣ୍ଡେଇ ଆସିବା ସମୟରେ ଗାଈଗୋରୁ, ଛେଳି ମେଣ୍ଢା, କୁକୁର ବିଲେଇ ଆଦି ପୋଷା ଜିବଜନ୍ତୁଙ୍କ ବିକଳ କାନ୍ଦଣା ମନକୁ ବିଚଳିତ କରି ପକାଉଥାଏ। ସମସ୍ତେ ନିଜ ନିଜ ଜିନିଷପତ୍ର ବନ୍ଧାବନ୍ଧି କରିବାରେ ବ୍ୟସ୍ତ। ପିଢ଼ି ପିଢ଼ି ଧରି ରହି ଆସିଥିବା ଘରର କେଉଁ ଜିନିଷ ନେବେ କେଉଁଟା ଛାଡ଼ିଦେଇ ଯିବେ ଜାଣି ପାରୁନାହାନ୍ତି। ପ୍ରତ୍ୟେକ ଜିନିଷ ଉପରେ ଲୋଭ ଅଛି, ଆସକ୍ତି ଅଛି। କେମିତି ବା ନ ରହିବ ସବୁ ଜିନିଷପତ୍ର ସହିତ ଆପଣାଲୋକର କୌଣସି ନା କୌଣସି ସ୍ମୃତି ଯେ ଜଡ଼ିତ।ଛାଡି ଯିବାକୁ ମନ ଡ଼ାକୁନି। ଭୂଲିଯିବା ଏତେ ସହଜ ନୁହେଁ। କେତେ ଜିନିଷ ବା ନେଇ ପାରିବେ, ନିଜେ ତ କେଉଁଠି କି ଯିବେ , କେଉଁଠି ମୁଣ୍ଡ ଗୁଞ୍ଜିବେ ଠିକଣା ନାହିଁ। ଏତେ ଜିନିଷପତ୍ର ବା ରଖିବେ କେଉଁଠି। ବାଧ୍ୟ ହେଇ ସବୁ ଛାଡିଛୁଡି ଆସିବାକୁ ପଡ଼ିଲା।

ଗାଁମାଟି,ବନ୍ଧୁପରିଜନଙ୍କୁ ଛାଡି ଆସିବା ସମୟରେ କୋହ ସମ୍ଭାଳି ହେଉନଥାଏ,ଛାତି ଫାଟିଗଲା ପରି ଲାଗୁଥାଏ। ଛାତିକୁ ପଥର କରି ସବୁ ମୋହ ମାୟା ତୁଟାଇ ଆସିବାକୁ ପଡ଼ିଲା।

ସେ ଦୁଃଖ ଦୁର୍ଦ୍ଦଶା ନ ଯାଉନୁ ଏବେ ପୁଣି ଏ ଚିନ୍ତା । ସମସ୍ତେ କିମ୍ କର୍ତ୍ତବ୍ୟ ବିମୁଢ଼।

ଖୋଜାଖୋଜି,ପୂଜାର୍ଚ୍ଚନା, ଜ୍ୟୋତିଷ ଦେଖା,ଯିଏ ଯାହା କହିଲେ ସବୁ କରା ସରିଲାଣି। କିଛି ଖୋଜଖବର ମିଳୁନାହିଁ ହୀରା ଓ ମୋତି ର। ନିରାଶା ର ବାଦଲ ଛାଇ ଗଲାଣି ସମସ୍ତଂକ ମନରେ।

ଦେଖୁଦେଖୁ ଦୁଇଦିନ ହୋଇଗଲାଣି। ଆହା କେଉଁଠି ଥିବେ ,କଣ ଖାଇଥିବେ କି ନାହିଁ? ଏସବୁ ଚିନ୍ତାରେ ବ୍ୟତିବ୍ୟସ୍ତ ଥିବା ବେଳେ ହଠାତ୍ ଜଣେ ବୁଦ୍ଧି ଦେଲେ , ଆଜ୍ଞା ଟିକିଏ ନଖଦର୍ପଣ ଦେଖି ଜାଣିଥିବା ଲୋକମାନଙ୍କ ପାଖକୁ ଯାଆନ୍ତୁ ତ । ବୁଡି ଯାଉଥିବା ଲୋକଟିକୁ କୂଟାଖିଅର ଆଶ୍ରା। ଅଗତ୍ୟା ତାହାହିଁ କରାହେଲା। ନଖଦର୍ପଣ ଦେଖି ଲୋକଟି କହିଲା, ତୁମ ନିଜର ଗାଁରେ ଅଛନ୍ତି।

ଭାଲେଣି ପଡ଼ିଲା। ଏହା କିପରି ସମ୍ଭବ। ଗାଁ ତ ଏଠୁ ପଚିଶ କୋଶ ଦୁର । ପୁଣି ସେଠି ଏବେ କେହି ନାହାନ୍ତି। ଏତେ ଦୂର ସେମାନେ ଯିବେ ବା କିପରି? ତାଙ୍କୁ କିଏ ନେଇଥିବ? ସେ ଯାହାହେଉ ଅନେକ ବିଚାରବିମର୍ଶ ପରେ ଦୁଇ ଜଣ ସାହାସ କରି ଗାଁ ଅଭିମୁଖେ ବାହାରିଲେ ।

ରାସ୍ତା ସାରା ଶୁନଶାନ୍। ଗାଁ ଗୁଡିକ ପୂରା ଖାଲି। ମଝିରେ ମଝିରେ କୁକୁର ମାନଙ୍କ ଭୁକିବା ଶବ୍ଦ ଶୁଭୁଛି। ଅଧ ଭଙ୍ଗା ଘରଗୁଡିକ ସତେ ଯେପରି ଖତେଇ ହେଉଛନ୍ତି। ଦିନେ ଯେଉଁ ପୋଖରୀ ଓ ପୋଖରୀହୁଡା ଗୁଡିକ ଲୋକବାକରେ ଉଚ୍ଛୁଳି ପଡୁଥିଲା ଆଜି ପୂରା ଶୁନଶାନ୍। ପୋଖରୀ ହୁଡାର ତାଳଗଛ ଗୁଡିକ ସତେ ଯେପରି ହାତଠାରି ଡାକୁଛନ୍ତି। କେମିତି ଗୋଟାଏ ଭୟର ବାତାବରଣ ଚାରିଆଡେ।

ଯେଉଁ ମନ୍ଦିର ମାନଙ୍କରେ ପୂଜା,ଆରାଧନା, ଭଜନ କୀର୍ତ୍ତନ ସବୁବେଳେ ଚାଲିଥିଲା ତା ଭିତରକୁ ଏବେ ଯିବାକୁ ଡର ଲାଗୁଛି। ଅଧିକାଂଶ ମନ୍ଦିରରେ ଠାକୁର ନାହନ୍ତି ।ପୂଜକ ପରିବାର ଅଥବା ଗାଁର ଗୈନ୍ତିଆ ମାନେ ମୂର୍ତ୍ତିଗୁଡ଼ିକୁ ଛାଡି ଯାଇ ନ ପାରି ସଙ୍ଗରେ ନେଇ ଯାଇଛନ୍ତି।

ଯେଉଁ ମନ୍ଦିରମାନଙ୍କରେ ପ୍ରତିମା ଗୁଡ଼ିକ ଥିବେ ତା ଭିତରକୁ ଭି ଯିବାକୁ କେମିତି ଗୋଟିଏ ଅଜଣା ଭୟ ମାଡ଼ି ବସୁଛି। କିନ୍ତୁ ଅଭ୍ୟାସ ବସତଃ ହାତ ଆପଣାଛାଏଁ ଜୋଡି ହୋଇଯାଉଛି, ମୁଣ୍ଡ ନଇଁ ଯାଉଛି, ଗୁହାରି କରିହେଇ ଯାଉଛି।

କାନକୁ ଘଣ୍ଟା ଘଣ୍ଟି ଶବ୍ଦ ସତେ ଯେପରି ଶୁଭି ଯାଉଛି। ପର ମୂହୁର୍ତ୍ତ ରେ ଲାଗୁଛି ପବନର ସୁ ସୁ ଶବ୍ଦ, ପକ୍ଷୀମାନଙ୍କର , କିଚିର ମିଚିର ଶବ୍ଦ ଛାଡି ଆଉ କିଛି ନାହିଁ।

କେତେବେଳେ ସବୁଜ ତ କେତେବେଳେ ହଳଦୀ ବର୍ଣ୍ଣର ଚାଦରରେ ଢାଙ୍କି ହେଉଥିବା ମାଇଲ୍ ମାଇଲ୍ ବ୍ୟାପି ବିସ୍ତୀର୍ଣ୍ଣ ଚାଷଜମି ଗୁଡ଼ିକରେ ଧାନ ଗଛ ଗୁଡିକ ଅଧାପନ୍ତରିଆ ଭାବେ କଟାଯାଇ ପଡ଼ି ରହିଛନ୍ତି। ଲାଗୁଛି ବାଡ଼ି ବଗିଚାର ଗଛପତ୍ର ମାନେ ତାଙ୍କର ମାଲିକମାନଙ୍କ ହାତର ସ୍ନେହ ଭରା ସ୍ପର୍ଶ ପାଇବା ପାଇଁ ଅନେଇ ବସିଛନ୍ତି।

ଏ ସବୁ ଦେଖି ଆଖିରେ ଆପଣାଛାଏଁ ଲୁହ ଭର୍ତ୍ତି ହୋଇଯାଉଛି।କିଏ ଜାଣିଥିଲା ଏତେବଡ଼ ଶସ୍ୟ ଶ୍ୟାମଳା ,ଏ ରାଜ୍ୟର ଭାତହାଣ୍ଡି କୁହାଯାଉଥିବା, ଅଢେଇ ଶହରୁ ଅଧିକ ଜନବସତି ଥିବା, ହଜାର ହଜାର ଏକର ଚାଷଜମି ଥିବା, ଲୋକାରଣ୍ୟ ଭୂଖଣ୍ଡ ଟି ର ଦିନେ ଏ ଅବସ୍ଥା ହେବ।

ସ୍ବଚକ୍ଷୁରେ ସବୁ କିଛି ଦେଖି ମଧ ବିଶ୍ବାସ କରି ହେଉନାହିଁ। ଅଙ୍ଗେ ନିଭାଇ ମଧ ପରତେ ଯାଉ ନାହିଁ। ଏ ଅଞ୍ଚଳର ଲୋକମାନଙ୍କର ସ୍ବପ୍ନରେ ସୁଦ୍ଧା କେବେ ଏ ଭାବନା ଆସି ନଥିଲା।

ଖରା ତାତି ସହି ସବୁ ଦୁଃଖ କଷ୍ଟ, କୋହ,ଆବେଗ, ଯନ୍ତ୍ରଣାକୁ ଛାତି ଭିତରେ ଚାପିରଖି ସେମାନେ ଯେତେବେଳେ ନିଜ ଗାଁରେ ପହଞ୍ଚିଲେ ନିଜକୁ ସମ୍ଭାଳିବା ବହୁତ୍ କଷ୍ଟକର ଥିଲା। ନିଜ ପିଲାଦିନରୁ ଆଜି ପର୍ଯ୍ୟନ୍ତ ର ସ୍ମୃତି ମନରେ, ହୃଦୟରେ ଢେଉ ଭାଙ୍ଗୁଥିଲା।

ଆଃ!ସେ ମାଟିର ବାସ୍ନା ! ହୃଦୟରେ ଏକ ପୁଲକ ଜଗାଇ ଦେଲା, ମନକୁ ଉନ୍ମାଦନାରେ ଭରିଦେଲା। ମନ ହେଉଥିଲା ପୁଣି ଥରେ ପିଲାଦିନକୁ ଫେରିଯାଇ ଗାଁ ଦାଣ୍ଡର ଧୂଳିରେ ଶୋଇ ଯାଆନ୍ତେ । ପିଜୁଳି ଗଛ, ଆମ୍ବ ଗଛରେ ଚଢି ଯାଆନ୍ତେ ।

ଘର ପାଖ ହୋଇ ଆସିବାରୁ ପାଦ ଦୁଇଟି ଅଟକି ଯାଉଥାଏ। କିନ୍ତୁ ପୁରା ଘରଟିକୁ ଆଖି ପୁରାଇ ଦେଖି ନେବାର ଲୋଭ ସମ୍ବରଣ କରିବା କଷ୍ଟକର ହୋଇ ପଡୁଥାଏ।

ଘର ର ଏରୁଣ୍ଡିବନ୍ଧ ରେ ମୁଣ୍ଡିଆ ଟିଏ ମାରି ଅଗଣା ପାରି ହୋଇ ଗୁହାଳ ପାଖରେ ସେମାନେ ଯେତେବେଳେ ପହଞ୍ଚିଲେ ସ୍ତବ୍ଧ ହୋଇ ଘଡ଼ିଏ ରହିଗଲେ। କଣ ଦେଖୁଛନ୍ତି ବିଶ୍ବାସ କରି ପାରିଲେ ନାହିଁ।ଏ କଣ ହୀରା ଓ ମୋତି ଗୁହାଳ ଭିତରେ ନିଜ ନିଜ ଖୁଣ୍ଟି ପାଖରେ ଛିଡ଼ା ହୋଇଛନ୍ତି। ଆତୁର ନୟନରେ ଘର ଭିତରକୁ ଚାହିଁ ରହିଛନ୍ତି। ଆଖିରୁ ଧାର ଧାର ଲୁହ ବୋହି ଯାଉଛି ।

ମଝିରେ ମଝିରେ ଉର୍ଦ୍ଧ ମୁହାଁ ହୋଇ ରଡ଼ି ଛାଡୁଛନ୍ତି । ସତେଯେମିତି ଏ ଅଞ୍ଚଳର ଏ ଦୁର୍ଦ୍ଦଶା ପାଇଁ ଯେଉଁମାନେ ଦାୟୀ ତାଙ୍କୁ ଅଭିସମ୍ପାତ ଦେଉଛନ୍ତି। ଏ ହୃଦୟ ବିଦାରକ ଦୃଶ୍ୟ ଦେଖି ଧୈର୍ଯ୍ୟ ଧରି ରହିବା ଦୁଃସହ ଥିଲା।

**ସ୍ନିଗ୍ଧାରାଣୀ ପୁରୋହିତ**
**ସମ୍ବଲପୁର**

# ସ୍ୱାଭିମାନ ଅଞ୍ଚଳରେ ଜାଫ୍ରା ନର୍ସରୀ ପରିଦର୍ଶନ କଲେ ଜିଲ୍ଲାପାଳ



ମାଲକାନଗିରି, ୭।୬ (ଆନିସ): ଆଜି ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ପପୁଲୁର ଗ୍ରାମପଞ୍ଚାୟତର ନାଗଲୁର ଗ୍ରାମରେ ଅବସ୍ଥିତ ଜାଫ୍ରା ନର୍ସରୀ ପରିଦର୍ଶନ କରିଥିଲେ। ଏହି ନର୍ସରୀକୁ ଆଇଟିଡିଏ ମାଲକାନଗିରି ପକ୍ଷରୁ ସେତୁ କାର୍ଯ୍ୟକ୍ରମ ଅଧୀନରେ କାର୍ଯ୍ୟାନ୍ୱୟନ କରାଯାଇଛି। ଚିତ୍ରକୋଣ୍ଡା ବ୍ଲକ ଅଞ୍ଚଳରେ ମୋଟ ୩ଟି ଜାଫ୍ରା ନର୍ସରୀ ସ୍ଥାପିତ ହୋଇଥିବାବେଳେ ସେଥିରେ ପ୍ରାୟ ୮ ଲକ୍ଷ ଚାରା ଉତ୍ପାଦନ କ୍ଷମତା ରହିଛି।

ଜିଲ୍ଲାପାଳ ନର୍ସରୀରେ ଚାରାଗୁଡିକର ସ୍ଥିତି ଓ ରକ୍ଷଣାବେକ୍ଷଣ ଦେଖି ଅତ୍ୟନ୍ତ ସନ୍ତୋଷ ପ୍ରକାଶ କରିଥିଲେ। ଏହି ପରିଦର୍ଶନ ଦଳରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ହଳଧର ଶବର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅନିଲ ପ୍ରହରାଜ ଏବଂବପ୍ରକଳ୍ପ ପରିଚାଳକ ଆଇଟିଡିଏ ବିଶ୍ୱନାଥ ମିଶ୍ର ଉପସ୍ଥିତ ଥିଲେ।

ଜିଲ୍ଲାପାଳ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ଖାଲ ଖୋଳା ଓ ଚାରା ରୋପଣ କାର୍ଯ୍ୟ ସମୟସୀମା ମଧ୍ୟରେ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜାଫ୍ରା ଚାଷୀମାନଙ୍କ ଠାରୁ ଜାଫ୍ରା ମଞ୍ଜି ସଠିକ ଭାବେ କ୍ରୟ ଓ ବିପଣନ ପାଇଁ ଏକ ଜାଫ୍ରା ମଣ୍ଡି ସ୍ଥାପନ କରିବାକୁ ପ୍ରକଳ୍ପ ପ୍ରଶାସକ ଆଇଟିଡିଏଙ୍କୁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ।

ପପୁଲୁର ଗ୍ରାମପଞ୍ଚାୟତର ସ୍ଥାନୀୟ ଲୋକମାନେ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ପାନୀୟ ଜଳ ଓ ଜଳସେଚନ ସୁବିଧା ପାଇଁ ଗ୍ରାଭିଟି ଭିତ୍ତିକ ପାଇପ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ଏହା ସହିତ ସେମାନେ ଏଫଆରଏ ପଟ୍ଟା ପ୍ରଦାନ ସମ୍ପର୍କରେ ମଧ୍ୟ ଦାବି ଉଠାଇଥିଲେ। ଏହାର ଉତ୍ତରରେ ଜିଲ୍ଲାପାଳ ୭୫ ବର୍ଷରୁ ଅଧିକ ସମୟ ଧରି ଦଖଲରେ ଥିବା ଜମି ସମ୍ବନ୍ଧୀୟ ତଥ୍ୟ ଦାଖଲ କରିବାକୁ ପରାମର୍ଶ ଦେଇଥିଲେ। କୋଣ୍ଡା ରେଡ୍ଡି ସମ୍ପ୍ରଦାୟର ଲୋକମାନେ ଜାଫ୍ରା ଚାଷ ମାଧ୍ୟମରେ ଜୀବିକା ନିର୍ବାହ କରିବା ପାଇଁ ସମ୍ମତି ପ୍ରକାଶ କରିଥିବା ସହ ଯଦି ଜାଫ୍ରା ଚାଷ ପାଇଁ ସହଯୋଗ ମିଳେ ତେବେ ଗଞ୍ଜେଇ ଚାଷ କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ପରିଦର୍ଶନ ଶେଷରେ ଜିଲ୍ଲାପାଳ ଜାଫ୍ରା ଚାଷୀ ଓ ହିତାଧିକାରୀମାନଙ୍କ ସହ ଗ୍ରୁପ ଫଟୋ ଉଠାଇଥିଲେ ଏବଂ ଏହି ପ୍ରୟାସ ପ୍ରତି ସନ୍ତୋଷ ପ୍ରକାଶ କରି ସ୍ଥାନୀୟ ଲୋକଙ୍କୁ ସକ୍ରିୟ ଭାଗିଦାରି ପାଇଁ ଉତ୍ସାହିତ କରିଥିଲେ।

## ଦୈନିକଆଶା ପ୍ରଭାବ

# ଖଣ୍ଡୁଆଳ ମନ୍ଦିର ଠାରୁ ଦାବିରୀଗୁଡା ନୂଆପଡା ସଂଯୋଗ କରୁଥିବା ରାସ୍ତା ତରବରିଆ ଭାବରେ ନିର୍ମାଣ ଚାଲିଛି



ଥୁଆମୂଳ ରାମପୁର,୭।୬ (ଆନିସ): ଗତ ତା ୦୩/୦୬/୨୦୨୬ ରେ ଯେଉଁ ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ ନେଇ ଦୈନିକଆଶା ଖବରକାଗଜ ପ୍ରକାଶ ପାଇବା ପରେ ତରବରିଆ ଭାବରେ ରାସ୍ତା କାମ ହେଉଛି କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ବାଗଡ଼ିଆଣି ଗ୍ରାମପଞ୍ଚାୟତ ଅନ୍ତର୍ଗତ କମରାଘାଟ ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧିନରେ ଖଣ୍ଡୁଆଳ ମନ୍ଦିର ଛକ ଠାରୁ ଦାବିରୀଗୁଡା ନୂଆପଡାକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ। ଉକ୍ତ ରାସ୍ତା ମେଟାଲ ମୁରୁମ ରାସ୍ତା ନିର୍ମାଣ ନାଁରେ କାଗଜପତ୍ର ଓ ସରକାରୀ ପୋର୍ଟାଲରେ ପ୍ରକଳ୍ପ ସଫଳତାର ସହ ଚାଲିଥିବା ଦର୍ଶାଯାଇଥିବା ବେଳେ ବାସ୍ତବ ତାହା ସମ୍ପୂର୍ଣ୍ଣ ଓଲଟା ହୋଇଥିଲା। କମରାଘାଟ ଗ୍ରାମର ଖଣ୍ଡୁଆଳ ମନ୍ଦିର ଠାରୁ ନୂଆପଡ଼ା ମୁରୁମ ମେଟାଲ ରାସ୍ତା ନିର୍ମାଣ (ପ୍ରକଳ୍ପ ସଂକେତ: ୨୪୧୦୦୦୭୦୨୦/ଆର୍ସି/୧୦୬୦୭୨୦୫ ପାଇଁ ଆର୍ଥିକ ବର୍ଷ ୨୦୨୪-୨୫ ରେ ସରକାରଙ୍କ ତରଫରୁ ମୋଟ ୯ ଲକ୍ଷ ଟଙ୍କାର ବ୍ୟୟବରାଦ ଦର୍ଶାଇ ଯାଇଥିଲା। ଯାହାକି ସରକାରୀ ୱେବସାଇଟ୍‌ର ତଥ୍ୟ ଅନୁସାରେ, ଏହି ପ୍ରକଳ୍ପ ବାବଦକୁ ଏପର୍ଯ୍ୟନ୍ତ ମୋଟ ୨,୯୦,୫୧୮.୨ ଟଙ୍କା ଖର୍ଚ୍ଚା କରାଯାଇଛି। ପୁଣି ନଥିପତ୍ର ଅନୁସାରେ ୧୧୮ ଜଣ ଶ୍ରମିକଙ୍କୁ ମୋଟ ୭୭ ଶ୍ରମ ଦିବସରରେ କାମ ଯୋଗାଯାଇଥିବା ଦର୍ଶାଯାଇଛି। ଯାହାକି କାଗଜପତ୍ର ଅନୁସାରେ ରାସ୍ତା ନିର୍ମାଣ କାର୍ଯ୍ୟ ବେଶ୍ ଆଗେଇ ଚାଲିଥିବା ଏବଂ ଲକ୍ଷାଧିକ ଟଙ୍କାର ବ୍ୟୟ ହୋଇସାରିଥିବା ଦର୍ଶାଯାଇଥିଲେ ମଧ୍ୟ ବାସ୍ତବରେ ଦେଖିଲେ ରାସ୍ତାରେ କୌଣସି ମୁରୁମ ମଟାଲ ବିଛାଯାଇନଥିଲା କିମ୍ବା ସନ୍ତୋଷ ଜନକ କାର୍ଯ୍ୟ ହୋଇନଥିଲା। କେବଳ ଏତିକିରେ ରହିଛି କିଛି ମେଟାଲ (ପଥର ଖଣ୍ଡ) ରାସ୍ତା କଡ଼ରେ କାଁ ଭାଁ ସ୍ଥାନେ ସ୍ଥାନେ ପକାଇ ଦେଇ ପ୍ରଶାସନ ନିଜ କର୍ତ୍ତବ୍ୟ ଶେଷ କରିଥିବା ଅନୁମାନ କରାଯାଇଥିଲା। ହେଲେ ରାସ୍ତାରେ ନା ମୁରୁମ ଉଚିତ ଭାବରେ ପଡିଛି ନା ରାସ୍ତାର ସମ୍ପ୍ରସାରଣ କରାଯାଇଥିଲେ କାର୍ଯ୍ୟସ୍ଥଳରେ ଶ୍ରମିକ ମାନଙ୍କ ଉପସ୍ଥିତ ନଥିବା ବେଳେ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ଶୂନ ଥିବାବେଳେ ଜାଲ୍ ମଷ୍ଟର ରୋଲ୍ ମାଧ୍ୟମରେ ଗରିବ ଶ୍ରମିକଙ୍କ ହକ୍‌ର ଟଙ୍କାକୁ ଉଠିଥିବା ମଧ ଜଣାପଡିଥିଲା। ଏହାକୁ ନେଇ ଦୈନିକ ଖବର କାଗଜ ଦୈନିକଆଶାରେ ଖବର ପ୍ରକାଶ ପାଇବା ପରେ ବର୍ତ୍ତମାନ ପ୍ରଶାସନ ପକ୍ଷରୁ ଚଳଚଞ୍ଚଳ ହୋଇ ତରବରିଆ ଭାବରେ ଖଣ୍ଡୁଆଳ ମନ୍ଦିର ଠାରୁ ଦାବିରୀଗୁଡା ନୂଆପଡା ମେଟାଲ ମୁରୁମ ରାସ୍ତା ନିର୍ମାଣ ଆଗେଇ ଚାଲିଥିବା ଜଣାପଡିଛି।

# ସିସି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ, ନିମ୍ନମାନର କାର୍ଯ୍ୟ ଯୋଗୁଁ ଅଳ୍ପ ଦିନରେ ରାସ୍ତା ନଷ୍ଟ ହେବା ଆଶଙ୍କା



କାଳିମେଳା,୭।୬(ଆନିସ): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଟିଗଲ ପଞ୍ଚାୟତ ଅନ୍ତର୍ଗତ ଏମପିଭି -୪୫ ଗ୍ରାମରେ ଚାଲିଥିବା ସିସି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ନିମ୍ନମାନର କାର୍ଯ୍ୟ ଯୋଗୁଁ ଅଳ୍ପ ଦିନରେ ରାସ୍ତା ନଷ୍ଟ ହେବା ଆଶଙ୍କା ରହିଥିବା ବେଳେ ରାସ୍ତା କାମକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ରାସ୍ତା ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ, ଗ୍ରାମବାସୀଙ୍କ ଦୀର୍ଘ ଦିନର ଦାବି ପରେ ଏହି ସିସି ରାସ୍ତା ନିର୍ମାଣ କରାଯାଉଛି । କିନ୍ତୁ ନିୟମାବଳୀକୁ ଜଳାଞ୍ଜଳି ଦେଇ ଠିକାଦାର ନିଜ ଇଚ୍ଛା ମୁତାବକ କାମ କରୁଥିବା ଅଭିଯୋଗ ହୋଇଛି । ରାସ୍ତାରେ ଆବଶ୍ୟକ ପରିମାଣର ସିମେଣ୍ଟ ଓ ଚିପ୍ସ ବଦଳରେ ଅଧିକ ପରିମାଣର ବାଲି ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି । ଏହାସହ କଂକ୍ରିଟ୍?କୁ ମଜବୁତ କରିବା ପାଇଁ ଆବଶ୍ୟକ କ୍ୟୁରିଂ କାର୍ଯ୍ୟ ମଧ୍ୟ କରାଯାଉନଥିବା ଅଭିଯୋଗ ହୋଇଛି । ଫଳରେ ନିର୍ମାଣ ହେବା ମାତ୍ରେ ରାସ୍ତାରୁ କଂକ୍ରିଟ୍? ଉଠିବାକୁ ବସିଲାଣି । କାମ ଆରମ୍ଭରୁ ରାସ୍ତାର ଏଭଳି ଅବସ୍ଥା ଦେଖି ଭବିଷ୍ୟତରେ ଏହା ସ୍ଥାୟୀ ହୋଇପାରିବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଚିନ୍ତା ପ୍ରକାଶ ପାଇଛି । ଏହାସହ ବିନା ସୂଚନା ଫଳକରେ ଏହି କାର୍ଯ୍ୟ କରାଯାଉଥିବା ବେଳେ, ବିଭାଗୀୟ କନିଷ୍ଠ ଯନ୍ତ୍ରୀ କିମ୍ବା ଅନ୍ୟ କୌଣସି ଅଧିକାରୀ ତଦାରଖ ପାଇଁ ଆସୁନଥିବା ଗ୍ରାମବାସୀ ନିଜ ନାମ ଗୋପନ ରଖି ଅଭିଯୋଗ କରିଛନ୍ତି । ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଏହି ଘଟଣାର ତଦନ୍ତ କରି କାର୍ଯ୍ୟର ମାନ ସୁଧାର କରିବାକୁ ଦାବୀ ହେଉଛି । ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ ।

# ବିଶ୍ୱ ସାଇକେଲ ଦିବସ ଦିବସ ପାଳନ

ଜୟପୁର, ୭।୬ (ଆନିସ): ବିଶ୍ୱ ସାଇକେଲ ଦିବସ ପାଳନ ଅବସରରେ କୋରାପୁଟ ଜିଲ୍ଲା ଜୟପୁର ବାନାଞ୍ଚଳ ଅଧିକାରୀ ଙ୍କ କାର୍ଯ୍ୟାଳୟ ରୁ ବାହାରି କେନାଲ ରାସ୍ତା ଦେଇ ଗାନ୍ଧୀ ଛକ ପର୍ଯ୍ୟନ୍ତ ଯାଇଥିଲେ,ଏବଂ ସେଠାରୁ ବାନାଞ୍ଚଳ ଅଫିସ ପର୍ଯ୍ୟନ୍ତ ଆସିଥିଲେ,ବାନାଞ୍ଚଳ ଅଧିକାରୀ ଙ୍କ କାର୍ଯ୍ୟାଳୟ ର ସମସ୍ତ ଅଧିକାରୀ ଓ କର୍ମଚାରୀ ସାଇକେଲ ଶୋଭାଯାତ୍ରା ସାମିଲ ହୋଇଥିଲେ ।

ଆଜିର ଏହି କାର୍ଯ୍ୟକ୍ରମ ର ଉଦସ୍ୟ ସାଇକେଲ ଚଲାନ୍ତୁ ଏବଂ ସୁସ୍ଥ ରୁହନ୍ତୁ ବୋଲି ନାରା ଦେବାସହ ପେଟ୍ରୋଲ ଏବଂ ଡିଜେଲ ବଞ୍ଚାନ୍ତୁ ବୋଲି ସାଧାରଣ ଲୋକଙ୍କୁ ସଚେତନ କରିଥିଲେ। ଏହି ବିଶ୍ୱ ସାଇକେଲ ଦିବକୁ ପାଳନ କରିବାରେ ଉଦସ୍ୟ ସମସ୍ତେ ଗଛ ଟିଏ ଲଗାନ୍ତୁ,ମା ଟିଏ ଗଛ ଟିଏ,ପିଲାଟିଏ ଗଛ ଟିଏ,ସ୍ୱାସ୍ଥ୍ୟ ଠିକ ରଖିବା,ସହ ପରିବେଶ ଭଲ ରହିବ ବୋଲି ସମସ୍ତଙ୍କୁ ସଚେତନତା କରିଥିଲେ ।ଏହି କାର୍ଯ୍ୟକ୍ରମରେ ଜୟପୁର ରେଞ୍ଜର ଦେବେନ୍ଦ୍ର ମାଝୀ, ଫୋରେଷ୍ଟର ଗୌତମ ସ୍ୱାଇଁ,ଶଶାଙ୍କ ମହାରଣା, ପି ଶ୍ରୀନିବାସ ରାଓ ଏବଂ ବନରକ୍ଷୀ ଜଗରନାଥ, ସୁଜାତା, ବିଶ୍ୱଜିତ, ମନ୍ଦାକିନୀ, ଦିନେଶ, ଜଳନ୍ଧର ଉପସ୍ଥିତ ଥିଲେ ।

# ସରକାରୀ ନିୟମକୁ ଫୁଁ, ରାଜସ୍ୱ ନିରୀକ୍ଷକଙ୍କ ବେପରୁଆ ନୀତି. ବାଜିରେ ଲାଗିପାରେ କୋମଳମତି ଛାତ୍ରଛାତ୍ରୀଙ୍କ ଜୀବନ

କବିସୂର୍ଯ୍ୟନଗର..ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବୁଢ଼ାମ୍ବ ନିକଟରେ ଥିବା ସେନ୍ଟ ଜାଭିଅର ସ୍କୁଲ ନିକଟରେ ପେଟ୍ରୋଲ ପମ୍ପ ନିର୍ମାଣ ପାଇଁ ଆବେଦନ କାରି ଆବେଦନ କରିଥିବା ବେଳେ ସେଠାରେ ଏହାକୁ ବିରୋଧ କରାଯାଇଛି ।

ସୂଚନା ମୁତାବକ ସରକାରଙ୍କ ନିୟମ ଅନୁଯାୟୀ ବିଦ୍ୟାଳୟ ଠାରୁ ୫୦ମିଟର ଦୂରରେ ପେଟ୍ରୋଲ ପମ୍ପ ନିର୍ମାଣ ହେବାର ନିୟମ ରହିଥିବା ବେଳେ ସ୍ଥାନୀୟ ଆର ଆଇ ଚଞ୍ଚକତା ଦେଖାଇ ସ୍କୁଲ ବାଉଣ୍ଡ୍ରି ୧୦୦ ମିଟର ଦୂରରେ ଥିବା ଦର୍ଶାଇ ତହସିଲ କାର୍ଯ୍ୟାଳୟକୁ ପଠାଇଛନ୍ତି ରିପୋର୍ଟ ଯାହାକୁ ନେଇ ଏବେ ଦେଖାଦେଇଛି ବିବାଦ, ପେଟ୍ରୋଲ ପମ୍ପ ମାଲିକଙ୍କୁ ଦେବାପାଇଁ ରାଜସ୍ୱ ନିରୀକ୍ଷକ ଅନୁକମ୍ପା ଦେଖାଇବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବୁଢ଼ାମ୍ବ ନିକଟ ମୁଖ୍ୟ ରାସ୍ତା ମୌଜା ଚମ୍ପେଇତପୁର ଏରିଆର ଯାହାର ଖାତା ନଂ ୪୫୨/୧୮୮,ପ୍ଲଟ ନଂ ୧୬୭୫, ୧୬୭୬/୩୭୫୧ ଏହି ପ୍ଲଟ ର ମାତ୍ର ୪୮ମିଟର ଦୂରରେ ରହିଛି ସ୍କୁଲ ବାଉଣ୍ଡରି ଯାହାକୁ ନେଇ ଦିଆଯାଉଥିବା କୁ ନେଇ ଆଜି ବୁଢ଼ାମ୍ବ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ କବିସୂର୍ଯ୍ୟନଗର ତହସିଲଦାରଙ୍କୁ ଏକ ଲିଖିତ ଅଭିଯୋଗ ଦେବା ସହ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଙ୍କୁ ଏହାର ଅବିକଳ ନକଲ ମଧ୍ୟ ପଠାଇଥିବା ଦେଖିବାକୁ ମିଳିଛି।

# ସର୍ପ ଦଂଶନରେ ପ୍ରତାପ ପଟେଲଙ୍କ ମୃତ୍ୟୁ ପରେ ଟେମରି ପଞ୍ଚାୟତ ପକ୍ଷରୁ ସହାୟତା ରାଶି ପ୍ରଦାନ

କଳାହାଣ୍ଡି,୭।୬ (ଆନିସ): ରାତିରେ ଶୋଇ ଥିବା ବେଳେ ବିଷାକ୍ତ ସାପ ଦର୍ଶନରେ ଜଣେ ବ୍ୟକ୍ତି ଙ୍କ ମୃତ୍ୟୁ ବରଣ ହୋଇ ଥିବା ଅଂଚଳରେ ଶୋକର ଛାୟା ଖେଳିଯାଇଛି, ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ ଗତ ଶୁକ୍ରବାର ଦିନ ବିଳମ୍ବିତ ରାତିରେ କୁମ୍ଭାରୀ ଗ୍ରାମର ପ୍ରତାପ ପଟେଲ (୩୬) ପି, ଙ୍କୁ ବିଷଧର ସର୍ପ ଦଂଶନ କରି ଥିଲା । ତାଙ୍କୁ ଅଧିକ ଗୁରୁତର ଅବସ୍ଥାରେ ଭବାନୀ ପାଟଣା ହସ୍ପିଟାଲରେ ଚିକିତ୍ସା କରି ଥିଲେ, ହେଲେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏହି ଖବର ପାଇ ଦଶପୁର ପୁଲିସ ଫାଣ୍ଡି ଅଧିକାରୀ ଚନ୍ଦ୍ର ହାସ୍ୟ ସାହୁ ପହଞ୍ଚି ଶବକୁ ଜବତ କରି ଥିଲେ, ମୃତଙ୍କ ସ୍ତ୍ରୀ ସୁଫଳ ପଟେଲ ଲିଖିତ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ, ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ଶବ ହସ୍ତାନ୍ତର କରିଥିଲେ । ଏହି ଦୁଃଖଦ ଘଟଣା କୁ ନେଇ ଟେମରି ଗ୍ରାମ ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀ ସା ଙ୍କ ପ୍ରତିନିଧୀ କୁମୁଦ ସା, କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ନାଏକ, ନାଏବ ସରପଞ୍ଚ ଦୁଃଖୀରାମ ସାହୁ, ୱାର୍ଡ଼ ମେମ୍ବର ଦୁର୍ଗା ପ୍ରସାଦ ସା, ଯିତୁ ପ୍ରଧାନ, ସୁଶାନ୍ତ ପ୍ରଧାନ, ପ୍ରମୁଖ ଙ୍କ ଉପସ୍ଥିତରେ ହରିଶ୍ଚନ୍ଦ୍ର ଯୋଜନା ତରଫରୁ ତିନି ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରି ଥିବାରୁ ଅଞ୍ଚଳ ବାସୀ ଉପରୋକ୍ତ ବ୍ୟକ୍ତି ମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏହି ଘଟଣାରେ ପ୍ରସାଶନ ପକ୍ଷରୁ ତୁରନ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ବିଧବା ମହିଳାଙ୍କୁ ଭତ୍ତା ଯୋଗାଇ ଦେବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି, ଯେ ହେତୁ ମହିଳାଙ୍କ ତିନି ଜଣ ପୁଅ ଝିଅ ରହିଛି ବୋଲି ଲୋକେ କହୁଛନ୍ତି ।



# ଚିତ୍ରକୋଣ୍ଡାରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ



ଚିତ୍ରକୋଣ୍ଡା,୭।୬ (ଆନିସ): ଚିତ୍ରକୋଣ୍ଡା ଟେମ୍ପରାରୀ କଲୋନୀଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ପିଏ ଆଇଟିଡିଏ ହଳଧର ଶବର, ଜିଲ୍ଲା ଶିକ୍ଷାଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଗୋଷ୍ଠୀ ଶିକ୍ଷାଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ, ବ୍ଲକ ଅଧକ୍ଷା ସୁଶ୍ରୀ ରାଜେଶ୍ୱରୀ ଖିଲ ଓ ଜିଲ୍ଲା ପରିଷଦ ସଭ୍ୟା ବିନନ୍ତି ଖିଲ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ନିଜ ଅଭିଭାଷଣରେ ଶିକ୍ଷାର ବିକାଶ ସହ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷା ପରିବେଶ ଯୋଗାଇବାରେ ଏପରି ଆଦର୍ଶ ବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସ୍ଥାନୀୟ ଅଞ୍ଚଳବାସୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ରାଜ୍ୟ ସରକାରଙ୍କ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନା ଅଧୀନରେ ଏହି ବିଦ୍ୟାଳୟ ନିର୍ମାଣ ହେବାକୁ ଯାଉଛି, ଯାହା ଅଞ୍ଚଳର ଶିକ୍ଷା କ୍ଷେତ୍ରରେ ନୂଆ ଦିଗ ଉନ୍ମୋଚନ କରିବ ବୋଲି ଆଶା କରାଯାଉଛି।

## ସ୍କୁଲ ପିଲାଙ୍କ କ୍ଲାସରୁମରେ ଏବେ ଚୁନାବ ପାଠଶାଳା

# ମାଲକାନଗିରିରେ ଭୋଟରଙ୍କୁ ସଚେତନ କରୁଛି ଜିଲ୍ଲା ପ୍ରଶାସନ




ମାଲକାନଗିରି,୭।୬ (ଆନିସ): ଆଗାମୀ ନିର୍ବାଚନକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ମାରାଥନ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଜି ଜିଲ୍ଲାର ବିଭିନ୍ନ ବ୍ଲକରେ ବଡ଼ ଧରଣର ସମୀକ୍ଷା ବୈଠକ ସହ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।୧୪୭-ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଇଆରଓ ସୋମନାଥ ପ୍ରଧାନ ଙ୍କ ଅଧ୍ୟକ୍ଷତାରେ ମାଥିଲି ବ୍ଲକଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଭୋଟର ତାଲିକାଭୁକ୍ତ ଫର୍ମ ବଣ୍ଟନ ଓ ସ୍ପେଶାଲ ଇନଫରମେସନ ରେଜିଷ୍ଟ୍ରେସନ ର ଅଗ୍ରଗତି ସମୀକ୍ଷା କରାଯିବା ସହ କ୍ଷେତ୍ର କର୍ମଚାରୀଙ୍କ ସମସ୍ତ ସନ୍ଦେହ ଦୂର ପାଇଁ ଏକ ଡ଼ାଉଟ୍ କ୍ଲିଓର ସେସନ୍ କରାଯାଇଥିଲା। ଏହି ବୈଠକରେ ମାଥିଲି ବିଡିଓ, ସହକାରୀ ଜିଲ୍ଲାପାଳ ନିର୍ବାଚନ ଓ ନୋଡାଲ ଅଫିସରମାନେ ସାମିଲ ଥିଲେ। ଅନ୍ୟପଟେ ଚିତ୍ରକୋଣ୍ଡା ବ୍ଲକରେ ନିର୍ବାଚନ କାର୍ଯ୍ୟରେ ଅବହେଳାକୁ ବରଦାସ୍ତ କରାଯାଇନାହିଁ। ଯେଉଁ ବୁଥ ସ୍ତରୀୟ ଅଧିକାରୀ ଏବଂ ସୁପରଭାଇଜରମାନଙ୍କର ପ୍ରଦର୍ଶନ ୫୦ ପ୍ରତିଶତରୁ କମ୍ ରହିଥିଲା, ସେମାନଙ୍କୁ ନେଇ ଚିତ୍ରକୋଣ୍ଡା ବିଡିଓ, ତହସିଲଦାର ଏବଂ ଅତିରିକ୍ତ ତହସିଲଦାର ଏକ କଡ଼ା ଆଭିମୁଖ୍ୟ ସହ ସମୀକ୍ଷା କରିଛନ୍ତି ଏବଂ କାର୍ଯ୍ୟରେ ତୁରନ୍ତ ସୁଧାର ଆଣିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭୋଟରମାନଙ୍କୁ ସଚେତନ କରିବା ପାଇଁ ୧୪୬-ମାଲକାନଗିରି ନିର୍ବାଚନ ମଣ୍ଡଳୀର ଉପ ଜିଲ୍ଲାପାଳ ତଥା ଇଆରଓ ଦୁର୍ଯ୍ୟୋଧନ ଭୋଇ ସ୍ୱୟଂ ମଇଦାନକୁ ଓହ୍ଲାଇଛନ୍ତି। ଆଜି ମାଲକାନଗିରିର ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ବି.ବି.ଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଚୁନାବ ପାଠଶାଳା ଆୟୋଜନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ଭୋଟର ପଞ୍ଜୀକରଣ ଏବଂ ଗଣତନ୍ତ୍ରରେ ସେମାନଙ୍କ ଅଧିକାର ବିଷୟରେ ଶିକ୍ଷା ଦିଆଯାଇଛି।

# ଅଶାନ୍ତ ପରିସ୍ଥିତିରେ ଉଦ୍ଘାଟନ ହେଲା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ

## ନିମନ୍ତ୍ରଣ ହୋଇନଥିବା ନେଇ ସ୍ଥାନୀୟ ସମିତିସଭ୍ୟ ଓ ସରପଞ୍ଚଙ୍କ ବିରୋଧ



କୁନ୍ଦୁରା,୭।୬ (ଆନିସ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟ ନୂତନ କୋଠା ଶୁଭ ଉଦ୍ଘାଟନ ହୋଇଯାଇଛି । ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ତତ୍ତ୍ୱାବଧାନରେ ଅୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୂପୁ ଭତ୍ରା ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧକ୍ଷା ରାଧା ବିନୋଦ ସାମନ୍ତରାୟ,ବ୍ଲକ ଅଧକ୍ଷା ବନିତାକାନ୍ଦଲିଆ,କଉପାଧ୍ୟକ୍ଷ ତରୁଣୀ ସେନ ବିଶୋୟୀ,ଜିଲ୍ଲା ପରିଷଦ ସଭ୍ୟା କନକ ଲତା ପେଣ୍ଡିଆ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ କୋରାପୁଟ ଡ.ସୁଦର୍ଶନ ସାହୁ,ସଂସାଦ ପ୍ରତିନିଧି ଅପ୍ପୁ ପାତ୍ର, ସମ୍ପାଦକ ତ୍ରିନାଥ ନାୟକ, ସଂସାଦଙ୍କ ଅଭିଯୋଗ ପ୍ରତିନିଧି ପ୍ରକାଶ ପଟ୍ଟନାୟକ,ସୁମିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସେ ସମୟରେ ଦେଖାଦେଇଥିଲା। ଯୁକ୍ତିତର୍କ, ହଟ୍ଟଗୋଳ ପରିସ୍ଥିତି ବ୍ଲକ ସଦର ପଞ୍ଚାୟତର ସରପଞ୍ଚ ଲବ ପରଜା ଏବଂ ସମିତି ସଭ୍ୟ ଦାମୋଦର ଗଣ୍ଡା କାର୍ଯ୍ୟକ୍ରମରେ ପହଞ୍ଚି ଆଜିର ଏହି କାର୍ଯ୍ୟକ୍ରମ ସରକାରୀ କି ବ୍ୟକ୍ତିଗତ ବୋଲି ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ । ବର୍ତ୍ତମାନ ର ସରକାର ସ୍ଥାନୀୟ ସରପୋଞ୍ଚ ସମିତି ସଭ୍ୟଙ୍କୁ କୌଣସି କାର୍ଯ୍ୟକ୍ରମ ରେ ଡକା ଯିବନାହିଁ ବୋଲି କିଛି ନିୟମ କରିଛନ୍ତି କି ବୋଲି ପ୍ରଶ୍ନ କରିଥିଲେ । ସମ୍ପୃକ୍ତ ଅଧିକାରୀ ଉତ୍ତରରେ ସରକାରୀ କାର୍ଯ୍ୟକ୍ରମ ବୋଲି କହିଥିଲେ ସରକାରୀ କାର୍ଯ୍ୟକ୍ରମ ରେ ବ୍ଲକ ସଦର ପଞ୍ଚାୟତର ଜନ ପ୍ରତିନିଧିଙ୍କୁ କାହିଁକି ସୂଚନା କି ନିମନ୍ତ୍ରଣ କରାଯାଇନାହିଁ ବୋଲି ପ୍ରଶ୍ନ କରିଥିଲେ । ଆଜିର ଉଦ୍ଘାଟନୀ ନାମ ଫଳକରେ କାହିଁକି ସରପଞ୍ଚ,ସମିତି ସଭ୍ୟ କି ବ୍ଲକ ଉପାଧ୍ୟକ୍ଷଙ୍କ ନାମ ଲେଖା ଯାଇନାହିଁ ବୋଲି କହି ରାଗିଯାଇ ନାମ ଫଳକ ଟାଣି ବାହାର କରିବାକୁ ଉଦ୍ୟମ କରିଥିଲେ ।

ସମ୍ପୃକ୍ତ ବିଭାଗୀୟ ଅଧିକାରୀ ତୁମକୁ ନିମନ୍ତ୍ରଣ କରିନାହାନ୍ତି । ତେଣୁ ତୁମେ ବିରୋଧ କରିବା ସ୍ୱାଭାବିକ, କିନ୍ତୁ ନାମ ଫଳକ ଉପାଡିବା କିମ୍ବା ଭାଙ୍ଗିବା ଶୋଭନୀୟ ନୁହଁ ବୋଲି କହି ବିଧାୟକ ଅସନ୍ତୋଷ ପ୍ରକାଶ କରିବା ସହ କୁନ୍ଦୁରା ପଞ୍ଚାୟତ ସରପୋଞ୍ଚ ଓ ସମିତି ଙ୍କ ସହ ଯୁକ୍ତିତର୍କ କରିଥିଲେ । କଥା କଟାକଟି ହୋଇ ଘଟଣା ଜଟିଳ ଆଡକୁ ଯାଉଥିବା ଦେଖି ପୁଲିସକୁ ଡାକି ଏ ମାନଙ୍କୁ ଗିରଫ କର ବୋଲି ବିଧାୟକ କହିଥିଲେ । ସଙ୍ଗେ ସଙ୍ଗେ ଏସ୍ ଆଇ ରବିନ୍ଦ୍ର କୁମାର ରଥଙ୍କ ନେତୃତ୍ୱରେ ଏଏସଆଇ ପୁରୁଷୋତ୍ତମ ରାୟ ଓ ଅନ୍ୟ କର୍ମଚାରୀ ସେଠାକୁ ପହଞ୍ଚିଥିଲେ । ପୁଲିସ ଓ ସ୍ଥାନୀୟ ବୁଦ୍ଧିଜିବୀଙ୍କ ହସ୍ତକ୍ଷେପ ଏବଂ ବୁଝାସୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ।

ଉଦ୍ଘାଟନୀ କାର୍ଯ୍ୟକ୍ରମ ପରେ ଏକ ସାଧାରଣ ସଭା ହୋଇଥିଲା । ସେଠାରେ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଶ୍ରୀ ବେହେରା ଚିକିତ୍ସାଳୟରେ ଥିବା ବିଭିନ୍ନ ସମସ୍ୟା ଗୁଡ଼ିକ ବିଷୟରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବ୍ଲକ ଅଞ୍ଚଳରେ ପଶୁ ସମ୍ପଦ ଚିକିତ୍ସା ନିମନ୍ତେ ସାତ ଜଣ ଏଲଆଇ ଆବଶ୍ୟକ ରହିଛି କିନ୍ତୁ ଏଠାରେ ମାତ୍ର ତିନି ଜଣ କାର୍ଯ୍ୟରତ ରହିଛନ୍ତି । ତେଣୁ ଆବଶ୍ୟକ ଏଲଆଇ ଯୋଗାଇ ଦେଲେ ଚାଷୀଙ୍କୁ ଅଧିକ ତ୍ୱରିତ ସେବା ଯୋଗାଇବାରେ ସୁବିଧା ହେବ । ଏ ନେଇ ବିଧାୟକ କହିଛନ୍ତି ବିଭାଗୀୟ ମନ୍ତ୍ରୀଙ୍କ ସହ ଯୋଗାଯୋଗ କରି ଆବଶ୍ୟକ ଅଧିକାରୀ,କର୍ମଚାରୀ ଯୋଗାଇ ଦିଆଯିବ ନୂତନ କୋଠାରେ ଛେଳି ମେଣ୍ଢାଙ୍କ ପାଇଁ ସ୍ୱତନ୍ତ୍ର ଅସ୍ତ୍ରୋପଚାର ଗୃହ ସହ ଅନ୍ୟ ସମସ୍ତ ସୁବିଧା ଉପଲବ୍ଧ ରହିଥିବା ସୂଚନା ଦେଇଛନ୍ତି । ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼,ଜୀବନ ଜୀତ ମିଶ୍ର କାର୍ଯ୍ୟକ୍ରମଟିକୁ ଶ୍ରୀ ମିଶ୍ର ପରିଚାଳନା କରିଥିଲେ ସହକାରୀ ପଶୁ ଚିକିତ୍ସା ଅଧିକାରୀ ଡ,ଅମ୍ରିତ କୁମାର ବେହେରା,ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ଈଶ୍ୱର ନାୟକ,ସହକାରୀ ପଶୁ ଚିକିତ୍ସା ଅଧିକାରୀ ଦିଗାପୁର ଡ,ଭାଗବତ ପାଣିଗ୍ରାହୀ,ଏଲଆଇ ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

ଆଜିର ଏହି କାର୍ଯ୍ୟକ୍ରମ ବିଷୟରେ କୁନ୍ଦୁରା ବ୍ଲକର ବିଭିନ୍ନ ମହାଲରେ ସମାଲୋଚନା ଓ ନିନ୍ଦା କରାଯାଇଥିବା ଦେଖିବାକୁ ମିଳିଛି । କୁନ୍ଦୁରା ସରପଞ୍ଚ ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ଉପାଧକ୍ଷ କହିଛନ୍ତି ତାଙ୍କୁ ଅଣଦେଖା କରିବା ଏହା ପ୍ରଥମ ନୁହେଁ ଗତ ୫ ତାରିଖରେ ତହସିଲ କାର୍ଯ୍ୟାଳୟରେ ବସୁନ୍ଧରା ଯଜନା ରେ ଘରଡିହ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ବି ଡକାଯାଇ ନଥିଲା ବ୍ଲକର ପ୍ରତିଟି ବିଭାଗରେ ସିଧାସଳଖ ବିଧାୟକଙ୍କ ହସ୍ତକ୍ଷେପ ରହିଛି । ବିଧାୟକ ଏବଂ ଦଳୀୟ ନେତା କର୍ମୀଙ୍କୁ ଛାଡ଼ିଦେଲେ ଅନ୍ୟ କାହାରି କଥା ଶୁଣୁନାହାନ୍ତି ଅଧିକାରୀ କି କର୍ମଚାରୀ । ପ୍ରତିଟି ବିଭାଗୀୟ କାର୍ଯ୍ୟକ୍ରମ ମାନଙ୍କରେ ଦଳୀୟ କର୍ମୀ ହିଁ ହିତାଧିକାରୀ ସାଜି ଅଂଶଗ୍ରହଣ କରୁଥିବା କଥା କହିଛନ୍ତି କଂଗ୍ରେସ ସଭାପତି ଗୋକୁଳ ଚନ୍ଦ୍ର ପଟ୍ଟନାୟକ ଏବଂ ବିଜେଡି ସଭାପତି ବୃନ୍ଦାବନ ମଲ୍ଲିକ କହିଛନ୍ତି । ପୁର୍ବରୁ ଯେ କୌଣସି ସରକାରୀ କାର୍ଯ୍ୟକ୍ରମରେ ପ୍ରମୂଖ ରାଜନୈତିକ ଦଳର ମୁଖ୍ୟ ମାନଙ୍କୁ ଅତିଥି ଭାବେ ଡକାଯାଉଥିଲା, ତାହା ଏବେ ପୁରା ବନ୍ଦ କରିଦିଆ ଯାଇଛି । ଏହା ବ୍ଲକ ରେ ପୂର୍ବରୁ ଚାଲି ଆସିଥିବା ପ୍ରଥାକୁ ଅବାଟରେ ନେଇଛି । ସରକାରଙ୍କ ଜନ ହିତକର ଓ ବିକାଶ ମୂଳକ କାର୍ଯ୍ୟରେ ଏହା ବାଧକ ସାଜିବ ସୁନିଶ୍ଚିତ ଏଣୁ ଏହାକୁ ଦୃଢ଼ ନିନ୍ଦା କରୁଥିବା କହିଛନ୍ତି ପ୍ରମୁଖ ଦୁଇ ବିରୋଧି ଦଳ ସଭାପତି ।

## ବକ୍ସମା ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ଦୁଗ୍ଧ ଚାଷୀ ଶୋଷଣର ଶିକାର

# ବଦଳି ନହେଲେ ଜୁଲାଇ ୧ରୁ ଦୁଗ୍ଧ ଯୋଗାଣ ବନ୍ଦ

କୁଚିଣ୍ଡା,୭।୬(ଆନିସ) ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅଧିନସ୍ଥ ଡିପୁପଡା ଦୁଗ୍ଧ ଶୀତଳୀକରଣ କେନ୍ଦ୍ର (ବିଏମସି) ଅଧିନସ୍ଥ ୨୮ଗୋଟି ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ସଭାପତି/ସମ୍ପାଦକଙ୍କ ଏକ ଜରୁରୀ ବୈଠକ ରବିବାର ଡିପୁପଡା ଠାରେ ଅନୁଷ୍ଠିତ ହୋଇଥିଲା। ଡିପୁପଡା ଓ ବାମରା ଦୁଗ୍ଧ ମାର୍ଗରେ ଅବସ୍ଥାପିତ ଥିବା କ୍ଷେତ୍ର ପରିଦର୍ଶକ ସନ୍ତୋଷ କୁମାର ଦେହେରୀ ଗତ ମାର୍ଚ୍ଚ ୩୧ରେ ଅବସର ଗ୍ରହଣ ପରେ ବକ୍ସମା ଦୁଗ୍ଧ ଶୀତଳୀକରଣ କେନ୍ଦ୍ରର ଭାରପ୍ରାପ୍ତ ଅଞ୍ଚଳ ଅଧିକାରୀ ସରୋଜିନୀ ବାରିକ ଓ ଜମନକିରା ଦୁଗ୍ଧ ମାର୍ଗର କ୍ଷେତ୍ର ପରିଦର୍ଶକ ସମୀର ରଞ୍ଜନ ଗୌଡଙ୍କୁ ଡିପୁପଡା ଓ ବାମରା ଦୁଗ୍ଧ ଶୀତଳୀକରଣ କେନ୍ଦ୍ରର ଦାୟିତ୍ୱ ଦିଆଯାଇଛି।ମାତ୍ର ବିଗତ ୩ମାସ ହେବ ବକ୍ସମା ଅଧିକାରୀଙ୍କ ମନମୁଖି ଦାୟିତ୍ୱ ପରିଚାଳନା ଯୋଗୁଁ ସମସ୍ତ ସମିତିର ସଭାପତି/ସମ୍ପାଦକ ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।ଫଳରେ ସମିତିକୁ ଦୁଗ୍ଧ ଯୋଗାଉଥିବା ଚାଷୀ ମାନେ ତାଙ୍କର ଦୁଗ୍ଧ ମୂଲ୍ୟ ନପାଇ ଶୋଷଣର ଶିକାର ହେଉଛନ୍ତି।ଏନେଇ ହୋଇଥିବା ବୈଠକର ଆଲୋଚନା ମୁତାବକ ଡିପୁପଡାରେ ଜଣେ ଅଭିଜ୍ଞ କ୍ଷେତ୍ର ପରିଦର୍ଶକ ନିଯୁକ୍ତି ସହ ବ୍କମା ଅଧିକାରୀ ଶ୍ରୀମତୀ ବାରିକଙ୍କ ତୁରନ୍ତ ବଦଳୀ ଦାବି କରାଯାଇଛି।ଅନ୍ୟଥା ଜୁଲାଇ ୧ରୁ ସମସ୍ତ ସମିତିର ତାଙ୍କ ଦୁଗ୍ଧ ଉତ୍ପାଦନ ବନ୍ଦ କରିବାକୁ ଚେତାବନୀ ଦିଆଯାଇଛି।ଏହି ମର୍ମରେ କୁଚିଣ୍ଡା ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ରିର ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରି ସମିତିର ବିଭିନ୍ନ ସମସ୍ୟା ଏବଂ ବକ୍ସମା ଅଧିକାରୀ ଶ୍ରୀମତୀ ବାରିକଙ୍କ ବଦଳୀ ଦାବି କରାଯାଇଛି।ଏଥିସହ ସମ୍ବଲପୁର ଜିଲ୍ଲାପାଳ, ସମ୍ବଲପୁର ସମଲେଶ୍ୱରୀ ଦୁଗ୍ଧ ଉତ୍ପାଦକ ସମବାୟ ସମିତି (ସାମୁଲ)ର ସାଧାରଣ ପରିଚାଳକ, କୁଚିଣ୍ଡା ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନା ଅନୁଯାୟୀ,ଶ୍ରୀମତୀ ।ରିକ ଡିପୁପଡା ଦାୟିତ୍ୱ ନେବା ପରଠାରୁ ୨୮ଟି ସମବାୟ ସମିତି ମାନଙ୍କରେ ଏକ ପ୍ରକାର ଅଚଳାବସ୍ଥା ଦେଖାଦେଇଛି।ଯେହେତୁ ଡିବିଟି ଲିଙ୍କ ନଥିବା ଦୁଗ୍ଧ ଚାଷୀ ମାନଙ୍କ ପ୍ରାପ୍ୟ ଗୁଡ଼ିକ ସଂପୃକ୍ତ ସମିତି ଆକାଉଣ୍ଟ ମାନଙ୍କରେ ଜମା ହେଉଛି।ହେଲେ ଚାଷୀଙ୍କ ପେମେଣ୍ଟ ପାଇଁ ଶ୍ରୀମତୀ ।ରିକ ଚେକ୍ ସାଇନ୍ କରୁନଥିବାରୁ ଚାଷୀ ମାନେ ଦୀର୍ଘ ୩ମାସ ଧରି ତାଙ୍କ ମୁଗ୍ଧ ମୂଲ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି।ଏ ସମସ୍ୟାର ସମାଧାନ ପାଇଁ ସମିତିର ସମ୍ପାଦକ ମାନେ ଫୋନ କଲେ ଅଧିକାରୀ ଶ୍ରୀମତୀ ବାରିକ ଫୋନ ରିସିଭ୍ କରୁନାହାଁନ୍ତି କି ଡିପୁପଡା ଆସି ଚେକ୍ ସାଇନ୍ କରୁନାହାଁନ୍ତି।ଏହାଛଡା ବିଭିନ୍ନ ସମିତିର ସମ୍ପାଦକ ମାନଙ୍କ ପ୍ରତି ରୁକ୍ଷ ଆଚରଣ ପ୍ରଦର୍ଶନ କରି ହଇରାଣ କରୁଥିବା ବୈଠକରେ ଅଭିଯୋଗ ହୋଇଥିଲା।ଫଳରେ ଦୁଗ୍ଧ ଚାଷୀ ଶୋଷଣର ଶିକାର ହେଉଛନ୍ତି।ଜରାବଗା ସମିତିର ଜଣେ ମହିଳା ଦୁଗ୍ଧ ଚାଷୀଙ୍କ ଡିବିଟି ଲିଙ୍କ ନଥିବା ହେତୁ ତାଙ୍କ ୩୩ହଜାର ରୁ ଉର୍ଦ୍ଧ୍ୱ ପ୍ରାପ୍ୟ ଟଙ୍କା ସଂପୃକ୍ତ ସମିତି ଆକାଉଣ୍ଟରେ ଜମା ହୋଇଥିଲା।

ଏନେଇ ଶ୍ରୀମତୀ ଜରାଗା ସମିତିର ମହିଳା ସମ୍ପାଦକଙ୍କୁ ସକାଳ ୯ ଟାରେ ଡିପୁପଡା ବିଏମସିକୁ ଆସିବାକୁ କହି ଅପରାହ୍ଣ ସାଢେ ୩ଟାରେ ଆସି ଚାଷୀଙ୍କ ନାମରେ ସିଧାସଳଖ ପେମେଣ୍ଟ ନକରି ସମ୍ପାଦକ ନାମରେ ଚେକ ସାଇନ୍ କରିଥିଲେ।ଏହା ଜଣେ ମହିଳା ସମ୍ପାଦକଙ୍କ ପ୍ରତି ଅସୂୟା ମନୋଭାବ ଏବଂ ଉଦ୍ଦେଶ୍ୟ ମୂଳକ ବୋଲି ବିବେଚନା କରାଯାଉଛି।ଅନ୍ୟ ପକ୍ଷରେ ଡିପୁପଡା ବିଏମସି ଜେନେରେଟର ପାଇଁ ଜିଜେଲ ଅର୍ଥ ପ୍ରଦାନ କରୁନଥିବାରୁ ଏକ ମୁଖ୍ୟ ସମସ୍ୟା ଦେଖାଦେଇଛି।ଇତି ମଧ୍ୟରେ ଅନେକ ନୂଆ ସମିତି ଗଠନ ହୋଇଥିବା ବେଳେ କେତେକ ସମିତିରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଛି।ଦୁଗ୍ଧ ପରିବହନ ସକାଶେ ବାରମ୍ବାର ଅନୁରୋଧ ସତ୍ତ୍ୱେ ଶ୍ରୀମତୀ ବାରିକ ଦୁଗ୍ଧ କେନ ଯୋଗାଇଦେବ ନାହାନ୍ତି।ଫଳରେ ଦୁଗ୍ଧ ପରିବହନରେ ଗୁରୁତର ସଙ୍କଟ ଦେଖାଦେଇଛି। ବର୍ତ୍ତମାନ ୨୮ଗୋଟି ସମିତିରୁ ଦୈନିକ ୪ହଜାର ଲିଟରରୁ ଉର୍ଦ୍ଧ୍ୱ ଦୁଗ୍ଧ ସଂଗ୍ରହ ହେଉଥିବା ବେଳେ ଆଗାମୀ ଦିନରେ ଏହା ବୃଦ୍ଧି ପାଇବାର ଲକ୍ଷ୍ୟ ରହିଛି।ହେଲେ ଅଧିକାରୀଙ୍କ ଏତାଦୃଶ ମନମୁଖି କାର୍ଯ୍ୟ ଯୋଗୁଁ ମୁଗ୍ଧ ଉତ୍ପାଦନରେ ଅନ୍ତରାୟ ସୃଷ୍ଟି ହେବ ବୋଲି କୁହାଯାଉଛି।ବୈଠକରେ କୁର୍ମୀମୁଣ୍ଡା, ଗନମୁଣ୍ଡା, ସାନଜଟିଆପାଲି, ପାରୁଆଭାଡି, ରାମତିଲେଇମାଲ,ଗୋଛରା, ଲଇଡାଗୁଣା, କର୍ଡାଖମଣ,କୁ.ଜମନକିରା, ପଣ୍ଡିଆଡ଼ିପା, ଲୁନ୍ଦୁରୁଡିହି,କୁସୁମନାଲି,କୁନ୍ତରା, ଆଠଗାଁ ଛକ,ବାଙ୍କେ, ଜାମଡିପା,ଲଇଗୁରା,ଡୁରେଇ, କନ୍ଲେଇପାଲି,ଡିପୁପଡା,କେଶାଇବାହାଲ,ଗରମାଳ, ଜରାବଗା,ସର୍ଗିଡିହି,ବେଲମୁଣ୍ଡା,ଝଗଡାତିରିଆ ପ୍ରମୁଖ ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ସଭାପତି/ସମ୍ପାଦକ ମାନେ ଯୋଗଦେଇଥିଲେ।

# ପ୍ରତାପପୁର ସ୍କୁଲକୁ ରାଜ୍ୟର ଶ୍ରେଷ୍ଠ ଇକୋ କ୍ଲବ୍ ପୁରସ୍କାର

ସୋନପୁର/ବିନିକା, ୭।୬ (ଆନିସ )ସେଣ୍ଟର ଫର ଏନଭାରମେଣ୍ଟାଲ ଷ୍ଟଡିଜ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ଭୁବନେଶ୍ୱର ସ୍ଥିତ ଓଡିଶା ଲୋକ ସେବା ଭବନ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ପରିବେଶ ସୁରକ୍ଷା ଓ ସଚେତନତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟର ଶ୍ରେଷ୍ଠ ଇକୋ କ୍ଲବ୍ ଭାବରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପ୍ରତାପପୁରକୁ ମାନପତ୍ର ସହ ନଗଦ କୋଡିଏ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରାପ୍ତ ହୋଇଛି । ଏହି ଉପଲକ୍ଷେ ବିଭାଗ ପୁରସ୍କାର ପ୍ରଦାନ କରିଥିବା ବେଳେ ପ୍ରମୁଖ ଶାସନ ସଚିବ



ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଗଣେଶ ରାମ ସିଂଖୁଣ୍ଟିଆ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଭାସ୍କର ଶର୍ମା ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତଥା ବିଭାଗୀୟ ଅନ୍ୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ । ଏଠାରେ ଆୟୋଜିତ ପରିବେଶ ପ୍ରଦର୍ଶନୀରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଗୋପେଶ ପଣ୍ଡା ଉପସ୍ଥିତ ରହି ପୂର୍ବରୁ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଥିବା ବେଷ୍ଟ ଫ୍ରମ ୱେଷ୍ଟ ପ୍ରକଳ୍ପକୁ ପ୍ରଦର୍ଶିତ କରିଥିଲେ ।

ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ ଏହି ସମ୍ମାନର ସମସ୍ତ ଶ୍ରେୟ ବିଦ୍ୟାଳୟ ସହ ଜଡିତ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା, ଛାତ୍ରଛାତ୍ରୀ ସର୍ବୋପରି ସମସ୍ତ ଗ୍ରାମବାସୀଙ୍କୁ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏହା ସାମଗ୍ରୀକ ପ୍ରଚେଷ୍ଟା ତଥା ସଂପୃକ୍ତିର ଫଳ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସନ୍ତୋଷିନୀ ନନ୍ଦ ମତବ୍ୟକ୍ତ କରିଛନ୍ତି ।

ଏହି ସମ୍ବାଦ ପ୍ରଚାରିତ ହେବା ପରେ ବିଦ୍ୟାଳୟରେ ଖୁସିର ଲହରୀ ଖେଳିଯିବା ସହ ବୁଦ୍ଧିଜିବୀ ମହଲରୁ ପ୍ରଶଂସାର ସୁଅ ଛୁଟୁଛି ।

# ଠିକାଦାରଙ୍କ ମୁଣ୍ଡକୁ ପିଟି ଟଙ୍କା ନେଇ ଦୁର୍ବୃତ୍ତ ଫେରାର

ସୁନ୍ଦରଗଡ଼,୭।୬ :ସୁନ୍ଦରଗଡ଼ଜିଲ୍ଲା ହେମଗିରି ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଏକ ଅମାନୁଷିକ କାଣ୍ଡ ଘଟିଛି। ଅସୁବିଧାର ଆଳ ଦେଖାଇ ଜଣେ ଠିକାଦାରଙ୍କୁ ସାହାଯ୍ୟ ମାଗିବା ବାହାନାରେ ଦୁର୍ବୃତ୍ତମାନେ ଏକ ଭୟଙ୍କର କାଣ୍ଡ କରିଛନ୍ତି। ଦୁର୍ବୃତ୍ତଙ୍କ କଥାକୁ ବିଶ୍ୱାସ କରି କାର ଛିଡ଼ା କରିବା ପରେ ଠିକାଦାର ଆକ୍ରମଣର ଶିକାର ହୋଇଛନ୍ତି। ଦୁର୍ବୃତ୍ତମାନେ ଠିକାଦାରଙ୍କ ମୁଣ୍ଡରେ ଶକ୍ତ ପ୍ରହାର କରି ସେଠାରୁ ତାଙ୍କର କାର ଏବଂ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଠିକାଦାର ଯଜ୍ଞ ସିଂଙ୍କୁ ପରେ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସର ସୂଚନା ଅନୁସାରେ ଶନିବାର ବିଳମ୍ବିତ ରାତିରେ ହେମଗିରି ଥାନା ଟପରିଆସ୍ଥିତ ନିଜର



ନିର୍ମାଣସ୍ଥଳରୁ ଯଜ୍ଞ ସିଂ କାରରେ ଫେରୁଥିଲେ। ଗର୍ଜନବାହଲ ନିକଟରେ କିଛି ଦୁର୍ବୃତ୍ତ ବାଇକ ଷ୍ଟାର୍ଟ ନହେବା କହି ତାଙ୍କୁ ଅଟକାଇ ଥିଲେ। ଶ୍ରୀ ସିଂ ସେଠାରେ କାର ଅଟକାଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ଯଜ୍ଞ ସିଂଙ୍କ ମୁଣ୍ଡରେ ଶକ୍ତ ଆଘାତ ଦେଇଥିଲେ। ଆକ୍ରମଣର ଶିକାର ହେଲା ପରେ ସେ ତଳେ ପଡ଼ି ବଞ୍ଚାଅ ବଞ୍ଚାଅ ବୋଲି ଚିତ୍କାର କରୁଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ପୂର୍ବ ଯୋଜନା ଅନୁସାରେ ଯଜ୍ଞ ସିଂଙ୍କର କାର ଏବଂ ଟଙ୍କା ନେଇ ଘଟଣାସ୍ଥଳରୁ ଫେରାର ମାରିଥିଲେ। ଯଜ୍ଞ ସିଂ ଆକ୍ରମଣର ଶିକାର ହେଲା ପରେ ଘଟଣାସ୍ଥଳରେ ପଡ଼ି ରହିଥିଲେ। ସେହି ରାସ୍ତା ଦେଇ ଯାଉଥିବା ଲୋକେ ଯଜ୍ଞ ସିଂଙ୍କୁ ଉଦ୍ଧାର କରିବା ସହିତ ପୁଲିସକୁ ସୂଚନା ଦେଇଥିଲେ। ପରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବିଶ୍ୱସ୍ତ ସୂତ୍ରରୁ ପୁଲିସ ଏସଂପର୍କରେ ସୂଚନା ପାଇଥିଲା ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଥିଲା। ପୁଲିସର କଡ଼ା ନାକା ଚାଲିଥିବା ଖବର ପାଇ ଦୁର୍ବୃତ୍ତମାନେ ଦୀର୍ଘ ୮୦ କିଲୋମିଟର ଦୂର ସଦର ଥାନା ଅଞ୍ଚଳର ସମରଡ଼ିହିରେ କାର ଓ ମୋବାଇଲ ଛାଡ଼ି ସେଠାରୁ ଫେରାର ମାରିଥିଲେ। ପରେ କାର ଏବଂ ଟଙ୍କା ଉଦ୍ଧାର କରାଯାଇଥିଲା। ପୁଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ମଧ୍ୟାହ୍ନ ଭୋଜନ ସାମଗ୍ରୀ ପରିବହନ ପାଇଁ ଟେଣ୍ଡରର ଆହ୍ୱାନ କେବେ ?

ଯାଜପୁର ୭/୬ (ଆନିସ ): ଦିନ କେତୁଟା ପରେ ବିଦ୍ୟାଳୟ ଖୋଲିବାକୁ ଥିବା ବେଳେ ମଧ୍ୟାହ୍ନ ଭୋଜନ ସାମଗ୍ରୀ ପରିବହନ ପାଇଁ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ଠିକାଦାର ଚୟନ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇନି ପୁଷ୍ଟିକର ପୂରକ୍ ପୋଷଣ କାର୍ଯକ୍ରମ (ଏସଏନ୍ ପି) ପାଇଁ ଇତିମଧ୍ୟରେ ଟେଣ୍ଡର ସରିଛି । ମାତ୍ର ଏମ୍ ଡି ଏମ୍ ପାଇଁ ଟେଣ୍ଡର ଆହ୍ୱାନ କରାଯାଇନାହିଁ ।

ସ୍କୁଲ୍ ଖୋଲିବାକୁ ଆଉ କିଛି ଦିନ ବାକି ଥିବା ବେଳେ ମଧ୍ୟାହ୍ନ ଭୋଜନ ସାମଗ୍ରୀ ପରିବହନ ପାଇଁ ଏପର୍ଯ୍ୟନ୍ତ ଟେଣ୍ଡର ପ୍ରକ୍ରିୟା ସମ୍ପନ୍ନ ହୋଇନଥିବା ଚିନ୍ତାର ବିଷୟ ହୋଇଛି। ଚାଉଳ, ଡାଲି, ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଠିକ୍ ସମୟରେ ବିଦ୍ୟାଳୟରେ ନ ପହଞ୍ଚିଲେ , ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ପ୍ରଭାବିତ ହେବାର ଆଶଙ୍କା ରହିଛି। ଏଥିପାଇଁ ଅଭିଭାବକ ଓ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନ ଶୀଘ୍ର ଟେଣ୍ଡର ପ୍ରକ୍ରିୟା ସମାପ୍ତ କରି ନିରବିଛିନ୍ନ ଭୋଜନ ବ୍ୟବସ୍ଥା ନିଶ୍ଚିତ କରିବା ଆବଶ୍ୟକ ବୋଲି ଅଭିଭାବକ କହିବା ସହ ଜିଲ୍ଲାପାଳ, ଜିଲା ଶିକ୍ଷା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଗତ ବର୍ଷ ହୋଇଥିବା ଜିଲ୍ଲା ସ୍ତରୀୟ ଟେଣ୍ଡର ସମୟ ସୀମା ଗତ ମାର୍ଚ୍ଚ ମାସରେ ଶେଷ ହୋଇଥିବାବେଳେ ଦୁଇ ମାସରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଗଲାଣି, ଟେଣ୍ଡର ଆହ୍ୱାନ କରା ଯାଇନି।

# କୁଶଭଦ୍ରା ବଞ୍ଚାଅ ୩.୦ ଅଭିଯାନ: ଅସୁରକ୍ଷିତ ସେତୁ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀଙ୍କ ମହତ୍ ପଦକ୍ଷେପ

ଗୋପ, ୭।୬ (ଆନିସ): ପରିବେଶ ସୁରକ୍ଷା ଓ ସାମାଜିକ ଦାୟିତ୍ୱବୋଧର ଏକ ଉଜ୍ଜ୍ୱଳ ନିଦର୍ଶନ ସୃଷ୍ଟି କରିଛନ୍ତି ଅଞ୍ଚଳବାସୀ। ରବିବାର ଉତ୍ସର୍ଗ ପରିବାର ପ୍ରଭାବିତ ହୋଇ ଓରୁଆଳି ଅଞ୍ଚଳର ଯୁବ ସମାଜସେବୀ ବିଚିତ୍ରାନନ୍ଦ ପ୍ରଧାନ ସମସ୍ତ ପ୍ରକାର ସହଯୋଗ ଓ ସହାୟତା ପ୍ରଦାନ କରିଥିଲେ। ସେହିପରି



ପକ୍ଷରୁ ଆୟୋଜିତ କୁସୁଭଦ୍ରା ବଞ୍ଚାଅ ୩.୦ ଅନୁଷ୍ଠିତ ହୋଇଯାଇଛି ଏହି ଅଭିଯାନ ରେ ସହଯୋଗୀ ଅନୁଷ୍ଠାନ ଗୁଡିକ ହେଲା :- କୁଶଭଦ୍ରା କାନ୍ଧୁଛି ପରିବାର, ଓଡ଼ିଶା ଜନକଲ୍ୟାଣ ସଙ୍ଗଠନ ଏବଂ ନେତପୁର ଓ ଚଢ଼େଇଗାଁର ଯୁବ ଓ ବରିଷ୍ଠ ନାଗରିକମାନଙ୍କ ମିଳିତ ସହଯୋଗରେ ‘‘ଆମ ପରିବେଶ, ଆମ ପ୍ରକୃତି, ଆମ ଜାତୀୟ ସମ୍ପତ୍ତିର ସୁରକ୍ଷା - ସ୍ୱଚ୍ଛତା ଆମ ଦାୟିତ୍ୱ’’ ଶୀର୍ଷକ ଅଭିଯାନ ଅନ୍ତର୍ଗତ ‘‘କୁଶଭଦ୍ରା ବଞ୍ଚାଅ ୩.୦’’ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଛି।

ଏହି ଅଭିଯାନରେ ଦୀର୍ଘଦିନ ଧରି ଅସୁରକ୍ଷିତ ଅବସ୍ଥାରେ ଥିବା ଗୋପ, ଷୋଳପୁର, ନେତପୁର କୁଶଭଦ୍ରା ସେତୁ ଉପରେ ଜମି ରହିଥିବା ମାଟି, ବାଲି, ଅନାବନା ଗଛଲତା ଓ ବିଭିନ୍ନ ପ୍ରକାରର ଅଳିଆ ଆବର୍ଜନାକୁ ସ୍ୱେଚ୍ଛାସେବୀମାନେ ନିଜ ଶ୍ରମଦାନ ମାଧ୍ୟମରେ ସଫା କରିଥିଲେ। ଏହା ଫଳରେ ସେତୁର ସୁରକ୍ଷା ଓ ସ୍ଥାୟୀତ୍ୱ ରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଏହି ସେବାମୂଳକ କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ଅନେକ ଯୁବକ ଏକାଠି ହୋଇ କାର୍ଯ୍ୟରତ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିବା ସହ ସଫେଇ ଅଭିଯାନକୁ ସଫଳ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଏହା ଦ୍ୱାରା ସାମାଜିକ ଏକତା ଓ ଜନସହଭାଗିତାର ଏକ ସୁନ୍ଦର ଚିତ୍ର ଦେଖିବାକୁ ମିଳିଥିଲା। ସ୍ଥାନୀୟ ଅଞ୍ଚଳବାସୀଙ୍କ ମତରେ, ସରକାରୀ ସମ୍ପତ୍ତିର ସୁରକ୍ଷା କେବଳ ପ୍ରଶାସନର ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କର ନୈତିକ ଦାୟିତ୍ୱ। ଏହି ସେବାମୂଳକ କାର୍ଯ୍ୟକ୍ରମ କେବଳ ସ୍ୱଚ୍ଛତା ବାର୍ତ୍ତା ନୁହେଁ, ବରଂ ଆଗାମୀ ପିଢ଼ି ପାଇଁ ପରିବେଶ ଓ ଜାତୀୟ ସମ୍ପତ୍ତି ସୁରକ୍ଷାର ଏକ ସକାରାତ୍ମକ ସନ୍ଦେଶ ପ୍ରଦାନ କରିଛି।ଅଭିଯାନରେ ଯୋଗଦେଇଥିବା ସମସ୍ତ ସ୍ୱେଚ୍ଛାସେବୀ ଏବଂ ସାମାଜିକ ସଂଗଠନମାନଙ୍କର ଏହି ନିଷ୍ଠାପୂର୍ଣ୍ଣ ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପ୍ରଶଂସା କରାଯାଉଛି। ଜନସହଭାଗିତା ମାଧ୍ୟମରେ ପରିବେଶ ସୁରକ୍ଷା ଓ ସାମାଜିକ ଉନ୍ନତିର ଏଭଳି ପଦକ୍ଷେପ ଅନ୍ୟମାନଙ୍କ ପାଇଁ ମଧ୍ୟ ପ୍ରେରଣାର ଉତ୍ସ ପାଲଟିଛି।

# ବନ୍ଧୁକ ମୁନରେ ଲୁଟିନେଲେ ୨୫ଲକ୍ଷ ଟଙ୍କାର ଅଳଙ୍କାର ଓ ନଗଦ ଟଙ୍କା



ଆଳି, ୭।୬ (ଆନିସ): ବନ୍ଧୁକ ମୁନରେ ଲୁଟିନେଲେ ୨୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଶୁକ୍ରବାର ସନ୍ଧ୍ୟା ପ୍ରାୟ ୮. ୩୦ ସମୟରେ ୧୨ ଜଣ ଡକାୟତ ହାତରେ ଭୁଜାଲି ଓ ବନ୍ଧୁକ ଧରି ଆଳି ଥାନା ବାଳକାଟି ପଞ୍ଚାୟତ ଖଣ୍ଡିଆପାଟଣା ଗ୍ରାମର ପ୍ରଦୀପ ରାଉତଙ୍କ ଘରେ ପଶି ଏଭଳି କାଣ୍ଡ ଭିଆଇଛନ୍ତି । ଡକାୟତ ମାନେ ଘରେ ପଶିବା ପରେ ପରିବାର ଲୋକଙ୍କୁ ଜଣକ ପରେ ଜଣେ ସଦସ୍ୟଙ୍କ ବେକରେ ଭୁଜାଲି ଲଗାଇ ରୋଷେଇ ଘରେ ପୁରାଇ ବନ୍ଦ କରିଦେବା ପରେ ଘରେ ଥିବା ଗଡ଼ରେଜ, ବାକ୍ସ ତାଡ଼ି ଆନୁମାନିକ ୨୫ରୁ ୩୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ସହିତ ନଗଦ ଏକ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ମାସେ ପୂର୍ବରୁ ପ୍ରଦୀପଙ୍କ ପୁଅ ବାହାଘର ହୋଇଥିବା ରୁ ଏହାକୁ ଲକ୍ଷ କରି ଲୁଟେରା ମାନେ ସମସ୍ତ ଜିନିଷ ଲୁଟି ନେଇଛନ୍ତି ୪୫ମିନିଟ ଧରି ଲୁଟେରା ମାନେ ରାଜ୍ୟ ରାଜପଥ କଡ଼ରେ ଥିବା ଘରୁ ସସସ୍ତ୍ର ଡକାୟତି କରି ଫେରାର ହୋଇ ଯାଇଥିବା ବେଳେ ଆଳିର ଆଇନ ଶୃଙ୍ଖଳା ଉପରେ ବଡ଼ ପ୍ରଶ୍ନ ।ଚି ସୃଷ୍ଟି ହୋଇଛି । ଖବର ପାଇ ଆଳି ପୋଲିସ ଗତକାଲି ରାତିରେ ଘଟଣା ସ୍ଥଳରେ ଅନୁସନ୍ଧାନ କରିଛି ଲୁଟେରା ମାନେ ଏକ ଭୁଜାଲି ଛାଡି ଦେଇ ଯାଇଛନ୍ତି ।

## ବୌଦ୍ଧ ଜିଲ୍ଲା ବାଉଁଶୁଣି ସବ୍-ପୋଷ୍ଟ ଅଫିସ

# ଉଦଘାଟନ ପୂର୍ବରୁ ନଷ୍ଟ ହେଲାଣି ସାମଗ୍ରୀ

ବୌଦ୍ଧ, ୭।୬ : ଗୋଟିଏ ପଟେ ଚକାଚକ୍ ରଙ୍ଗ ମାଟି, ସୁନ୍ଦର ପାଚେରୀ ଏବଂ ଆଧୁନିକ ଗେଟ୍ ସହ ଠିଆ ହୋଇଛି ଭାରତୀୟ ଡାକ ବିଭାଗର ନୂତନ ବିଲ୍ଡିଂ କିନ୍ତୁ ବିଡ଼ମ୍ବନାର ବିଷୟ, ଏହାର ଗେଟ୍‌ରେ ତାଲା ଝୁଲୁଛି ଅନ୍ୟପଟେ, ବାହାରେ ସାଇନବୋର୍ଡ ମାରି ଏକ ଜରାଜୀର୍ଣ୍ଣ, ଅଧାଭଙ୍ଗା ଏବଂ ବିପଜ୍ଜନକ ଗୃହ ମଧ୍ୟରେ ପ୍ରବଳ ଖରାରେ ଚାଲିଛି ବାଉଁଶୁଣି ଅଞ୍ଚଳର ପୁରୁଣା ଡାକଘର ୬ ମାସରୁ ଅଧିକ ସମୟ ହେବ ନୂତନ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇ ସାରିଥିଲେ ମଧ୍ୟ, କେଉଁ କାରଣରୁ ଏହାକୁ କାର୍ଯ୍ୟକ୍ଷମ କରାଯାଉ ନାହିଁ, ତାହାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି

ବୌଦ୍ଧ ଜିଲ୍ଲାର ଏକ ପ୍ରମୁଖ ବ୍ୟବସାୟିକ ଓ ସାଂସ୍କୃତିକ କେନ୍ଦ୍ର ହେଉଛି ବାଉଁଶୁଣି ଏହି ଉପ-ଡାକଘର ଉପରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ଆଠ-ଆଠ ଗୋଟି ପଞ୍ଚାୟତର ହଜାର ହଜାର ଜନସାଧାରଣ ନିର୍ଭର କରନ୍ତି ପ୍ରତିଦିନ ଶତାଧିକ ଲୋକ ବ୍ୟାଙ୍କିଙ୍ଗ, ଚିଠିପତ୍ର ଏବଂ ସରକାରୀ ଯୋଜନାର ଲାଭ ନେବା ପାଇଁ ଏଠାକୁ ଆସନ୍ତି କିନ୍ତୁ ଦୀର୍ଘ ଦିନ ହେବ ପୁରୁଣା ଡାକଘରଟି ଭଡ଼ା ଘରେ ଓ ବିପଜ୍ଜନକ ଅବସ୍ଥାରେ ରହିଛି, ଯେଉଁଠି କର୍ମଚାରୀ ଓ ସାଧାରଣ ଜନତା ଭୟଭୀତ ପରିବେଶରେ କାର୍ଯ୍ୟ କରୁଛନ୍ତି

ଜନସାଧାରଣଙ୍କ ସୁବିଧା ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସମସ୍ତ ଆଧୁନିକ ସୁବିଧା ଥାଇ ଏହି ନୂତନ ଡାକଘର ଗୃହ

ନିର୍ମାଣ କରିଛନ୍ତି ବିଲ୍ଡିଂ କାମ ସରିବାର ୬ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ବି ଏହାକୁ ଉଦଘାଟନ କରାଯାଉ ନାହିଁ ପ୍ରଶାସନ ଏବଂ ବିଭାଗୀୟ ଉଦାସୀନତା ଯୋଗୁଁ ନୂତନ ଗୃହ ଭିତରେ ଥିବା ଦାମୀ ସାମଗ୍ରୀ ଓ ଆସବାବପତ୍ର ଏବେ ନଷ୍ଟ ହେବାକୁ ବସିଲାଣି ବିଭାଗୀୟ ଅଧିକାରୀ କିମ୍ବା ସମୟ ଅଭାବରୁ ଉଦଘାଟନ ଅଟକିଛି ନା ଏହା ପଛରେ କୌଣସି ବୈଷୟିକ ତ୍ରୁଟି ରହିଛି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ କାହାର ଉଦାସୀନତା ପାଇଁ ଜନସାଧାରଣ ଏଭଳି ସମସ୍ୟା ଭୋଗୁଛନ୍ତି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ପ୍ରଶ୍ନ କରିଛନ୍ତି

## ଯାଜପୁରର ୧୨ ବିଦ୍ୟାଳୟକୁ ମିଳିଲା ନୂଆ ପରିଚୟ!

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷା କ୍ଷେତ୍ରକୁ ବଡ଼ ଉପହାର!

## ଯଖପୁରାରେ ସାଂସଦ ପ୍ରତିନିଧି ମାନସ ରଞ୍ଜନ ତ୍ରିପାଠୀଙ୍କ ଶୁଭ ଉଦ୍‌ଘାଟନ

ଯାଜପୁର ,୦୭/୦୬(ଆନିସ): ଯାଜପୁର ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଆଜି ଯୋଡ଼ି ହୋଇଛି ଏକ ନୂଆ ଅଧ୍ୟାୟ। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ଯାଜପୁର ଜିଲ୍ଲାର ୧୨ଟି ବିଦ୍ୟାଳୟକୁ ସାମିଲ କରାଯାଇଥିବାବେଳେ ଜିଲ୍ଲାରେ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଦାନଗଦୀ ବ୍ଲକ ଅନ୍ତର୍ଗତ ଯଖପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଡ଼ମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯାଜପୁର ସାଂସଦଙ୍କ ପ୍ରତିନିଧି ମାନସ ରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ ବୋଲି ମତ ପ୍ରକାଶ କରିଥିଲେ।ଏହି ପର୍ଯ୍ୟାୟରେ ଯାଜପୁର ଜିଲ୍ଲାର ୧୨ଟି ବିଦ୍ୟାଳୟ ଯୋଜନାରେ ସାମିଲ ହୋଇଛି। ସେଗୁଡ଼ିକ ହେଲା ଛତିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ଛତିଆ, ବଡ଼ଚଣା ବିଶେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ଚାନ୍ଦିତଳ, ବଡ଼ଚଣା କୋଳସାହି ୟୁଜିୟୁପି ସ୍କୁଲ, ଦର୍ପଣ, ବଡ଼ଚଣା ଝାଡେଶ୍ୱର ଉଚ୍ଚ ବିଦ୍ୟାଳୟ, ଚିତ୍ରି, ଦାନଗଦୀ ଯଖପୁରା ସରକାରୀ ଉଚ୍ଚ ବିଦ୍ୟାଳୟ, ଯଖପୁରା, ଦାନଗଦୀ ଦେଓଗାଁ ପିୟୁପିଏସ, ଚିଙ୍ଗୁଡ଼ିପାଳ, ସୁକିନ୍ଦା ବୋତଲଣ୍ଡା ୟୁଜିଏମଇ ସ୍କୁଲ, ମଙ୍ଗଳପୁର, ସୁକିନ୍ଦା ସାରୁଅବିଲ ପିୟୁପିଏସ, କଂସା, ସୁକିନ୍ଦା ଆମ୍ବାସର ୟୁଜିଏମଇ ସ୍କୁଲ, ଖରଡ଼ି, ସୁକିନ୍ଦା ଭାସ୍କର ଏନୟୁପିଏସ, କୁହିକା, ସୁକିନ୍ଦା ପିମ୍ପୁଡ଼ିଆ ଏନୟୁପିଏସ, ପିମ୍ପୁଡ଼ିଆ, ସୁକିନ୍ଦା କଳାରଙ୍ଗିଆଟ୍ଟା ୟୁଜିଏମଇ



ସ୍କୁଲ, ରଂସୋଲ, ସୁକିନ୍ଦା ଏହି ଯୋଜନା ମାଧ୍ୟମରେ ବିଦ୍ୟାଳୟଗୁଡ଼ିକରେ ଆଧୁନିକ ଭିତ୍ତିଭୂମି, ଉନ୍ନତ ଶ୍ରେଣୀଗୃହ, ସ୍ମାର୍ଟ ଶିକ୍ଷା ବ୍ୟବସ୍ଥା, ଖେଳ ଓ ସ୍ୱଚ୍ଛତା ସୁବିଧା ସହ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଉତ୍କୃଷ୍ଟ ଶିକ୍ଷା ପରିବେଶ ସୃଷ୍ଟି ହେବ ବୋଲି କୁହାଯାଇଛି।ଏହି ଅବସରରେ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ, ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧ, ଦାନଗଦୀ ବ୍ଲକ ଶିକ୍ଷାଧିକାରୀ ଶୁଭ୍ରାଂଶୁ ପୁହାଣ ଓ ଅନ୍ୟାନ୍ୟ ଶିକ୍ଷାବିତ୍, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଜନପ୍ରତିନିଧିମାନେ ଯୋଗ ଦେଇଥିଲେ। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହ ଆଭାସୀ ମାଧ୍ୟମରେ ସଂଯୁକ୍ତ ଏହି ଉତ୍ସବରେ ଶିକ୍ଷାର ରୂପାନ୍ତର ଓ ଗୁଣାତ୍ମକ ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।ନିଜ ଅଭିଭାଷଣରେ ମାନସ ରଞ୍ଜନ ତ୍ରିପାଠୀ କହିଥିଲେ,ଶିକ୍ଷା ହେଉଛି ସମାଜ ପରିବର୍ତ୍ତନର ସବୁଠାରୁ ଶକ୍ତିଶାଳୀ ମାଧ୍ୟମ। ଆଜି ଯେଉଁ ୧୨ଟି ବିଦ୍ୟାଳୟ ଏହି ଯୋଜନାରେ ସାମିଲ ହୋଇଛି, ସେଗୁଡ଼ିକ ଆଗାମୀ ଦିନରେ ଗ୍ରାମାଞ୍ଚଳର ଶିଶୁମାନଙ୍କ ସ୍ୱପ୍ନ ପୂରଣର କେନ୍ଦ୍ରବିନ୍ଦୁ ପାଲଟିବ।କାର୍ଯ୍ୟକ୍ରମ ଶେଷରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଉପସ୍ଥିତ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ରାଜ୍ୟ ସରକାରଙ୍କ ଏହି ଶିକ୍ଷାମୁଖୀ ପଦକ୍ଷେପକୁ ସ୍ୱାଗତ କରିଥିଲେ। ଯଖପୁରାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଯାଜପୁର ଜିଲ୍ଲାର ଶିକ୍ଷା ଇତିହାସରେ ଏକ ସ୍ମରଣୀୟ ଦିନ ଭାବେ ପରିଗଣିତ ହେଉଛି।

## ପେଟ୍ରୋଲ-ଡିଜେଲ ସଞ୍ଚୟ ସହ ଫିଟନେସର ବାର୍ତ୍ତା

# ଛତ୍ରପୁରରେ ''ସଣ୍ଡେ ଅନ ସାଇକଲ'' କାର୍ଯ୍ୟକ୍ରମ




ଗଞ୍ଜାମ,୭।୬ (ଆନିସ): ଦେଶବ୍ୟାପୀ ଭାବେ ବୃଦ୍ଧି ପାଉଥିବା ପେଟ୍ରୋଲ ଓ ଡିଜେଲ ବ୍ୟବହାର, ଇନ୍ଧନ ସଞ୍ଚୟର ଆବଶ୍ୟକତା ଏବଂ ଫିଟ୍? ଇଣ୍ଡିଆ ମିଶନ ଅଧୀନରେ ସୁସ୍ଥ ଜୀବନଶୈଳୀ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଛତ୍ରପୁରସ୍ଥିତ ଅଷ୍ଟମ ବାଟାଲିୟନ ପକ୍ଷରୁ ''ସଣ୍ଡେ ଅନ ସାଇକଲ'' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

ଅଷ୍ଟମ ବାଟାଲିୟନର ଦୁର୍ଗପତି ସାରଦା ପ୍ରସାଦ ଦାସଙ୍କ ନେତୃତ୍ୱରେ ସିପାହୀ, ହାବିଲଦାର ଓ କର୍ମଚାରୀମାନେ ବାଟାଲିୟନ ପରିସରରୁ ଜାତୀୟ ରାଜପଥ ପର୍ଯ୍ୟନ୍ତ ଏକ ବୃହତ ସାଇକଲ ରାଲିରେ ଅଂଶଗ୍ରହଣ କରିଥିଲେ। ରାଲି ମାଧ୍ୟମରେ ନିୟମିତ ବ୍ୟାୟାମ, ସାଇକଲ ବ୍ୟବହାର ଏବଂ ସୁସ୍ଥ ଜୀବନଶୈଳୀ ଅପଣାଇବା ପାଇଁ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା।

ଏହି ଅବସରରେ ଦୁର୍ଗପତି ଶ୍ରୀ ଦାସ କହିଥିଲେ ଯେ, ବର୍ତ୍ତମାନ ସମୟରେ ପେଟ୍ରୋଲ ଓ ଡିଜେଲ ଉପରେ ବଢ଼ୁଥିବା ନିର୍ଭରଶୀଳତା, ଇନ୍ଧନ ବ୍ୟୟ ଏବଂ ପରିବେଶ ପ୍ରଦୂଷଣ ଚିନ୍ତାର ବିଷୟ ପାଲଟିଛି। ଏପରି ସ୍ଥିତିରେ ଛୋଟ ଦୂରତା ପାଇଁ ସାଇକଲ ବ୍ୟବହାର କରିବା ଦ୍ୱାରା ଇନ୍ଧନ ସଞ୍ଚୟ ସହ ଶାରୀରିକ ସୁସ୍ଥତା ଏବଂ ପରିବେଶ ସୁରକ୍ଷାକୁ ମଧ୍ୟ ପ୍ରୋତ୍ସାହନ ମିଳିବ। ''ସୁସ୍ଥ ଶରୀର ହିଁ ସୁସ୍ଥ ସମାଜର ମୂଳ ଆଧାର। ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ଅତି କମରେ ଅଧା ଘଣ୍ଟା ଶାରୀରିକ କାର୍ଯ୍ୟକଳାପ କରିବା ଉଚିତ,'' ବୋଲି ସେ ସାମାଜିକ ବାର୍ତ୍ତା ଦେଇଥିଲେ।

କାର୍ଯ୍ୟକ୍ରମରେ ବାଟାଲିୟନର ଉପ-ଦୁର୍ଗପତି ଯଶୋବନ୍ତ ସେଠୀ, ସହ-ଦୁର୍ଗପତି ପବିତ୍ର ମୋହନ ମୁଣ୍ଡା, ସୁବେଦାର ଯୁଧିଷ୍ଠିର ରେଡ୍ଡୀ, ପ୍ରସନ୍ନ ସୁବୁଦ୍ଧି, କେ.କେ. ନାୟକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ହାବିଲଦାର ସଂଘର ସଭାପତି ଯଶୋବନ୍ତ ସ୍ୱାଇଁ, ସମ୍ପାଦକ ଜଗନ୍ନାଥ ସେଠୀ, ସୁଶାନ୍ତ ସେଠୀ ପ୍ରମୁଖ ମଧ୍ୟ ଯୋଗଦେଇଥିଲେ।

ବାଟାଲିୟନର ସମସ୍ତ ହାବିଲଦାର, କର୍ମଚାରୀ ଓ ସିପାହୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ''ସଣ୍ଡେ ଅନ ସାଇକଲ'' କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାସ୍ଥ୍ୟ ସଚେତନତା, ପରିବେଶ ସୁରକ୍ଷା ଏବଂ ପେଟ୍ରୋଲ-ଡିଜେଲ ସଞ୍ଚୟର ବାର୍ତ୍ତା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଯାଇଥିଲା। ଏହି ପଦକ୍ଷେପ ଏକ ସୁସ୍ଥ, ସଚେତନ ଓ ପରିବେଶ-ବନ୍ଧବ ସମାଜ ଗଠନ ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ବୋଲି ମତ ପ୍ରକାଶ ପାଇଛି।

# ବିଶ୍ୱ ପରିବେଶ ଦିବସ ଓ ସବୁଜ ପୃଥିବୀ ଗଠନ ପାଇଁ ଆହ୍ୱାନ



ଥୁଆମୁଳ ରାମପୁର,୭।୬ (ଆନିସ): ବିଶ୍ୱ ପରିବେଶ ଦିବସ ଅବସରରେ ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବ୍ୟାପକ ଭାବରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପରିବେଶ ସୁରକ୍ଷା, ବୃକ୍ଷରୋପଣ, ପ୍ଲାଷ୍ଟିକ ବର୍ଜନ ଓ ପରିଷ୍କାର - ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେବା ସହିତ ରାଲି, ଶପଥ ପାଠ ଓ ସଚେତନତା ସଭା ଗୁଡିକ ଅନୁଷ୍ଠିତ ହୋଇଥିଲା। ସମଗ୍ର ଦେଶରେ ବୃଦ୍ଧି ପାଉଥିବା ପ୍ରଦୂଷଣ, ଜଙ୍ଗଲ ନଷ୍ଟ ଏବଂ ଜଳବାୟୁ ପରିବର୍ତ୍ତନ ମାନବ ସମାଜ ପାଇଁ ଏକ ବଡ଼ ଧରଣର ଚ୍ୟାଲେଞ୍ଜ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ପରିବେଶର ସନ୍ତୁଳନ ରକ୍ଷା କରିବା ପାଇଁ ପ୍ରତ୍ୟେକ ନାଗରିକ ମାନଙ୍କର ସକ୍ରିୟ ଭୂମିକାର ଆବଶ୍ୟକ ହେଉଛି। ଏହି ପରିପ୍ରେକ୍ଷୀରେ ପରିବର୍ତ୍ତନ ପରିବାର ପକ୍ଷରୁ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ବାବା ଖଣ୍ଡୁଆଲ୍ ପଡ଼ିଆ ଠାରେ ପରିବର୍ତ୍ତନ କ୍ଲାସେସ ସାଇସୁରନି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟ କ୍ରମରେ ମୁଖ୍ୟ ଅତିଥି ଭାବରେ ସାଂସଦ ପ୍ରତିନିଧି ଶ୍ରୀଯୁକ୍ତ ପବିତ୍ର ନାଏକ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଯୁବନେତା ସୁଜାନ୍ ନାଏକ, ମଣ୍ଡଳ ଯୁବ ସଭାପତ ଅଭିରାମ ନାଏକ, ତରୁଣ ନାଏକ ଆଲୋକ ନାଏକ, ହିତେଶ ନାଏକ, ରବି ନାରାୟଣ ସିଂ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଅନ୍ୟାନ୍ୟ ମାନ୍ୟ ଗନ୍ୟ ଭଦ୍ର ବ୍ୟକ୍ତି ଓ ଛାତ୍ରଛାତ୍ରୀ ଏକତ୍ରିତ ଭାବରେ ବାବା ଖଣ୍ଡୁଆ ପଡ଼ିଆ ଠାରୁ ଏକ ପଦଯାତ୍ରାରେ ବାହାରି ପରିବେଶ ସୁରକ୍ଷା ଉପରେ ସ୍ଲୋଗାନ ମାଦେଇ ମାଁ ମାଣୀକେଶ୍ୱରୀଙ୍କୁ ଦର୍ଶନ କଲାପରେ ସ୍ଥାନୀୟ ବସଷ୍ଟାଣ୍ଡ ଚାରି ପାର୍ଶ୍ୱରେ ଥିବା ମଇଳା ଆବର୍ଜନା ସଫାସୁତୁରା କରି, ଖଣ୍ଡୁଆ ପଡ଼ିଆ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରି ମଞ୍ଚାସୀନ ଅତିଥିଙ୍କୁ ସ୍ୱାଗତ ସମର୍ଦ୍ଧନା ଅର୍ପଣ କରାଯାଇଥିଲା। ନିମନ୍ତ୍ରିତ ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ ଉପସ୍ଥିତ ଜନସାଧାରଣଙ୍କୁ ପ୍ଲାଷ୍ଟିକ ବ୍ୟବହାର କମାଇବା ଏବଂ ସବୁଜ ପରିବେଶ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ପୁଣି କହିଥିଲେ ଯେ ଗଛ କେବଳ ଅମ୍ଳଜାନ ଯୋଗାଇ ନଥାଏ, ବରଂ ପରିବେଶର ସନ୍ତୁଳନ ରକ୍ଷା କରିବା ସହିତ ମାଟି କ୍ଷୟ ରୋକିବା ଓ ଜୈବ ବିବିଧତା ସଂରକ୍ଷଣରେ ମଧ୍ୟ ସହାୟକ ହୋଇଥାଏ। ତେଣୁ ସମସ୍ତେ ପ୍ରତିବର୍ଷ ଅତି କମରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବା ପୁଙ୍ଖାନୁପୁଙ୍ଖ ଭାବରେ ଅବଗତ କରାଇ ସଚେତନ ସୃଷ୍ଟି କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ଏକ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବିଜେତା ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

# କୋରାପୁଟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭର୍ଚୁଆଲ୍ ମାଧ୍ୟମରେ ୧୨ଟି ଜିଏମଏପିଭି ବିଦ୍ୟାଳୟର ନୂତନ ଭବନ ଶିଳାନ୍ୟାସ



ଜୟପୁର୭।୬ (ଆନିସ): କୋରାପୁଟ ଜିଲ୍ଲାର ୧୨ଟି ଚୟନିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନୂତନ ଭବନ ନିର୍ମାଣ ପାଇଁ ଆଜି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ୍ ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି। ତତ ସହିତ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଅଧ୍ୟୟନରତ ଦଶମ ଶ୍ରେଣୀ ଛାତ୍ରୀ ସହିତ କଥା ହୋଇଥିଲେ ବଡ ହେଲେ ତୁମେ କଣ ହେବ ବୋଲି ଏବଂ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ହେଲେ କଣ ସବୁ ସୁବିଧା ମିଳିବ ବୋଲି ପଚାରିଥିଲେ ଲମତାପୁଟ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ମାଛକୁଣ୍ଡ ଠାରେ ଦୁଇମୁଖୀ ସମ୍ପ୍ରସାରଣର ଆୟୋଜକ ବିଦ୍ୟାଳୟ ଭାବେ ଚୟନ କରାଯାଇଥିଲା। ସେହିପରି ଜିଲ୍ଲାର ୧୨ଟି ଚୟନିତ ବିଦ୍ୟାଳୟର ସରକାରୀ ଅନଲାଇନ୍ ସଭାଗୃହରେ ଏହି କାର୍ଯ୍ୟକ୍ରମ ପ୍ରତ୍ୟକ୍ଷ ପ୍ରସାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଉପସ୍ଥିତ ରହି କହିଲେ, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ କୋରାପୁଟ ଜିଲ୍ଲାର ବିଦ୍ୟାଳୟ ଗୁଡିକର ଭିତ୍ତିଭୂମି ଉନ୍ନତ ହେଉଛି। ନୂତନ ଭବନ ନିର୍ମାଣ ପରେ ଛାତ୍ରଛାତ୍ରୀମାନେ ଆଧୁନିକ ସୁବିଧା, ପ୍ରଯୁକ୍ତି ବିଦ୍ୟା ସହ ଗୁଣାତ୍ମକ ଶିକ୍ଷା ପାଇପାରିବେ। ଏହାବ୍ୟତୀତ କୋରାପୁଟର ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ମାଛା, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଭଗବାନ ମୁଦୁଲି, ଲମତାପୁଟ ବ୍ଲକ ଅଧକ୍ଷ ତାପସ କୁମାର ଚାଲାନ, ଚିକେନପୁଟ ସରପଞ୍ଚ ସୁନାଧର ମୁଦୁଲି ଓ ହିମାଂଶୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ



ବୁଗୁଡ଼ା,୭।୬ (ଆନିସ): ଆଜି ଇନ୍ଫୋଟେକ୍ କମ୍ପ୍ୟୁଟର ଏଜୁକେଶନ ବାଲିପଦର ତରଫରୁ ଛାତ୍ର ଓ ଛାତ୍ରୀ ମାନଙ୍କୁ କମ୍ପ୍ୟୁଟର ପ୍ରମାଣ ପତ୍ର ପ୍ରଦାନ ଉତ୍ସବ ପାଳିତ ହୋଇଯାଇଛି। ଗ୍ରୀଷ୍ମ ଅବକାଶ ଛାତ୍ର ଓ ଛାତ୍ରୀ ମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥିଭାବେ ଇନ୍ଫୋଟେକ୍ ବାଲିପଦର ମୁଖ୍ୟ କାର୍ତ୍ତିକେଶ୍ୱର ଲେଙ୍କା, ମୁଖ୍ୟବକ୍ତା ଭାବରେ ମହିମା ନାୟକ ଇନ୍ଫୋଟେକ୍ କମ୍ପ୍ୟୁଟର କେନ୍ଦୁପଦର , ସମ୍ମାନିତ ଅତିଥି ଭାବରେ ମୁକେଶ ଜେନା ଇନ୍ଫୋଟେକ୍ କମ୍ପ୍ୟୁଟର ଏଜୁକେଶନ, ଅଂଶୁମାନ ପ୍ରଧାନ ଯୋଗଦେଇଥିଲେ। ଅତିଥି ମାନଙ୍କୁ ଉପଢୌକନ ପ୍ରଦାନ କରିବା ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ମୁକେଶ ଜେନା, ଅଂଶୁମାନ ପ୍ରଧାନ, ସିପୁ ରେଡ୍ଡୀ, ଅଶ୍ୱିନୀ ପ୍ରଧାନ, ପ୍ରେମାନନ୍ଦ ଜେନା, ରୁଦ୍ର ଗୌଡକୁ ସମ୍ମାନିତ କରାଯାଇଥିଲା। ଅତିଥି ମାନଙ୍କ ଅଭିଭାଷଣ ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ପୂର୍ବତନ ଛାତ୍ରୀ ଯଥା ଝିଲ୍ଲି, ଶ୍ରୀଧାଲିନି,ଶିବାନୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପୂର୍ବତନ ଛାତ୍ରୀ ଝୁମୁରୀ, ସୁକନ୍ୟା, ପୁଷ୍ପାଞ୍ଜଳି, କୌଶଲ୍ୟା, ସ୍ୱାତୀ, ସାଇଶ୍ରୀ, ସୁଜ୍ଞାନି ସଭାକାର୍ଯ୍ୟ ସହଯୋଗ କରିଥିଲେ । ଶେଷରେ ଅନୁଷ୍ଠାନ ମୁଖ୍ୟ କାର୍ତ୍ତିକେଶ୍ୱର ଲେଙ୍କା ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ ଆନୁଷ୍ଠାନିକ ଭାବରେ ସଭା ଶେଷ କରିଥିଲେ।

# ଜୟ ଦୁର୍ଗା ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର



ନର୍ଲା ,୭/୬(ଆନିସ): ବିଶ୍ୱ ପରିବେଶ ଦିବସ ୨୦୨୬ ଅବସରରେ ପରିବେଶ ସଂରକ୍ଷଣ ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜୟ ଦୁର୍ଗା ଉଚ୍ଚ ବିଦ୍ୟାଳୟକୁ ପ୍ରତିଷ୍ଠିତ 'ପ୍ରକୃତି ମିତ୍ର ପୁରସ୍କାର ୨୦୨୬'ରେ ସମ୍ମାନିତ କରାଯାଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଜିଲ୍ଲା ପରିବେଶ ସମିତି ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଇଛି। ବିଦ୍ୟାଳୟ ପରିସରରେ ନର୍ସରୀ, ବର୍ଜ୍ୟବସ୍ତୁ ପରିଚାଳନା, ପରିବେଶ ସଚେତନତା ଅଭିଯାନ, ଶତପ୍ରତିଶତ ଅକ୍ଷୟ ଶକ୍ତିର ବ୍ୟବହାର ଏବଂ ଜଳ ସଂରକ୍ଷଣ ପାଇଁ ପ୍ରଭାବଶୀଳ ବର୍ଷା ଜଳ ଅମଳ ପ୍ରକଳ୍ପ ଭଳି ଦୃଷ୍ଟାନ୍ତମୂଳକ ପଦକ୍ଷେପ ପାଇଁ ଏହି ଶିକ୍ଷାନୁଷ୍ଠାନକୁ ମନୋନୀତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଜାତୀୟ ଶିକ୍ଷକ ପୁରସ୍କାର ପ୍ରାପ୍ତ ଶ୍ରୀ ସନ୍ତୋଷ କୁମାର କର ବିଶ୍ୱ ପରିବେଶ ଦିବସରେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କ ଠାରୁ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି। ତାଙ୍କ ନେତୃତ୍ୱରେ ଏହି ଅନୁଷ୍ଠାନ ପରିବେଶ ଶିକ୍ଷା ସହ ବ୍ୟାବହାରିକ ସଂରକ୍ଷଣ ଏବଂ ଗୋଷ୍ଠୀ ସହଭାଗିତାକୁ ଯୋଡ଼ି ଏକ ଆଦର୍ଶ ବିଦ୍ୟାଳୟ ଭାବେ ଉଭା ହୋଇପାରିଛି।

ଏହି ଅବସରରେ ଶ୍ରୀ କର ନିଜ ପ୍ରତିକ୍ରିୟାରେ ଏହି ପୁରସ୍କାରକୁ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ପୁରାତନ ଛାତ୍ର ସଂସଦ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ଉତ୍ସର୍ଗ କରିଛନ୍ତି । ଏଥିସହ ପରିବେଶ ପ୍ରତି ଦାୟିତ୍ୱବାନ ନାଗରିକ ଗଢ଼ିବା ଉପରେ ଗୁରୁତ୍ୱ ଦେଇ ସ୍ଥାୟୀ ବିକାଶ ପାଇଁ ଅନୁଷ୍ଠାନର ସଂକଳ୍ପକୁ ସେ ଦୋହରାଇଛନ୍ତି ।

# ବନ୍ୟପ୍ରାଣୀ ସୁରକ୍ଷା ଓ ଆଇନ ଶୃଙ୍ଖଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରାମନାଗୁଡ଼ାର ରାଜସ୍ୱ ନିରୀକ୍ଷକ ମଦନ ମୋହନ ପଣ୍ଡା ସମ୍ମାନିତ



ରାମନାଗୁଡ଼ା,୭।୬ (ଆନିସ): ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅନ୍ତର୍ଗତ ରାୟଗଡ଼ା ବନଖଣ୍ଡ ପକ୍ଷରୁ ବନ୍ୟପ୍ରାଣୀ ସୁରକ୍ଷା ଓ ଆଇନ ପ୍ରଣୟନ କ୍ଷେତ୍ରରେ ଏକ ପ୍ରଶଂସନୀୟ କାର୍ଯ୍ୟ ପାଇଁ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ସମ୍ମାନିତ କରାଯାଇଛି। ରାମନାଗୁଡ଼ା ତହସିଲର କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ ଶ୍ରୀ ମଦନ ମୋହନ ପଣ୍ଡାଙ୍କୁ ତାଙ୍କର ଅସାଧାରଣ ସହଯୋଗ ଓ ନିଷ୍ଠାପର କାର୍ଯ୍ୟ ପାଇଁ ଏହି ସମ୍ମାନଜନକ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ଗୁଣୁପୁର ବନ ସଂରକ୍ଷଣ ପରିସୀମା ଅଧୀନରେ ଗତ ୧୦.୦୫.୨୦୨୪ ରିଖରେ ପଞ୍ଜୀକୃତ ହୋଇଥିବା ଏକ ବେଆଇନ କଳାବାଘ ଚମଡ଼ା ଚୋରା ଚାଲାଣ ମାମଲା ... ୨୨/ ୨୦୨୪-୨୫ ର ସଫଳ ବିଚାର ଏବଂ ଅପରାଧୀଙ୍କୁ ଦଣ୍ଡବିଧାନ କରାଇବାରେ ଶ୍ରୀ ପଣ୍ଡା ଜଣେ ଦୃଢ଼ ସାକ୍ଷୀ ଭାବରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଏହି ନିର୍ଭୀକ ଓ ଆଦର୍ଶଗତ ସହଯୋଗ ଯୋଗୁଁ ବନ୍ୟପ୍ରାଣୀ ଅପରାଧ ବିରୁଦ୍ଧରେ ଚାଲିଥିବା ଆଇନଗତ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇପାରିଛି।

ଶ୍ରୀ ମଦନ ମୋହନ ପଣ୍ଡାଙ୍କର ଏଭଳି ଉଦାହରଣୀୟ ଅବଦାନ ଏବଂ ମୂଲ୍ୟବାନ ସହାୟତା ବନ୍ୟପ୍ରାଣୀ ସୁରକ୍ଷା ଆଇନକୁ ଆହୁରି ମଜବୁତ କରିବାରେ ସହାୟକ ହୋଇଛି ବୋଲି ବନ ବିଭାଗ ପ୍ରକାଶ କରିଛି। ଏହି ଅବସରରେ ରାୟଗଡ଼ା ବନଖଣ୍ଡ ଅଧିକାରୀ ,ରାମନାଗୁଡା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଶ୍ରୀ ପଣ୍ଡାଙ୍କୁ ଏହି ପ୍ରଶଂସନୀୟ ସେବାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଜଣେ ସରକାରୀ ଅଧିକାରୀଙ୍କର ପରିବେଶ ଓ ଜଙ୍ଗଲ ବନ୍ୟପ୍ରାଣୀ ସୁରକ୍ଷା ପ୍ରତି ଥିବା ଏହି ଆନ୍ତରିକତା ଅନ୍ୟମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛି।

# ସରକାରୀ ଅର୍ଥ ନେଇଥିଲେ ପୁଣି ଫେରାଇଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ !!



କୁକୁଡାଖଣ୍ଡି,୭।୬ (ଆନିସ): ଦୁର୍ନୀତିର ଗନ୍ତାଘର ପାଲଟିଥିବା କୁକୁଡାଖଣ୍ଡି ବ୍ଲକ ର ଗୋଟିଏ ପଞ୍ଚାୟତ ରେ ହୋଇଥିବା ଦୁର୍ନୀତି ଏବେ ଚର୍ଚ୍ଚା ରେ।ଏହି ବ୍ଲକ ଅନ୍ତର୍ଗତ ବୋରିଗାଁ ପଞ୍ଚାୟତରେ ଏକ ପୁରୁଣା ଦୁର୍ନୀତି ଘଟଣା ପଦାକୁ ଆସିଛି। ପ୍ରକଳ୍ପ କାମ ନାଁରେ ଅଧିକ ଅର୍ଥ ଉଠାଣ ହୋଇଥିବା ଅଭିଯୋଗ ସତ୍ୟ ପ୍ରମାଣିତ ହେବା ପରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେଶ ରାଓ ଶେଷରେ ୨୯ ହଜାର ୨୪୧ ଟଙ୍କା ପଞ୍ଚାୟତ ଫଣ୍ଡକୁ ଫେରସ୍ତ କରିଥିବା ଜଣାପଡ଼ିଛି।ସୂଚନା ଅନୁସାରେ, ୨୦୨୪-୨୫ ଆର୍ଥିକ ବର୍ଷରେ ବୋରିଗାଁ ଗ୍ରାମର ରାଧାକୃଷ୍ଣ ମନ୍ଦିର ନିକଟରେ ଏକ ଫେଭର ବ୍ଲକ ରାସ୍ତା ନିର୍ମାଣ କାମ କରାଯାଇଥିଲା। ଏହି କାମ ପାଇଁ ଏକ ଲକ୍ଷ ଟଙ୍କାର ଏଷ୍ଟିମେଟ ପ୍ରସ୍ତୁତ ହୋଇଥିବା ବେଳେ ସମ୍ପୂର୍ଣ୍ଣ ରାଶି ଖର୍ଚ୍ଚ ହୋଇଥିବା ଦର୍ଶାଯାଇଥିଲା।ତେବେ ଗ୍ରାମର ସମାଜସେବୀ ଉମାଶଙ୍କର ସାହୁ କାମର ଗୁଣବତ୍ତା ଓ ଖର୍ଚ୍ଚକୁ ନେଇ ସନ୍ଦେହ ପ୍ରକାଶ କରିଥିଲେ। ସେ ଆରଟିଆଇ ମାଧ୍ୟମରେ ସମ୍ପୂର୍ଣ୍ଣ ତଥ୍ୟ ମାଗିଥିଲେ। କିନ୍ତୁ ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଭିନ୍ନ ଆଳ ଦେଖାଇ ତଥ୍ୟ ପ୍ରଦାନରେ ବିଳମ୍ବ କରିଥିଲେ।ପରବର୍ତ୍ତୀ ସମୟରେ ପଞ୍ଚାୟତ ସ୍ତରରେ ଅଭିଯୋଗର ଶୁଣାଣୀରେ ଉମାଶଙ୍କର ସାହୁ ସମ୍ପୂର୍ଣ୍ଣ ତଥ୍ୟ ଓ କାର୍ଯ୍ୟବିବରଣୀ ମାଗିଥିଲେ। ହେଲେ ସେଠାରେ ମଧ୍ୟ ତାଙ୍କୁ ସନ୍ତୋଷଜନକ ତଥ୍ୟ ପ୍ରଦାନ କରାଯାଇନଥିଲା । ପରେ ପୁନର୍ବାର ଆରଟିଆଇ ଆବେଦନ କରି ଶୁଣାଣୀ ରିପୋର୍ଟ ଓ ବିଲ୍‌ର ବିସ୍ତୃତ ବିବରଣୀ ମାଗିଥିଲେ।ଶେଷରେ ତଦନ୍ତ ସମୟରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଥିଲା। ଏକ ଲକ୍ଷ ଟଙ୍କାର ଏଷ୍ଟିମେଟ ଥିବା ଏହି କାମରେ ପ୍ରକୃତରେ ପ୍ରାୟ ୭୧ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଥିଲା। ଅର୍ଥାତ୍ ପ୍ରାୟ ୨୯ ହଜାର ୨୪୧ ଟଙ୍କା ଅତିରିକ୍ତ ଉଠାଣ ହୋଇଥିବା ସ୍ପଷ୍ଟ ହୋଇଥିଲା।

ଏହି ଘଟଣାର ତଦନ୍ତ ପରେ ୨୬ ମାର୍ଚ୍ଚ ୨୦୨୬ ତାରିଖରେ ସମ୍ପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଉକ୍ତ ଅର୍ଥ ପଞ୍ଚାୟତ ଫଣ୍ଡକୁ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦେଶ ପରେ ସେ ୨୯ ହଜାର ୨୪୧ ଟଙ୍କା ପଞ୍ଚାୟତ ଖାତାରେ ଜମା କରିଥିବା ସୂଚନା ମିଳିଛି।ଦୀର୍ଘ ଦିନ ଧରି ଆରଟିଆଇ ମାଧ୍ୟମରେ ଲଢ଼େଇ କରୁଥିବା ଉମାଶଙ୍କର ସାହୁଙ୍କ ଉଦ୍ୟମ ଶେଷରେ ସଫଳ ହୋଇଛି। ଏହା ସହିତ ବୋରିଗାଁର ସାଧାରଣ ଲୋକଙ୍କ ଝାଳବୁହା ଅର୍ଥ ପୁଣିଥରେ ପଞ୍ଚାୟତ ଫଣ୍ଡକୁ ଫେରିଥିବାରୁ ସ୍ଥାନୀୟ ଅଞ୍ଚଳରେ ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।ଏବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଯଦି ଆରଟିଆଇ ମାଧ୍ୟମରେ ଏହି ଘଟଣା ପଦାକୁ ଆସିନଥାନ୍ତା, ତେବେ ସରକାରୀ ଅର୍ଥର ଏହି ଗଡ଼ବଡ଼ି କେବେ ସାମ୍ନାକୁ ଆସିଥାନ୍ତା କି ?

ସେହିପରି କେବଳ ଅର୍ଥ ଫେରସ୍ତ କରାଯିବ ନା ଦାୟୀ ଅଧିକାରୀଙ୍କ ବିରୋଧରେ ଅନ୍ୟାନ୍ୟ ପ୍ରଶାସନିକ କିମ୍ବା ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ, ତାହା ଉପରେ ବର୍ତ୍ତମାନ ସମସ୍ତଙ୍କ ନଜର ରହିଛି। ପିଇଓ ମାନେ ମନଇଚ୍ଛା ଦୁର୍ନୀତି କରୁଥିବା ବେଳେ ସେମାନଙ୍କ ଉପରେ କୌଣସି ଅଙ୍କୁଶରହୁନାହିଁ, ଯଦ୍ୱାରା ବ୍ଲକ ଓ ପଞ୍ଚାୟତ ଗୁଡିକର ନାମ ବଦନାମ ହେଉଛି ଏବଂ ବ୍ଲକ ପ୍ରଶାସନ ର କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

# ଯୁବ ସମାଜସେବୀ ଆମନ ଚନ୍ଦ୍ର ନାୟକଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର



ଘୁ.ଉଦୟଗିରି,୭।୬ (ଆନିସ): ବିଶ୍ୱ ପରିବେଶ ଦିବସ ଅବସରରେ କନ୍ଧମାଳ ଜିଲ୍ଲାର ଯୁବ ସମାଜସେବୀ ତଥା ପରିବେଶପ୍ରେମୀ ଆମନ ଚନ୍ଦ୍ର ନାୟକଙ୍କୁ ତାଙ୍କର ଉଲ୍ଲେଖନୀୟ ପରିବେଶ ସୁରକ୍ଷା ଓ ସାମାଜିକ ସେବା କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ସମ୍ମାନ ଜନକ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଗୌରବମୟ ସଫଳତା ପରେ ଘୁ.ଉଦୟଗିରି ଓ କଳିଙ୍ଗା ଅଞ୍ଚଳରେ ଖୁସିର ଲହର ଖେଳିଯାଇଛି।ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅନ୍ତର୍ଗତ ଜିଲ୍ଲା ପରିବେଶ ସମିତି, କନ୍ଧମାଳ ପକ୍ଷରୁ ଫୁଲବାଣୀ ସ୍ଥିତ ପଞ୍ଚାୟତ ଭବନ ସଭାଗୃହରେ ଆୟୋଜିତ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରେମେନ୍ଦ୍ର ପ୍ରସାଦ,ବନଖଣ୍ଡ ଅଧିକାରୀ ଘନଶ୍ୟାମ ମହନ୍ତ, ଆଇଏଏସ୍ (ପ୍ରୋବେସନର) ଯଶକରଣ ସିଂ,ଏସିଏଫ୍ ସ୍ୱେତଲିନା ସାହୁ ଓ ଉଦିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।ଏସିଏଫ୍ ସ୍ୱେତଲିନା ସାହୁଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଚୟନିତ ୮ ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା।

ସେଥିମଧ୍ୟରୁ ଘୁ.ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ଗ୍ରାମର ଆମନ ଚନ୍ଦ୍ର ନାୟକଙ୍କୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରେମେନ୍ଦ୍ର ପ୍ରସାଦ ଓ ଅନ୍ୟାନ୍ୟ ଅତିଥିମାନେ ମାନପତ୍ର, ପୁଷ୍ପଗୁଚ୍ଛ ଓ ପୁରସ୍କାର ରାଶି ପ୍ରଦାନ କରି ସମ୍ମାନିତ କରିଥିଲେ।ଉଲ୍ଲେଖଯୋଗ୍ୟ ଯେ,ଆମନ ଚନ୍ଦ୍ର ନାୟକ ଦୀର୍ଘଦିନ ଧରି ପରିବେଶ ସୁରକ୍ଷା,ବୃକ୍ଷରୋପଣ,ଜଙ୍ଗଲ ନିଆଁ ପ୍ରତିରୋଧ,ପ୍ଲାଷ୍ଟିକ ବର୍ଜନ ସଚେତନତା, ଜଳବାୟୁ ପରିବର୍ତ୍ତନ ଉପରେ ଜନଜାଗରଣ,ବାଲ୍ୟ ବିବାହ ରୋକିବା ଏବଂ ରକ୍ତଦାନ ଶିବିର ଆୟୋଜନ ଭଳି ବିଭିନ୍ନ ସେବାମୂଳକ କାର୍ଯ୍ୟରେ ସକ୍ରିୟ ଭାବେ ଜଡିତ ରହି ଆସୁଛନ୍ତି।

ପୁରସ୍କାର ପାଇବା ପରେ ''ଏହି ସମ୍ମାନ ମୋର ଏକା ନୁହେଁ, ବରଂ ମୋତେ ସହଯୋଗ ଓ ପ୍ରେରଣା ଦେଇଥିବା ସମସ୍ତ ଶୁଭେଚ୍ଛୁ, ବନ୍ଧୁ ଓ ଅଞ୍ଚଳବାସୀଙ୍କର। ଏହା ମୋତେ ଆହୁରି ନିଷ୍ଠାର ସହ ସମାଜ ଓ ପରିବେଶ ପାଇଁ କାର୍ଯ୍ୟ କରିବାକୁ ପ୍ରେରିତ କରିବ ବୋଲି ମତବ୍ୟକ୍ତ କରିଥିଲେ। ଆମନଙ୍କ ଏହି ସଫଳତା ପାଇଁ କନ୍ଧମାଳ ଜିଲ୍ଲାର ବିଭିନ୍ନ ସାମାଜିକ ସଂଗଠନ, ବୁଦ୍ଧିଜୀବୀ,ଯୁବ ସଂଗଠନ ଓ ଶୁଭେଚ୍ଛୁମାନଙ୍କ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

### ||||||||||| କେଲୁଆ ବଗି ନଦୀ |||||||||||

# ଦିନ ଦ୍ୱିପହରରେ ଚାଲିଛି ବେଆଇନ ବାଲି ଚାଲାଣ, ପ୍ରଶାସନ ସାଜିଛି ନିରବଦ୍ରଷ୍ଟା



ପାତ୍ରପୁର,୭।୬ (ଆନିସ): ଚିକିଟୀ ନିର୍ବାଚନ ମଣ୍ଡଳୀରେ ଦିନକୁ ଦିନ ବେଆଇନ ବାଲି, ପଥର, ମରୋମ ଓ ମାଟି ଚୋରା ଚାଲାଣ ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ପ୍ରତ୍ୟେକ ଦିନ ପଡୋଶୀ ତହସିଲ ତଥା ଦିଗପହଣ୍ଡି ଓ ଚିକିଟୀ ଅଞ୍ଚଳରୁ ବଡ଼ ବଡ଼ ଟିପ୍ପର ଓ ହାଇୱା ମାଧ୍ୟମରେ ବେଆଇନ ବାଲି ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ଏଥି ସହିତ ପାତ୍ରପୁର ତହସିଲ ଅଧିନରେ ଥିବା ଖାରିଆଗୁଡା, ସୁରଙ୍ଗୀ, କେଲୁଆ ଓ ଜୟନ୍ତୀପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନରେ ଥିବା ଖାରିଆଗୁଡା, ସୁରଙ୍ଗୀ, ପଦାଦିଗି, କେଲୁଆ, ଭିମପୁର ଓ ବି ନୁଆଗାଁ ଅଞ୍ଚଳରେ ବେଧଡକ ଭାବେ ବେଆଇନ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ସେହିପରି ଶୁକ୍ରବାର ଅପରାହ୍ନ ସମୟରେ କେଲୁଆ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିକଟରେ ଥିବା କେଲୁଆ ବଗିରେ ଦିନ ଦ୍ୱିପହରରେ ବଗି ପଠାରୁ ବହୁ ଟ୍ରାକ୍ଟର ମାଧ୍ୟମରେ ବାଲି ଉତ୍ତୋଳନ କରୁଥିବା ଦେଖିବାକୁ ମିଳିଛି। କହିବାକୁ ଗଲେ ଏବେ ବଗି ନଦୀ ବାଲି ମାଫିଆଙ୍କ ପାଇଁ ସୁନା ଖଣି ପାଲଟିଛି। ଦିନ ଦ୍ୱିପହରରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସାମନାରେ ଥିବା ବଗି ନଦୀ ପଠାରୁ ବେଆଇନ ଭାବେ ଉଠୁଛି ବାଲି। ବଗି ନଦୀ କୂଳରେ ଶହ ଶହ ଟ୍ରିପ ବାଲି ଗଛିତ ରଖି ରାତି ଅଧରେ ମଧ୍ୟ ବାଲି ଚୋରା ଚାଲାଣ ହେଉଥିବା ଶୁଣିବାକୁ ମିଳୁଛି। ଦିନ ରାତି ରାସ୍ତାରେ ଦୌଡ଼ୁଛି ବାଲି ବୋଝେଇ ଟ୍ରାକ୍ଟର ହେଲେ ସବୁ ଦେଖି ମଧ୍ୟ ଚୁପ୍? ବସିଛି କି ପ୍ରଶାସନ? ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ତହସିଲ ପ୍ରଶାସନ, ରାଜସ୍ୱ ନିରୀକ୍ଷକ ଓ ଜିଲ୍ଲା ଖଣି ବିଭାଗର ନିଷ୍କ୍ରିୟତା ଯୋଗୁଁ ଇନ୍ଦ୍ର ଚନ୍ଦ୍ର ମାନୁ ନାହାଁନ୍ତି ବାଲି ମାଫିଆ। ଦିନ ଦ୍ୱିପହରରେ ଖୋଲାଖୋଲି ଭାବେ ଟ୍ରାକ୍ଟର ଓ ଅନ୍ୟାନ୍ୟ ଯାନରେ ବାଲି ଲୋଡ଼ ହୋଇ ବିଭିନ୍ନ ସ୍ଥାନକୁ ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଦୀର୍ଘ ଦିନ ହେବ ଏଭଳି କାରବାର ଚାଲିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କଠୋର ପଦକ୍ଷେପ ନିଆଯାଉନାହିଁ। ଫଳରେ ସରକାରୀ ରାଜସ୍ୱ ହାନି ହେବା ସହ ନଦୀର ପରିବେଶ ମଧ୍ୟ ବିପଦରେ ପଡ଼ୁଛି। ଯେଉଁଠାରେ ପ୍ରତିଦିନ ଶହ ଶହ ଟ୍ରିପ ବାଲି ଉଠାଯାଉଛି, ସେଠାରେ ତହସିଲ କାର୍ଯ୍ୟାଳୟ, ରାଜସ୍ୱ ନିରୀକ୍ଷକ ଓ ଜିଲ୍ଲା ଖଣି ବିଭାଗ କିପରି ଅଜଣା ରହୁଛନ୍ତି ? ନା ଏହା ପଛରେ ଅନ୍ୟ କିଛି ରହସ୍ୟ ରହିଛି , ସାଧାରଣରେ ଏଭଳି ଅନେକ ପ୍ରଶ୍ନ ଉଙ୍କି ମାରୁଛି। ଅନ୍ୟ ପକ୍ଷରେ ବେଆଇନ ବାଲି ଉତ୍ତୋଳନ ଯୋଗୁଁ ନଦୀର ଗତିପଥ ପରିବର୍ତ୍ତନ, କୂଳ କ୍ଷୟ ଓ ପରିବେଶ ସନ୍ତୁଳନ ନଷ୍ଟ ହେବାର ଆଶଙ୍କା ମଧ୍ୟ ଦେଖାଦେଇଛି। ଏନେଇ ଖଣି ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାରୁ ବେଆଇନ ବାଲି ଚୋରା ଚାଲାଣ ଉପରେ କଡ଼ା ନଜର ରଖାଯାଇଛି। ଏଭଳି ଅଭିଯୋଗ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିକିଟୀ ଖଣି ଅଧିକାରୀ ପଙ୍କଜ ଠାକୁର କହିଛନ୍ତି। ତେବେ ଖବର ପ୍ରସାରଣ ପରେ ଜିଲ୍ଲା ପ୍ରଶାସନ ଓ ଖଣି ବିଭାଗ କେବେ ଏପରି ବେଆଇନ ବାଲି, ପଥର, ମରୋମ ଓ ମାଟି ଚୋରା ଚାଲାଣ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଓଡ଼ଗାଁ ବ୍ଲକ୍‌ର ୪ ଗୋଦାବରୀଶ ମିଶ୍ର ଆଦର୍ଶ ସ୍କୁଲର ଶିଳାନ୍ୟାସ



ଓଡ଼ଗାଁ ୦୭/୦୬ (ଆନିସ): ଓଡ଼ିଶା ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ ଟି ଗୋଦାବରୀଶ ମିଶ୍ର ଆଦର୍ଶ ସ୍କୁଲର ଆଭାଷି ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି।ସେଗୁଡିକ ହେଲା ସର୍ଦ୍ଦାର ପଟେଲ ଉଚ୍ଚ ବିଦ୍ୟାଳୟ ଗୋଡ଼ିପଡ଼ା (ଶିଶୁ ବାଟିକା ଠାରୁ ଦଶମ), ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବରସାହି (ଶିଶୁ ବାଟିକା ଠାରୁ ଦଶମ), ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଗରବନ୍ଧ(ଶିଶୁ ବାଟିକା ଠାରୁ ଅଷ୍ଟମ) ଏବଂ ଗୋଡିସାହି ପଞ୍ଚାୟତର ଜନତା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗମ୍ଭାରୀଡିହି(ଶିଶୁ ବାଟିକା ଠାରୁ ଅଷ୍ଟମ)। ରଣପୁର ବିଧାୟିକା ତଥା ଓଡ଼ିଶା ରାଜ୍ୟ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଆଜି ଶିଳାନ୍ୟାସ ସମୟରେ ଏହି ବିଦ୍ୟାଳୟ ଗୁଡ଼ିକରେ ପହଞ୍ଚି ଉପସ୍ଥିତ ଅଭିଭାବକ ଏବଂ ଶିକ୍ଷା ପ୍ରେମୀ ମାନଙ୍କୁ ଭେଟିଥିଲେ। ରାଜ୍ୟରେ ପ୍ରାଥମିକ ଶିକ୍ଷାକୁ ପ୍ରାଥମିକତା ଦେବା ସହିତ ଏହି ସ୍କୁଲ ମାନଙ୍କରେ ସ୍ବତନ୍ତ୍ର ତାଲିମ ପ୍ରାପ୍ତ ଶିକ୍ଷକମାନେ ପାଠ ପଢ଼ାଇବେ। ଛାତ୍ରଛାତ୍ରୀ ମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଫଳରେ ଅଭିଭାବକମାନେ ଘରୋଇ ସ୍କୁଲ ବଦଳରେ ସରକାରୀ ସ୍କୁଲରେ ସେମାନଙ୍କ ପିଲାଙ୍କୁ ପଢ଼ାଇବାକୁ ଇଚ୍ଛା ପ୍ରକାଶ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଭାଷୀ ମାଧ୍ୟମରେ କହିଥିଲେ। ଓଡ଼ଗାଁ ବିଡିଓ ପ୍ରିତିବାଳା ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏଟିଏମରେ ଟଙ୍କା ନାହିଁ କି, ମରାମତି ହେଉନି

ଫୁଲବାଣୀ,୭।୬ (ଆନିସ): କନ୍ଧମାଳ ଜିଲ୍ଲା ର ସଦର ମହକୁମା ଫୁଲବାଣୀ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଏ ଟି ଏମ୍ ଗୁଡିକରେ ଟଙ୍କା ନଥିବା ରୁ ଗ୍ରାହକ ମାନେ ଟଙ୍କା ଉଠାଣ ନ କରି ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ସେହିପରି ସହର ରେ ଥିବା ଏଟି ଏମ ଗୁଡ଼ିକ ର ନିୟମିତ ରକ୍ଷଣା ବେକ୍ଷଣ ନ ହେବାରୁ ସେଗୁଡିକ ଅବସ୍ଥା ସୋଚନୀୟ ହୋଇଗଲାଣି କେଉଁଠି ଏ ସି ଚଲୁ ଛି ତ ଆଉ କେଉଁଠି ଏସି ଭାଙ୍ଗି ରୁଜି ଯାଇଛି ବିଶେଷ କରି ଏସ ବି ଆ ଇ ଏଟିଏମ୍ ଗୁଡିକ ରେ ଜିଲ୍ଲା ତମାମ ଏଭଳି ଅବସ୍ଥା ସୃଷ୍ଟି ହୋଇଛି କେବଳ ଫୁଲବାଣୀ ସହର ନୁହେଁ ଟିକାବାଲି ରେ ମଧ୍ୟ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଟଂକା ରହୁନଥିବା ଫଳରେ ଏଟି ଏ ମ୍ ଯାଇ ଦରକାର ବେଳେ ଟଂକା ଉଠାଇ ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏ ସମସ୍ୟା ର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ଗ୍ରାହକ ସଙ୍ଘ, ପକ୍ଷରୁ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେବାକୁ ଧମକ ଦେଇଛନ୍ତି

# ବିଶ୍ବାସ ହିଁ ସିଦ୍ଧିର ମୂଳମନ୍ତ୍ର

**''ଦେବେ ତୀର୍ଥେ ଦ୍ୱିଜେ ମନ୍ତ୍ରେ ଦୈବଜ୍ଞେ ଭେଷଜେ ଗୁରୌ ।**
**ଯାଦୃଶୀ ଭାବନା ଯସ୍ୟ ସିଦ୍ଧିର୍ଭବତି ତାଦୃଶୀ ।।''**

ଭାରତୀୟ ନୀତିଶାସ୍ତ୍ରର ଏହି ଅମୂଲ୍ୟ ଶ୍ଳୋକ ମାନବଜୀବନର ଏକ ଚିରନ୍ତନ ସତ୍ୟକୁ ପ୍ରକାଶ କରେ । ଏହାର ସରଳ ଅର୍ଥ ହେଉଛି, ' ଦେବତା, ତୀର୍ଥସ୍ଥାନ, ଦ୍ୱିଜ ବା ଜ୍ଞାନୀ ବ୍ୟକ୍ତି, ମନ୍ତ୍ର, ଦୈବଜ୍ଞ (ଜ୍ୟୋତିଷ), ଔଷଧ ଏବଂ ଗୁରୁ, ' ଏମାନଙ୍କ ପ୍ରତି ଯାହାର ଯେପରି ଭାବନା, ଶ୍ରଦ୍ଧା ଓ ବିଶ୍ୱାସ ଥାଏ, ସେ ତଦନୁରୂପ ଫଳ ପ୍ରାପ୍ତ କରେ । ଅର୍ଥାତ୍ ବାହ୍ୟ ବସ୍ତୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଆମର ଆନ୍ତରିକ ଦୃଷ୍ଟିଭଙ୍ଗୀ ଓ ବିଶ୍ୱାସ ।

ମାନବ ସଭ୍ୟତାର ଇତିହାସକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ, ଯେକୌଣସି ମହାନ ସାଧନା, ଆବିଷ୍କାର କିମ୍ବା ଆଧ୍ୟାତ୍ମିକ ଉନ୍ନତିର ମୂଳରେ ଥାଏ ଦୃଢ଼ ବିଶ୍ୱାସ । ବିଶ୍ୱାସ ମନୁଷ୍ୟର ଚେତନାକୁ ଜାଗ୍ରତ କରେ, ତାହାର ସୁପ୍ତ ଶକ୍ତିକୁ ଉଦ୍ବୋଧିତ କରେ ଏବଂ ସାଧାରଣ କାର୍ଯ୍ୟକୁ ମଧ୍ୟ ଅସାଧାରଣ କରିଦିଏ। ଅନ୍ୟପକ୍ଷରେ, ସନ୍ଦେହ ଓ ଅବିଶ୍ୱାସ ମନୁଷ୍ୟର ଶକ୍ତିକୁ କ୍ଷୀଣ କରି ତାହାକୁ ବିଫଳତା ଦିଗକୁ ଠେଲିଦିଏ । ସେଥିପାଇଁ କୁହାଯାଏ, ''ଯେଉଁଠାରେ ବିଶ୍ୱାସ ଅଛି, ସେଠାରେ ଅସମ୍ଭବ ମଧ୍ୟ ସମ୍ଭବ ହୋଇଯାଏ'' ଯେଉଁଠାରେ ସନ୍ଦେହ ଅଛି, ସେଠାରେ ସମ୍ଭାବନା ମଧ୍ୟ ନିଷ୍ଫଳ ହୋଇପଡ଼େ।

ଏହି ନୀତିକଥାରେ ଉଲ୍ଲେଖିତ ସାତଟି ତତ୍ତ୍ୱ ମାନବଜୀବନର ବିଭିନ୍ନ ଦିଗକୁ ସ୍ପର୍ଶ କରିଥାଏ। ଦେବତାଙ୍କ ପ୍ରତି ଭକ୍ତି ଥିଲେ ପ୍ରତିମାରେ ଈଶ୍ୱରଙ୍କ ଦର୍ଶନ ହୁଏ ନଚେତ୍ ସେହି ପ୍ରତିମା କେବଳ ପଥରମାତ୍ର । ତୀର୍ଥଯାତ୍ରା କେବଳ ସ୍ଥାନଭ୍ରମଣ ନୁହେଁ , ବରଂ ଆନ୍ତରିକ ପବିତ୍ରତାର ଅନୁଭୂତି । ଜ୍ଞାନୀ ଓ ସାଧୁଜନଙ୍କ ପ୍ରତି ସମ୍ମାନ ଥିଲେ ତାଙ୍କଠାରୁ ଜ୍ଞାନ ଓ ପ୍ରେରଣା ଲାଭ ହୁଏ । ମନ୍ତ୍ର ପ୍ରତି ଶ୍ରଦ୍ଧା ତାହାକୁ କେବଳ ଶବ୍ଦର ସମାହାରରୁ ଆଧ୍ୟାତ୍ମିକ ଶକ୍ତିରେ ପରିଣତ କରେ । ଔଷଧ ଉପରେ ବିଶ୍ୱାସ ରୋଗମୁକ୍ତିରେ ସହାୟକ ହୁଏ ଏବଂ ଗୁରୁଙ୍କ ପ୍ରତି ଅଖଣ୍ଡ ଆସ୍ଥା ଶିଷ୍ୟକୁ ଜ୍ଞାନ ଓ ମୁକ୍ତିର ପଥରେ ଅଗ୍ରସର କରେ ।

ଭାରତୀୟ ପୁରାଣ ଓ ଇତିହାସରେ ଏହି ସତ୍ୟର ଅନେକ ଉଦାହରଣ ଦେଖିବାକୁ ମିଳେ । ମହାଭାରତର ଏକଲବ୍ୟ ଏହାର ଶ୍ରେଷ୍ଠ ଦୃଷ୍ଟାନ୍ତ । ଗୁରୁ ଦ୍ରୋଣାଚାର୍ଯ୍ୟ ତାଙ୍କୁ ଶିଷ୍ୟରୂପେ ଗ୍ରହଣ ନ କରିଥିଲେ ମଧ୍ୟ, ଏକଲବ୍ୟ ମାଟିର ଏକ ମୂର୍ତ୍ତିକୁ ଗୁରୁ ଭାବି ନିଷ୍ଠାର ସହ ଅଭ୍ୟାସ କରିଥିଲେ । ତାଙ୍କର ଗୁରୁଭକ୍ତି ଓ ଭାବନା ହିଁ ତାଙ୍କୁ ମହାନ ଧନୁର୍ଦ୍ଧରରେ ପରିଣତ କରିଥିଲା । ଏଠାରେ ସିଦ୍ଧି ଗୁରୁଙ୍କ ଶରୀରରୁ ନୁହେଁ, ଶିଷ୍ୟର ଭାବନାରୁ ଉତ୍ପନ୍ନ ହୋଇଥିଲା ।

ସେହିପରି ଭକ୍ତ ପ୍ରହ୍ଲାଦଙ୍କ କାହାଣୀ ଦେବତା ଓ ବିଶ୍ୱାସର ଅନନ୍ୟ ଉଦାହରଣ। ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ ଭଗବାନ ସର୍ବତ୍ର ବିରାଜମାନ । ସେହି ବିଶ୍ୱାସର ମର୍ଯ୍ୟାଦା ରକ୍ଷା ପାଇଁ ଭଗବାନ ନୃସିଂହରୂପେ ସ୍ତମ୍ଭରୁ ପ୍ରକଟ ହୋଇଥିଲେ । ଏଠାରେ ଭାବନା ହିଁ ଜଡ଼ ପଦାର୍ଥକୁ ଚୈତନ୍ୟମୟ କରିଦେଇଥିଲା ।

ଶ୍ରୀରାମଙ୍କ ସେତୁବନ୍ଧ ସମୟରେ ଗୁଣ୍ଡୁଚି ମୂଷାର ଛୋଟ ସେବା ମଧ୍ୟ ଏହି ସତ୍ୟକୁ ପ୍ରତିପାଦିତ କରେ । ତାହାର ସାମର୍ଥ୍ୟ ଅତି କ୍ଷୁଦ୍ର ଥିଲା, କିନ୍ତୁ ଭାବନା ଥିଲା ମହାନ । ସେଥିପାଇଁ ଭଗବାନ ରାମ ତାହାର ସେବାକୁ ସ୍ୱୀକାର କରିଥିଲେ । ସେହିପରି 'ରାମ' ନାମ ପ୍ରତି ଥିବା ବିଶ୍ୱାସ ପଥରକୁ ମଧ୍ୟ ଭାସମାନ କରିଦେଇଥିବାର ପ୍ରତୀକାତ୍ମକ ବର୍ଣ୍ଣନା ଆମେ ରାମାୟଣରେ ପାଉ ।

ଓଡ଼ିଶାର ଭକ୍ତି ପରମ୍ପରାରେ ଭକ୍ତ ଦାସିଆ ବାଉରୀଙ୍କ କାହାଣୀ ବିଶ୍ୱାସର ମହିମାକୁ ଅଧିକ ଉଜ୍ଜ୍ୱଳ କରେ। ସାମାଜିକ ବାଧା ସତ୍ତ୍ୱେ ତାଙ୍କର ଭକ୍ତି ଓ ଆସ୍ଥା ଏତେ ମାର୍ମୀକ ଥିଲା ଯେ ମହାପ୍ରଭୁ ଜଗନ୍ନାଥ ତାଙ୍କର ନଡ଼ିଆ ଗ୍ରହଣ କରିଥିବାର କଥା ଚିର ଦିନପାଇଁ ଅମର ଗାଥା ହୋଇ ରହିଯାଇଛି । ଏହି ଆଖ୍ୟାନ ଆମକୁ ଶିଖାଏ ଯେ ଭଗବାନଙ୍କ ପାଖରେ ବାହ୍ୟ ପରିଚୟ ନୁହେଁ, ଅନ୍ତରର ଭାବନା ହିଁ ପ୍ରମୁଖ ।

ଏହି ଶ୍ଳୋକର ପ୍ରାସଙ୍ଗିକତା କେବଳ ଆଧ୍ୟାତ୍ମିକ କ୍ଷେତ୍ରରେ ସୀମିତ ନୁହେଁ ଆଧୁନିକ ମନୋବିଜ୍ଞାନ ମଧ୍ୟ ଏହାର ସତ୍ୟତାକୁ ସ୍ୱୀକାର କରିଛି । ସକାରାତ୍ମକ ଚିନ୍ତାଧାରା ମନୁଷ୍ୟର ମନୋବଳ ବୃଦ୍ଧି କରେ, ଆତ୍ମବିଶ୍ୱାସ ତାହାକୁ ସଫଳତାର ପଥରେ ନେଇଯାଏ ଏବଂ ଔଷଧ ଉପରେ ବିଶ୍ୱାସ ରୋଗମୁକ୍ତିରେ ସହାୟକ ହୁଏ । ଅନ୍ୟପକ୍ଷରେ, ସନ୍ଦେହ ଓ ନକାରାତ୍ମକ ଚିନ୍ତା ମନୁଷ୍ୟର କାର୍ଯ୍ୟକ୍ଷମତାକୁ ହ୍ରାସ କରେ ।

ସର୍ବୋପରି, ଏହି ନୀତିବାକ୍ୟ ଆମକୁ ଶିକ୍ଷା ଦିଏ ଯେ ବାହ୍ୟ ଜଗତ ଅପେକ୍ଷା ଆନ୍ତରିକ ଜଗତ ଅଧିକ ଶକ୍ତିଶାଳୀ । ଜୀବନରେ ସଫଳତା, ଶାନ୍ତି ଓ ଆଧ୍ୟାତ୍ମିକ ଉନ୍ନତି ପାଇବାକୁ ହେଲେ ଆମର ଭାବନାକୁ ଶୁଦ୍ଧ, ଉଚ୍ଚ ଓ ସକାରାତ୍ମକ ରଖିବା ଆବଶ୍ୟକ । କାରଣ ବିଶ୍ୱାସ କେବଳ ଏକ ମାନସିକ ଅବସ୍ଥା ନୁହେଁ ଏହା ସେହି ଶକ୍ତି, ଯାହା ସାଧାରଣକୁ ଅସାଧାରଣ, ଜଡ଼କୁ ଚୈତନ୍ୟମୟ ଏବଂ ମନୁଷ୍ୟକୁ ମହାନତାର ଶିଖରରେ ପହଞ୍ଚାଇପାରେ । ଅତଏବ କୁହାଯାଇପାରେ, ''ଯେପରି ଭାବନା, ସେପରି ସିଦ୍ଧି ଯେପରି ବିଶ୍ୱାସ, ସେପରି ଜୀବନ ।'' ଏହା ହିଁ ଏହି ଶ୍ଳୋକର ଚିରନ୍ତନ ସନ୍ଦେଶ ।

# ୧୭ତମ ଓଡ଼ଗାଁ କ୍ରିକେଟ ଲିଗ୍ (ଓସିଏଲ) ଉଦଘାଟିତ




ଓଡ଼ଗାଁ୦୭/୦୬ (ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ସ୍ଥାନୀୟ ରଘୁନାଥ ଆଥଲେଟିକ ଆସୋସିଏସନ୍ ଦ୍ୱାରା ଆୟୋଜିତ ୧୭ ତମ ଓଡ଼ଗାଁ କ୍ରିକେଟ ଲିଗ୍(ଓସିଏଲ) ୨୦୨୬ ରବିବାର ଉଦଘାଟିତ ହୋଇଯାଇଛି । ପ୍ରଥମ ଦିନ ୨ ଗୋଟି ମ୍ୟାଚରେ ଯଥାକ୍ରମେ ଇଗଲ ଫାଇଟର ଏବଂ ଆଇକନଷ୍ଟାର ଦଳ ବିଜୟ ହାସଲ କରିଛନ୍ତି । ଉଦଘାଟନର ପ୍ରଥମ ମ୍ୟାଚ୍ ଇଗଲଫାଇଟର ଏବଂ ପାୱାର ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସଜିତି ପାୱାର ଇଲେଭେନ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ବିନିମୟରେ ୧୦୩ ରନ୍ ସଂଗ୍ରହ କରିଥିବା ବେଳେ ଇଗଲଫାଇଟର ୭.୪ ଓଭରରେ ୪ ଉଇକେଟ ବିନିମୟରେ ୧୦୫ ରନ୍ କରି ମ୍ୟାଚ୍ ବିଜୟୀ ହୋଇଥିଲେ।ବିଜୟୀ ଦଳର ସୁମନ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ।ଦ୍ୱିତୀୟ ମ୍ୟାଚରେ ଟସ ଜିତି ଆଇକନଷ୍ଟାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ବିନିମୟରେ ୮୩ ରନ୍ ସଂଗ୍ରହ କରିଥିଲେ।

ଏହାର ମୁକାବିଲା କରିବାକୁ ଯାଇ ଫାଇଟର ଇଲେଭେନ ୮ ଓଭରରେ ୬୯ ରନ୍ କରିଥିବା ବେଳେ ଆଇକନଷ୍ଟାର ୧୪ ରନରେ ବିଜୟ ହାସଲ କରିଥିଲେ। ବିଜୟୀ ଦଳର ଶୁଭମ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ।କିଶନ, ରାମ, ଗୋପାଳ, ଚନ୍ଦନ, ଗୁଡୁ ଆଜିର ମ୍ୟାଚକୁ ପରିଚାଳନା କରିଥିଲେ। ସୋମବାର ଦିନ ୬ଟି ଦଳ ମଧ୍ୟରେ ୩ ମ୍ୟାଚ୍ ଅନୁଷ୍ଠିତ ହେବ। ଆଜିର ଉଦଘାଟନୀ ମ୍ୟାଚରେ ଅନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟ ତଥା ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଓଡ଼ଗାଁ ବିଜେପି ମଣ୍ଡଳ ସଭାପତି ସଞ୍ଜୟ କୁମାର ସାହୁ, କ୍ରିକେଟ ଭେଟରାନ ଉମାକାନ୍ତ ଦାସ ସମ୍ମାନୀତ ଅତିଥି ଯୋଗଦେଇ ଖେଳାଳିଙ୍କ ସହିତ ଓଡ଼ଗାଁ ରଘୁନାଥ ମନ୍ଦିରରୁ ଆସୁଥିବା ମଶାଲ ଶୋଭାଯାତ୍ରାରେ ଅଂଶଗ୍ରହଣ କରି ଓଡ଼ଗାଁ ମିନି ଷ୍ଟାଡିୟମରେ ପହଞ୍ଚି ଥିଲେ।

ପରେ ଟୁର୍ନାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ରଘୁନାଥ ଆଥଲେଟିକ ଆସୋସିଏସନର ସମ୍ପାଦକ ଖେଳ ମଣିଷ ଦିବାକର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ

ବିନିକା ୭/୬(ଆନିସ ) : ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଶଙ୍କରା ବ୍ରଜବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଏଥିରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପୂଜାପାଠ କରିବା ପରେ ନଡ଼ିଆ ବାଡେଇ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା ତେବେ ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସ ଜରିଆରେ ଓଡ଼ିଶାର ୨୦୪ ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ ସେହିପରି ଏଇ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଳ,ଏଡିଏମ ଅଞ୍ଜଳୀନା ପଧାନ,ରାଜେନ୍ଦ୍ର ମାଝୀ,ବିଡ଼ିଓ ଶରତ ବାଗ,ଶଙ୍କରା ସରପଞ୍ଚ ଅଶୋକ ପୃଷ୍ଟିଙ୍କ ସହ ଶିକ୍ଷକ, ଶିକ୍ଷୟତ୍ରୀ,ମିଶନ ଶକ୍ତି ମହିଳା, ଗ୍ରାମବାସୀଙ୍କ ସହ ଶତାଧିକ ଛାତ୍ରଛାତ୍ରୀମାନେ ପ୍ରମୁଖ ଉପସ୍ଥିତ ରହିଥିଲେ

## ବଲାଙ୍ଗିରରେ ପୁଣି ଆକ୍ଟିଭ କଫ୍ ସିରପ୍ ମାଫିଆ, ଧରିଲା ପୋଲିସ

ବଲାଙ୍ଗିର ୭।୬: ଫିଲ୍ମ ଷ୍ଟାଇଲରେ ହେଉଥିଲା କଫ୍ ସିରପ୍ ଚାଲାଣ । ବିଶେଷ ସୂତ୍ରରୁ ଖବର ପାଇ ଧରିଲା ବଲାଙ୍ଗିର ଟାଉନ ପୋଲିସ । ବଲାଙ୍ଗିରରେ ବିପୁଳ ପରିମାଣର କଫ୍ ସିରପ୍ ଜବତ କରିଛି ପୋଲିସ । ବଲାଙ୍ଗିର ସ୍ମାର୍ଟ ପାର୍କ ନିକଟ ବାଇପାସ୍ ରାସ୍ତାରୁ କଫ୍ ସିରପ୍ ଜବତ । ଅନ୍ଧାର ଓ ନିଛାଟିଆ ରାସ୍ତା ଦେଇ ଫେରାର ମାରିବା ସମୟରେ ଜାଲ ବିଛାଇ ଜଗିଥିଲା ପୋଲିସ । କଫ୍ ସିରପ୍ ଚାଲାଣକାରୀଙ୍କୁ ଦେଖି ଗୋଡ଼ାଇ ଗୋଡ଼ାଇ ଧରିଲା । ଘଟଣାରେ ୫ ଜଣ ଗିରଫ ହୋଇଥିବା ବେଳେ ଗୋଟିଏ ସମ୍ବଲପୁର ନମ୍ବର ଥିବା କାର୍ ମଧ୍ୟ ଜବତ ହୋଇଛି । ତେବେ ୮୮୦ ବୋତଲ କଫ୍ ସିରପ୍ ଜବତ କରିଛି ପୋଲିସ । ଯାହାର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ । ଏହାସହ ଗିରଫ ୫ ଜଣଙ୍କ ନିକଟରୁ ୫ଟି ମୋବାଇଲ ମଧ୍ୟ ଜବତ କରିଛି ପୋଲିସ । ଗିରଫ ଯୁବକ ମାନେ ହେଲେ ତାଳପାଲି ପଡାର ବିଦ୍ୟାଧର ସାହୁ, ବରପାଲି ପଡାର ଅଙ୍କିତ ପଟେଲ ଏବଂ ବିଶେଷ ଜେନା, ତୁଳସୀ ନଗର ପଡାର ପ୍ରିୟଅଂଶୁ ନନ୍ଦ ଏବଂ କଟକ ନରସିଂହପୁରର ସୁରେଶ କୁମାର ସାହୁ । ଏମାନଙ୍କ ମଧ୍ୟରେ ବିଦ୍ୟାଧର ସାହୁ ହେଉଛି ଏହି କଫ୍ ସିରପ୍ ଚାଲାଣର ମାଷ୍ଟର ମାଇଣ୍ଡ ବୋଲି ପୋଲିସ କହିଛି ।ଏମାନଙ୍କ ପଛରେ କିଏ ମୁଖ୍ୟ ମାଫିଆ କିଏ । କେଉଁଠୁ ଆସୁଥିଲା କୁଆଡେ ଯାଉଥିଲା ତାହାର ସମ୍ପୂର୍ଣ୍ଣ ତଥ୍ୟ ଦେଇନାହିଁ ପୋଲିସ ଯାହାକୁ ନେଇ ମୁଖ୍ୟ ମାଫିଆକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସେହିପରି ଘଟଣାରେ ଜବତ ଗାଡିକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ଏନେଇ କିନ୍ତୁ ପୋଲିସ କହିଛି ଏହାକୁ ନେଇ ତଦନ୍ତ ଜାରି ରହିଛି।

# ବଡ ବଡିଆଙ୍କୁ ସବୁ ମାଫ୍

ଭୁବନେଶ୍ୱର, ୭।୬: ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଘଟୁଥିବା ଭିଡ଼ ହିଂସା ହେଉ ବା ହାଜତରେ ଥାର୍ଡ ଡିଗ୍ରୀ ଘଟଣା ହେଉ, ଏଠାରେ ସାଧାରଣ ଅଭିଯୁକ୍ତମାନଙ୍କ ଉପରେ ଅଠା ବୋଲି ବଡ ବଡିଆଙ୍କୁ ପୁରା ପୁରି ମାଡ୍ କରିଦିଆଯାଇଥିବା ଦେଖିବାକୁ ମିଳୁଛି । ସରକାର କିନ୍ତୁ କହି ବୁଲୁଛନ୍ତି ଅପରାଧି ଘଟାଉଥିବା ଓ ଅପରାଧର ଷଡ଼ଯନ୍ତ୍ରକାରୀଙ୍କୁ ସମାନ ଚକ୍ଷୁରେ ଦେଖି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । କିନ୍ତୁ ବାସ୍ତବ ଚିତ୍ର ଏଠି ସମ୍ପୂର୍ଣ୍ଣ ଭିନ୍ନ । ଏଠି କାଣି ଅସରପା ଉପରେ କୁଜି ବିରାଡିର ରାଗ ନୀତିରେ କାର୍ଯ୍ୟାନୁଷ୍ଠାନ ବା ପଦକ୍ଷେପ ଗ୍ରହଣ କରାଯାଉଛି । ରାଜ୍ୟରେ ବିଗତ ଭିଡ଼ ହିଂସା ଓ ହାଜତରେ ଥାର୍ଡ ଡିଗ୍ରୀ ଘଟଣାରେ ବିଭାଗୀୟଙ୍କ ପକ୍ଷରୁ ନିଆଯାଇଥିବା କାର୍ଯ୍ୟନୁଷ୍ଠାନ ଏହାକୁ ସ୍ପଷ୍ଟ ପ୍ରମାଣିତ କରୁଛି । କେଉଁଠି ବଡି ବଡିଆକୁ କେବଳ ବଦଳି କରି ତଦନ୍ତ ଆଳରେ ସମୟ ଗଡା ଯାଉଛି ତ କିଏ ନିଜର ପଦ ପଦବୀର କ୍ଷମତାରେ ଦବଙ୍ଗଗିରି ଦେଖାଇ ଜେରା ପାଇ ବି ଆସୁନାହାଁନ୍ତି । ବହୁଚର୍ଚ୍ଚିତ କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ଘଟଣାରେ କେବଳ କେତେକ ତଳିଆ କର୍ମଚାରୀଙ୍କୁ ନିଲମ୍ବନ ଓ ବହିଷ୍କାର କରି ପ୍ରୋବେସନ ଆଇପିଏସ୍‌କୁ ବଦଳି କରାଯାଇ କେବଳ ତଦନ୍ତ ଆଳରେ ସମୟ ଗଡାଇ ଚାଲିଛନ୍ତି ସମ୍ପୃକ୍ତ ବିଭାଗ । ସେହିପରି ରେଲୱେ ପୁଲିସ କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟିପିଟି ହତ୍ୟା ଘଟଣାର ତଦନ୍ତ ଶେଷ କରି ଜାତୀୟ ମାନବାଧିକାର ଆୟୋଗ(ଏନଏଚଆରସି) ଟିମ୍ ଦିଲ୍ଲୀ ଫେରିଯାଇଥିଲେ ସୁଦ୍ଧା ଏହି ଘଟଣାରେ ପରୋକ୍ଷ ଭାବେ ସମ୍ପୃକ୍ତି ଅଭିଯୋଗ ଥିବା ଅତିରିକ୍ତ ପୁଲିସ ଡିଜି ଦୟାଲ ଗଙ୍ଗୱାରଙ୍କୁ ଜେରା ପାଇଁ ଏନ୍‌ଏଚ୍‌ଆର୍‌ସି ଆଗରେ ଆସିବାକୁ କୁହାଯାଇଥିଲେ ସୁଦ୍ଧା ସେ ହାଜର ନହୋଇ ଚିଠି ଓ ଫୋନ୍ ମାଧ୍ୟମରେ ନିଜର ପକ୍ଷ ରଖିଥିବା ସୂଚନା ମିଳିଛି । ସେହିପରି ବାରଙ୍ଗ ଥାନା ହାଜତ ନିର୍ଯାତନା ମାମଲାରେ ପୁଲିସର କିଛି ବରିଷ୍ଠ ଅଫିସର ଓ ଘରୋଇ ହସ୍ପିଟାଲ ନିର୍ଦ୍ଦେଶକଙ୍କ ଭୂମିକା ସନ୍ଦେହଘେରକୁ ଆସିଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ବାଲିଅନ୍ତା ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ମାମଲାରେ ୫ଦିନ ଧରି ବୟାନ ରେକର୍ଡିଂ ଓ ସାକ୍ଷୀମାନଙ୍କୁ ଜେରା କରିବା ପରେ ଦିଲ୍ଲୀ ଫେରିଯାଇଛନ୍ତି ଏନଏଚଆରସିଙ୍କ ଟିମ୍ । ସୌମ୍ୟ ହତ୍ୟା ମାମଲାରେ ବିବାଦୀୟ ପୁଲିସ ଅତିରିକ୍ତ ଡିଜି ଦୟାଲ ଗଙ୍ଗୱାର ଚିଠି ମାଧ୍ୟମରେ ନିଜର ପକ୍ଷ ରଖିଥିବା ଜଣାପଡ଼ିଛି । ଅବଶ୍ୟ ଟିମ୍ ଆଜି ନୂଆଦିଲ୍ଲୀ ଫେରିବା ପୂର୍ବରୁ ଶ୍ରୀ ଗଙ୍ଗୱାରଙ୍କୁ ଫୋନ୍ ଯୋଗେ ସୌମ୍ୟଙ୍କ ସମ୍ପର୍କରେ କେତେକ ପ୍ରଶ୍ନର ସ୍ପଷ୍ଟୀକରଣ ମାଗିବା ସହ ସେସବୁ ରେକର୍ଡ କରିଥିବା ସୂଚନା ମିଳିଛି। ଏନଏଚଆରସିଙ୍କ ତଦନ୍ତକାରୀ ଅଫିସର ରାଜେନ୍ଦ୍ର ସିଂ ଓ ଅବିନାଶ କୁମାର ଘଟଣା ସହ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଜଡ଼ିତ ବ୍ୟକ୍ତିମାନଙ୍କ ବୟାନ ରେକର୍ଡ କରିବା ସହ ସୌମ୍ୟଙ୍କ ଘରକୁ ଯାଇ ପଚରାଉଚୁରା କରିଥିଲେ । ସାଙ୍ଗ ଓମପ୍ରକାଶ, ସହଯୋଗୀ କନେଷ୍ଟବଳ, ଜିମ୍ ସହଯୋଗୀ, ଅଭିଯୋଗକାରିଣୀ ଦୁଇ ଯୁବତୀ ଓ ମାନବାଧିକାର କର୍ମୀ ଭଜମନ ବିଶ୍ୱାଳଙ୍କ ବୟାନ ରେକର୍ଡ କରିଛନ୍ତି । ବାଲିଅନ୍ତା ଥାନାର ତତକାଳୀନ ଆଇଆଇସି, ରେଳବାଇ ଏସପି, କ୍ରାଇମବ୍ରାଂଚ ତଦନ୍ତକାରୀ ଅଧିକାରୀ, ହସ୍ପିଟାଲର ଡାକ୍ତର ଓ ଅନ୍ୟମାନଙ୍କୁ ପଚରାଉଚୁରା କରାଯାଇଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ବାରଙ୍ଗ ଥାନାରେ ଚଣ୍ଡୀପ୍ରସାଦ ଗାଁର ରାକେଶ ବେହେରାଙ୍କୁ ଥାର୍ଡ ଡିଗ୍ରୀ ମାମଲାରେ କଂଗ୍ରେସ ଆଜି ବିଚାର ବିଭାଗୀୟ ତଦନ୍ତ ଦାବି କରିଥିବାବେଳେ ତଦନ୍ତକାରୀ ସଂସ୍ଥା ଏଚଆରପିସିକୁ ଚାଂଚଲ୍ୟକର ତଥ୍ୟ ମିଳିଥିବା ଜଣାପଡ଼ିଛି । କଟକ ଏସସିବି ମେଡିକାଲରେ ଜୀବନ-ମୃତ୍ୟୁ ସହ ସଂଗ୍ରାମ କରୁଥିବା ରାକେଶ ନିର୍ଯାତନା ମାମଲାରେ ଫୁଲନଖରାସ୍ଥିତ ମେଡଏକ୍ସ ହସ୍ପିଟାଲର ନିର୍ଦ୍ଦେଶକ ବିକ୍ରମ କିଶୋର ସେନାପତିଙ୍କ ଭୂମିକା ସନ୍ଦେହଘେରକୁ ଆସିଛି । ସୂତ୍ର ଅନୁସାରେ, ଏଚଆରପିସିରେ ଆଜି ଶ୍ରୀ ସେନାପତିଙ୍କୁ ମାରାଥନ୍ ଜେରାବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଥିବା ଜଣାପଡ଼ିଛି। ଉଭୟ ପୁଲିସ ଓ ରାକେଶଙ୍କ ପରିବାର ସଦସ୍ୟଙ୍କୁ ଅବଗତ ନକରି କେଉଁ ଅଦୃଶ୍ୟ କାରଣରୁ ୪୮ଘଣ୍ଟା ଧରି ନିଜ ହସ୍ପିଟାଲରେ ରଖିଥିଲେ ଓ ପରେ କଟକ ଏସସିବି ମେଡିକାଲରେ ଭର୍ତ୍ତି କରିଥିଲେ ସେହି ଦିଗ ଉପରେ ଏଚଆରପିସି ଏବେ ଖୋଳତାଡ଼ କରୁଥିବା ସୂଚନା ମିଳିଛି।

ଏଫଆଇଆରରେ ଥିବା ତଥ୍ୟ ଅନୁସାରେ, ରାକେଶଙ୍କୁ ଆହତ ଅବସ୍ଥାରେ ବାରଙ୍ଗ ଥାନା ଅଂଚଳରୁ ରାସ୍ତାକଡ଼ରୁ ମେଡଏକ୍ସ ହସ୍ପିଟାଲର ନିର୍ଦ୍ଦେଶକ ଶ୍ରୀ ସେନାପତି ଉଦ୍ଧାର କରି ନିଜ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ମାତ୍ର ରାକେଶଙ୍କୁ ରାସ୍ତାରୁ ଉଦ୍ଧାର କରିବା ସମୟ ଓ ନିଜ ହସ୍ପିଟାଲରେ ଆନୁଷ୍ଠାନିକ ଭାବେ ଆଡମିଶନ କରାଇବା ମଧ୍ୟରେ ପ୍ରାୟ ୧୩ଘଣ୍ଟାର ବ୍ୟବଧାନ ଏବେ ରହସ୍ୟ ବଢ଼ାଇଛି । ଏତେ ସମୟ ଧରି ରାକେଶ କେଉଁଠି ଥିଲେ ଓ କାହା ନିର୍ଦ୍ଦେଶରେ ତାଙ୍କୁ ମେଡଏକ୍ସରେ ଚିକିତ୍ସା ପାଇଁ ପ୍ରାୟ ୪୮ଘଣ୍ଟା ରଖାଯାଇଥିଲା ଏବଂ ଏନେଇ କାହିଁକି ସ୍ଥାନୀୟ ଥାନା, ପରିବାର ସଦସ୍ୟ ଓ ଗାଁ ଲୋକଙ୍କୁ ଅବଗତ କରାଯାଇନଥିଲା ତାହା ଏବେ ଶ୍ରୀ ସେନାପତିଙ୍କ ଭୂମିକାକୁ ସନ୍ଦେହଘେରକୁ ଟାଣିଛି। କେବଳ ସେତିକି ନୁହେଁ, ରାକେଶଙ୍କୁ ବେଆଇନ ଅଟକ ରଖାଯିବାବେଳେ ବାରଙ୍ଗ ଥାନା ପରିସରରେ ପୁଲିସ ଏସିପିଙ୍କ ଉପସ୍ଥିତି ଓ ସମଗ୍ର ଘଟଣାରେ ଡିସିପିଙ୍କ ସ୍ପେଶାଲ ସ୍କ୍ୱାଡର ଭୂମିକା ମଧ୍ୟ ସନ୍ଦେହଘେରକୁ ଆସିଥିବା ଜଣାପଡ଼ିଛି। ପତ୍ନୀଙ୍କ ନିଖୋଜ ମାମଲାକୁ ନେଇ ମଇ ୨୨ତାରିଖରେ ରାକେଶଙ୍କୁ ବାରଙ୍ଗ ଥାନାକୁ ଆଣି ପଚରାଉଚୁରା କରି ପରେ ଛାଡ଼ି ଦେଇଥିଲା ବୋଲି ପୁଲିସ ଦାବି କରୁଛି । ମାତ୍ର ଯଦି ପୁଲିସ ରାକେଶଙ୍କୁ ଥାନାରୁ ଛାଡ଼ିଲା ତା'ହେଲେ କୌଣସି ରାଜିନାମା କିମ୍ବା ବଣ୍ଡପେପର କାହିଁକି ସ୍ୱାକ୍ଷରିତ ହେଲାନାହିଁ ଓ ତାଙ୍କୁ କାହାକୁ ହସ୍ତାନ୍ତର କଲା ତା'ର ମଧ୍ୟ କୌଣସି ଦସ୍ତାବିଜ ପୁଲିସ ପାଖରେ ନଥିବା ଜଣାପଡ଼ିଛି।

ଏହି ବାରଙ୍ଗ ଥାର୍ଡ ଡିଗ୍ରୀ ମାମଲାରେ ରାକେଶଙ୍କୁ ମଦ୍ୟପ ଦର୍ଶାଇ ବାଇକ୍ ଦୁର୍ଘଟଣା ଶିକାର ହେବାର ଯେଉଁ କାହାଣୀ ପ୍ରସ୍ତୁତ କରାଯାଇଛି ତାହା କେବଳ ପୁଲିସର ବର୍ବରତାକୁ ଲୁଚାଇବା ଓ ଆତ୍ମସୁରକ୍ଷା ପାଇଁ ଉଦ୍ଦିଷ୍ଟ ସୁଚିନ୍ତିତ ଚକ୍ରାନ୍ତ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତୁରନ୍ତ ଦୋଷୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜୋର ଧରିଛି।

# ସତେଜ ଫଳ ନାଁରେ ବିକ୍ରି ହେଉଛି 'ସ୍ଲୋ ପଏଜନ' !

ଭୁବନେଶ୍ୱର: ଆପଣ ବଜାରରୁ ବହୁତ ଆଗ୍ରହରେ କିଣୁଥିବା ହଳଦିଆ ଟହଟହ କଦଳୀ ଏବଂ ପାଚିଲା ସୁଆଦିଆ ଆମ୍ବ କେଉଁଠି ଆପଣଙ୍କ ପରିବାର ପାଇଁ 'କାଳ' ସାଜୁନି ତ ଆପଣ ନିଜ ପିଲା, ରୋଗୀ କିମ୍ବା ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟକର ଭାବି ଯେଉଁ ଫଳ ଖାଇବାକୁ ଦେଉଛନ୍ତି, ସେଥିରେ ଅସାଧୁ ବ୍ୟବସାୟୀମାନେ ଜହର ମିଶାଉନାହାନ୍ତି ତ ? ଓଡ଼ିଶା ବଜାରରେ ବିକ୍ରି ହେଉଥିବା କଦଳୀ ଓ ଆମ୍ବରେ ମିଶୁଛି ମାରାତ୍ମକ କ୍ୟାମିକାଲ୍ କ୍ୟାଲସିୟମ କାର୍ବାଇଡ୍ । କଦଳୀ ସବୁକୁ ସତେଜ ରଖିବା ପାଇଁ ବ୍ୟବହାର ହେଉଛି ଏହି ତରଳ ବିଷ । ଯାହା କଦଳୀ ଓ ଅନ୍ୟ ସବୁ ଫଳ ପଚାଇବାକୁ ବ୍ୟବହାର କରୁଛନ୍ତି ବ୍ୟବସାୟୀ । ଇଏ କେବଳ ଭୁବନେଶ୍ୱର ନୁହେଁ ସାରା ରାଜ୍ୟରେ ଚାଲିଛି ଏମିତି ସାଂଘାତିକ ଖେଳ । ସ୍ୱାସ୍ଥ୍ୟକର ଫଳ ଭାବି ପ୍ରତିଦିନ ରୋଗୀ, ବୟସ୍କ, ଗର୍ଭବତୀ ମହିଳା, ଶିଶୁ ଏବଂ କ୍ରୀଡ଼ାବିତମାନେ ପ୍ରଚୁର ପରିମାଣରେ କଦଳୀ ଖାଆନ୍ତି



। କିନ୍ତୁ ଆପଣ ଜାଣିଛନ୍ତି, ଏହି ବିଶ୍ୱାସ ଭିତରେ ଲୁଚି ରହିଛି ସାଂଘାତିକ ଜହର ।ରାଜ୍ୟରେ ପ୍ରତିଦିନ ପ୍ରାୟ ୪୦ ଟନ୍ କଦଳୀ ଦରକାର, ଉତ୍ପାଦିତ ହୁଏ ମାତ୍ର ୨ ଟନ୍ । ଓଡ଼ିଶାରେ କଦଳୀ ଚାହିଦାର ମାତ୍ର ୨ ପ୍ରତିଶତ ଉତ୍ପାଦନ ହୁଏ । ୯୦ ପ୍ରତିଶତରୁ ଅଧିକ କଦଳୀ ଆନ୍ଧ୍ର ଓ ବେଙ୍ଗଲରୁ ଆମଦାନୀ ହୁଏ । ବାହାର ରାଜ୍ୟରୁ କଦଳୀ ଗାଡ଼ିରେ ଓଡ଼ିଶା ଆସିବାକୁ ପ୍ରାୟ ଦୁଇ ଦିନ ଲାଗେ ।

ତେଣୁ ବ୍ୟବସାୟୀ ସେଠାରୁ କଞ୍ଚା କଦଳୀ ଓ କଞ୍ଚା ଆମ୍ବ ଆଣି ଗୋଦାମରେ ରଖନ୍ତି । ଆଉ ତା'ପରେ ଆରମ୍ଭ ହୁଏ ଅସାଧୁ କାରବାର । ମାତ୍ର ୩ ଦିନ ଭିତରେ ଜୋର ଜବରଦସ୍ତ ଫଳକୁ ପଚାଇବା ପାଇଁ ବ୍ୟବହାର କରାଯାଏ ମାରାତ୍ମକ 'କ୍ୟାଲସିୟମ କାର୍ବାଇଡ୍' । କଦଳୀରେ କାର୍ବାଇଡ୍ ପାଉଡର ଦେଇ ଅଖା ବସ୍ତାରେ ଘୋଡ଼ାଇ ରଖାଯାଏ, ଯାହା ଦ୍ୱାରା ଏହା ରାତାରାତି ହଳଦିଆ ଟହଟହ ଦେଖାଯାଏ । ଆସନ୍ତୁ ଜାଣିବା ଏହି କାର୍ବାଇଡ୍ ଆପଣଙ୍କ ଶରୀରକୁ କେମିତି ଧୀରେ ଧୀରେ ମୃତ୍ୟୁ ମୁଖକୁ ଠେଲି ଦିଏ । ବରିଷ୍ଠ ଡାକ୍ତରଙ୍କ କହିବା ଅନୁଯାୟୀ, ଫଳ ପଚାଇବାକୁ ବ୍ୟବହାର କରାଯାଉଥିବା କ୍ୟାଲସିୟମ କାର୍ବାଇଡ଼ରୁ ମାରାତ୍ମକ 'ଏସିଟିଲିନ୍ ଗ୍ୟାସ' ନିର୍ଗତ ହୁଏ । କେବଳ ସେତିକି ନୁହେଁ, ଏଥିରୁ ଆର୍ସେନିକ ଓ ଫସଫରସ୍ ଭଳି ସାଙ୍ଘାତିକ ବିଷାକ୍ତ ଗ୍ୟାସ୍ ବାହାରେ, ଯାହା ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ । କାର୍ବାଇଡ୍ ଦ୍ୱାରା ପଚାଯାଇଥିବା କଦଳୀ କିମ୍ବା ଆମ୍ବ ଖାଇଲେ, ତୁରନ୍ତ ପେଟ ଯନ୍ତ୍ରଣା ଏବଂ ପାଟି ଜଳିବା ଭଳି ଲକ୍ଷଣ ଦେଖାଯାଏ ।ସବୁଠାରୁ ଭୟଙ୍କର କଥା ହେଲା, ଯଦି ଆପଣ ଲଗାତାର ଏହି ଫଳ ଖାଉଛନ୍ତି, ତେବେ କ୍ୟାନସର୍ ହେବାର ଆଶଙ୍କା ଶତପ୍ରତିଶତ ବଢ଼ିଯାଏ । ଏହାସହ କିଡନୀ ସମ୍ପୂର୍ଣ୍ଣ ନଷ୍ଟ ହୋଇପାରେ । ବଜାରରୁ କିଣି ଆଣୁଥିବା ଫଳକୁ ପ୍ରଥମେ ପାଣିରେ ଅତିକମରେ ୫ ମିନିଟ୍ ପର୍ଯ୍ୟନ୍ତ ଭଲ ଭାବରେ ଧୋଇ ଦିଅନ୍ତୁ । ପାଣିରେ ସାମାନ୍ୟ ଭିନେଗାର ମିଶାଇ କିଛି ସମୟ ରଖିବା ପରେ ଧୋଇଲେ ଆହୁରି ଭଲ । ଆମ୍ବ ଖାଇବା ବେଳେ ଚୋପାକୁ ସିଧାସଳଖ ପାଟିରେ ନ ଲଗାଇ, ପ୍ରଥମେ ଚାମଚ ସାହାଯ୍ୟରେ ଭିତର ଅଂଶ ବାହାର କରି ଖାଆନ୍ତୁ । କାରଣ ଏହି ଚୋପା ଦେଇ ହିଁ ଆର୍ସେନିକ ଓ ଫସଫରସ୍ ଗ୍ୟାସ୍ ମଣିଷ ଶରୀର ଭିତରକୁ ପ୍ରବେଶ କରେ ଓ ମାରାତ୍ମକ ରୋଗ ସୃଷ୍ଟି କରେ ।

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, Ph. (0680) 3560603, 7749999711, 9337892106,
ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
Editor: Pramod Kumar Panda